**କର୍କଟ** - ରାଶ୍ୟାଧିପତି କୋଣଭାବସ୍ଥ ଯୋଗୁ ଦୀର୍ଘ ଦିନର ସ୍ଥଗିତ କାମକୁ ଆରମ୍ଭ କରିବାର ସୁଯୋଗ ପାଇବେ। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅଶ୍ଳେଷା ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀଙ୍କ ସହିତ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ସିଂହ** - ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ଚେଷ୍ଟା କରୁଥିବା କାମରେ ଶୁଭଫଳ ପାଇବେ। ମଘା ନକ୍ଷତ୍ରର ମାଙ୍ଗଳିକ ପରିବେଶରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତତା ଭିତରେ ମିଶିବାକୁ ଆସିଥିବା ସହକର୍ମୀଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ।

**କନ୍ୟା** - ଅନ୍ୟମନସ୍କ, ଅସାବଧାନତା କିମ୍ବା ପକେଟମାର ଦ୍ୱାରା ଆଜି ଧନହାନିର ଆଶଙ୍କା ରହିଛି। କାମଗୁଡ଼ିକ ଆଜି ପରିସ୍ଥିତିବଶତଃ ବାସ୍ତବରେ ଓଲଟା ହେବାରୁ ଦୁଃଚିନ୍ତାଗ୍ରସ୍ତ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଆଦୃତ ହେବେ। ହସ୍ତା ନକ୍ଷତ୍ରର ପାରସ୍ପରିକ ବୁଝାମଣାକୁ ନେଇ ପରିବାରରେ ଅଶାନ୍ତି ଦୂର ହୋଇଯିବ।

**ତୁଳା** - ଆଜି ବିଶାଖା ନକ୍ଷତ୍ର ସକାଶେ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଗତି କରିବାକୁ ପଡ଼ିପାରେ। ଏପରି କି କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। ଅବଶ୍ୟ କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ବିଛା** - ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ବ୍ୟବସାୟରେ ମାନମନାନ୍ତର ଦେଖାଦେବ। ଆଜିର ଆନୁଷ୍ଠାନିକ କାମରେ ଜ୍ୟେଷ୍ଠା ନକ୍ଷତ୍ରର ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ଗୃହସୀମା କିମ୍ବା ଜମିଜମାକୁ ନେଇ ନିକଟ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** - ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକୁ ଅଟକାଇ ଦେଇପାରେ। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ସହଯୋଗ ପାଇବା କଷ୍ଟକର ହେବ। ପୂର୍ବାଷାଢା ନକ୍ଷତ୍ର ନିର୍ମାଣ କ୍ଷେତ୍ରରେ ଚାପର ସମ୍ମୁଖୀନ ହେବେ। ପ୍ରିୟଜନଙ୍କ ସହିତ ଆଜିର ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହେବ।

**ମକର** - ଆଜି ଯେଉଁ କାମରେ ହାତ ଦେବେ ସଫଳତା ପାଇବା କଷ୍ଟକର ହେବ। ନିଜ ପାଇଁ ଉପଭୋଗ୍ୟ ନ ହେଲେ ମଧ୍ୟ ଘରେ ବନ୍ଧୁ ମିଳନଜନିତ ଆମୋଦର ସୁଅ ଛୁଟିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମସ୍ୟା ସୃଷ୍ଟି ହେବାରୁ ପୂର୍ଣ୍ଣାଙ୍ଗ ହେବାକୁ ଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଧନିଷ୍ଠାର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** - ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସଙ୍ଗକୁ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଶତଭିଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିବ। ସାମାନ୍ୟ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ଅତିବାହିତହେବ। ଆନୁଷ୍ଠାନିକ କାମ, ସଭାସମିତି, ସତ୍‌ସଙ୍ଗ, ଆଧ୍ୟାତ୍ମିକତା, ରାଜନୀତି ପାଇଁ ଦିନଟି ବହୁତ ଭଲ।

**ମୀନ** - କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି କର୍ମମୁଖର ରହିପାରନ୍ତି। ଆକସ୍ମିକ ଭାବରେ ଅଫିସ୍‌ରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। କାର୍ଯ୍ୟହାନି କାରଣରୁ ଉତ୍ତରଭାଦ୍ରପଦ୍ ନକ୍ଷତ୍ର ହତାଶାବୋଧ କରିପାରନ୍ତି।

ଆଜି ଜୁଲାଇ ୮ ତାରିଖ, ନୀଳାଦ୍ରିବିଜେ, ରସଗୋଲା ଦିବସ। ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ମଙ୍ଗଳବାର, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୭ମି. ଗତେ ଘ.୦୬.୫୬ମି. ମଧ୍ୟେ, ଦିବା ଘ.୦୯.୪୦ମି. ଗତେ ଘ.୧୨.୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩.୦୮ମି. ଗତେ ଘ.୦୪.୪୭ମି. ମଧ୍ୟେ ରାହୁ କାଳ।

# ଶିବିରରେ ୧୬୪ ଅଭିଯୋଗ ପଞ୍ଜୀକୃତ

ଭବାନୀପାଟଣା,୭।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ସୋମବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଓ ଜିଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୬୪ ଆପତ୍ତି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିରୁ ୧୪୯ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ରହିଥିଲା। ୨୯ ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି



ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରୁଛନ୍ତି ଜିଲାପାଳ।

ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ପାନୀୟଜଳ, ରାଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ ବିଭାଗ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା ଆଦି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହିସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେଶନ) ଅନିମେସ

### ୨୯ ଅଭିଯୋଗର ତତ୍କାଳ ସମାଧାନ

ପ୍ରଧାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯାମୀ କହଁର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ପାରା ବ୍ୟାଡ୍‌ମିଣ୍ଟନରେ ବ୍ରୋଞ୍ଜ ଜିତିଲେ ଆକାଶ




ଭବାନୀପାଟଣା,୭।୭(ଉତ୍ତମ କୁମାର ଦାଶ): ଉଗାଣ୍ଡାଠାରେ ଗତ ଜୁଲାଇ ପହିଲାରୁ ଚାଲିଥିବା ଆନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୦ ଦେଶର ଶହେ ଜଣ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରୁ ଭାରତ ପାଇଁ ପ୍ରତିନିଧିତ୍ୱ କରି କଳାହାଣ୍ଡିର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ଆକାଶ ରଞ୍ଜନ ମୁଣ୍ଡ ଅସୁସ୍ଥତା ହୋଇ ମଧ୍ୟ ଉତ୍ତମ ପ୍ରଦର୍ଶନ କରି ଚମକିଛନ୍ତି। ସେ ଏସ୍‌ଏଲ୍ -୩ ପୁରୁଷ ସିଙ୍ଗଲରେ ବ୍ରୋଞ୍ଜ ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

### ବନ ମହୋତ୍ସବରେ ସାମୂହିକ ଚାରା ରୋପଣ

ଖଡ଼ିଆଳ,୭।୭ (ସୁଜିତ କୁମାର ପ୍ରଧାନ): ଖଡ଼ିଆଳ ବନଖଣ୍ଡ ଆର୍ତ୍ତତ୍ରାଣପୁର ଗ୍ରାମର ଚକା ଡଙ୍ଗରଠାରେ ବନ ମହୋତ୍ସବ ଅବସରରେ ସାମୂହିକ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଖଡ଼ିଆଳ ବନପାଳ ଜୟଦେବ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଓ ପୂର୍ବତନ ଫରେଷ୍ଟ ୱାର୍ଡନ ଫକିର ମୋହନ ଜଗତ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁନୀତା ଦାଶ, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଏସିଏଫ୍ ପ୍ରସନ୍ନଜିତ ନାଏକ, ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା ହିଁ ଜୀବଜଗତକୁ ବଞ୍ଚାଇପାରିବ ବୋଲି କହିଥିଲେ। ଏ ଅବସରରେ ସ୍ଥାନୀୟ ଜଙ୍ଗଲରେ ବିଭିନ୍ନ ପ୍ରକାରର ପ୍ରାୟ ପାଞ୍ଚ ହଜାର ଚାରା ରୋପଣ କରାଯାଇଥିଲା। ଏଥିରେ ବନ ସଂରକ୍ଷଣ କମିଟି ଆର୍ତ୍ତତ୍ରାଣ ପୁରର ସଭାପତି ହେମନ୍ତ କାଣ୍ଡ, ଉପସଭାପତି ମନୋଜ କୁମାର ବନ୍ଛୋର୍, ସ୍ଥାନୀୟ ଫରେଷ୍ଟର ରାଜେଶ ହରିଜନ, ହାଇସ୍କୁଲ ଛାତ୍ରୀଛାତ୍ର ସାମିଲ ଥିଲେ।

### ଯୁବକ ସଂଘ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

କର୍ଲାମୁଣ୍ଡା,୭।୭(ପ୍ରଦୀପ କୁମାର ସାହୁ): କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ଶାନ୍ତିବନ ପରିସରରେ ମା' ପାଇଁ ଗଛଟିଏ ଓ ବିଶ୍ୱ ବନ ମହୋତ୍ସବ ଉପଲକ୍ଷେ ହରଗୌରୀ ଯୁବକ ସଂଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅମର ଯୁକ୍ତ ୩ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ରାଜେନ୍ଦ୍ର ଗହୀର, କର୍ଲାମୁଣ୍ଡା ବ୍ଲକ ସାଂସଦ ପ୍ରତିନିଧି ହୃଦାନନ୍ଦ ସାହୁ, ପ୍ରକୃତି ବନ୍ଧୁ ସନତ କୁମାର ସାହୁ, ସାମାଜିକ କର୍ମୀ ଅମିତ କୁମାର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ମହାବିଦ୍ୟାଳୟ କୁଶୁର୍ଲା ଏ୍ଏସ୍ଏସ୍ ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଯୁବକ ସଂଘ ସଭାପତି ଯୁଗେଶ ଚନ୍ଦ୍ର ଜାନି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାହୁଲ ଗାନ୍ଧୀଙ୍କ ଗସ୍ତ ନେଇ ବୈଠକ

ଖଡ଼ିଆଳ,୭।୭ (ସୁଜିତ କୁମାର ପ୍ରଧାନ): ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତକୁ ନେଇ ନୂଆପଡ଼ା ଜିଲା ଖଡ଼ିଆଳ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡ଼ିଆଳ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି ସଭାପତିତ୍ୱ କରିଥିଲେ। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମକୁ ନେଇ ନୂଆପଡ଼ା ଓ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ଭୂମିକା ଉପରେ ବିଶଦ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଯେପରି କଂଗ୍ରେସ କର୍ମୀ ଯୋଗଦାନ କରିବେ ସେ ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା।




ବିକାଶ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଦାୟିତ୍ୱ ସମ୍ପାଦନ କରିବା ଉତ୍ତମ ପ୍ରତିନିଧିର କର୍ତ୍ତବ୍ୟ

ଭବାନୀପାଟଣା,୭।୭(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ସୋମବାର ଇନଭେଷ୍ଟିଚର୍ ସେରିମନି- ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଚେୟାରମ୍ୟାନ ଡି. ନାଗେଶର ରାଓ ମୁଖ୍ୟ ଅତିଥି ଓ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚଳିତ ଶିକ୍ଷାବର୍ଷ ନିମନ୍ତେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଲିଖିତ ଓ ମୌଖିକ ପରୀକ୍ଷା, ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ବିଭିନ୍ନ କ୍ଲବ, ହାଉସ ନିମନ୍ତେ ସଦସ୍ୟ ଓ ହେଡ ବୟ, ହେଡ ଗର୍ଲ ଚୟନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ମନୋଜ କୁମାର ବିଶ୍ୱାଳ ନିର୍ବାଚିତ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବା ଜଣେ ଉତ୍ତମ ପ୍ରତିନିଧିର ମୁଖ୍ୟ କର୍ତ୍ତବ୍ୟ ବୋଲି କହିଥିଲେ। ଶେଷରେ ଶିକ୍ଷକ ସୁରେଶ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଟାପଲା କେନାଲ ପୋଲ ବିପଦସଙ୍କୁଳ

କର୍ଲାମୁଣ୍ଡା,୭।୭ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଉତେଇ ଜଳସେଚନ ପ୍ରକଳ୍ପର ମୁଖ୍ୟକେନାଲର ଭଟାପଲା ଛକ ପାଖରେ ଥିବା ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା ଥିବା ବୋର୍ଡ ଲଗାଯାଇଥିବାରୁ ଲୋକେ ଯାତାୟାତ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନାଲ ଖନନ ହେବା ସମୟରୁ ଅର୍ଥାତ୍ ସତୁରି ଦଶକରେ ଏହି ପୋଲ ନିର୍ମାଣ ହୋଇଥିଲା। ଏହି ପୋଲଦେଇ କର୍ଲାମୁଣ୍ଡା ବ୍ଲକର ରିଞ୍ଚା, ବୋରପଦର ପଞ୍ଚାୟତର ଶହ ଶହ ଲୋକ ପ୍ରତ୍ୟହ ଯାତାୟାତ କରିଥାନ୍ତି। ଏହି ରାସ୍ତାଦେଇ ମଦନପୁର, ରାମପୁର ଯିବା ପାଇଁ ଅଳ୍ପ ସମୟ ଲାଗିଥାଏ। ହେଲେ ବିଭାଗ ପକ୍ଷରୁ ବିପଦ ସତର୍କ ସୂଚନା ଥିବା ବୋର୍ଡ ଲାଗିବା ପରେ ଲୋକଙ୍କୁ ମଦନପୁର




ବିପଦପୂର୍ଣ୍ଣ ପୋଲ ନିକଟରେ ସତର୍କ ବୋର୍ଡ ଲଗାଯାଇଛି।

ଯିବା ପାଇଁ ୬କି.ମି. ସ୍ଥାନରେ ୨୦କି.ମି. ରାସ୍ତା ବୁଲିଯିବାକୁ ପଡୁଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ବୋରପଦର ପଞ୍ଚାୟତବାସୀଙ୍କ ପକ୍ଷରୁ ସରପଞ୍ଚ ସୁବାସ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏସ୍‌ଡିଓ)ଙ୍କୁ ପଚାରିବାରୁ ପୋଲ ବିପଦ ଥିବାରୁ ସତର୍କ ବୋର୍ଡ ଲଗାଯାଇଛି, ଖରିଫ ଚାଷ ପରେ ପୋଲର ପୁନରୁଦ୍ଧାର କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଟ୍ରାକ୍ଟର ଧକ୍କାରେ ନାବାଳକଙ୍କ ମୃତ୍ୟୁ

ନୂଆପଡ଼ା,୭।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ଗାଁର ଜଣେ ନାବାଳକଙ୍କ ଆନ୍ଧ୍ରପ୍ରଦେଶରେ ଟ୍ରାକ୍ଟର ଧକ୍କାରେ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ରୂପେଶ ତାଣ୍ଡି (୧୫)। ସୂଚନା ମୁତାବକ ସିହିନାମୁଣ୍ଡାର ଧନୁ ତାଣ୍ଡି ଓ ସ୍ତ୍ରୀ ଶୈଳ ତାଣ୍ଡି ଗତ ଜାନୁଆରୀ ମାସରେ ଆନ୍ଧ୍ରପ୍ରଦେଶ ଯାଇ ଏକ ଇଟାଭାଟିରେ କାମ କରୁଥିଲେ। ଧନୁଙ୍କ ଦୁଇ ପୁଅ ରୂପେଶ ଓ ପାରକଲ ତାଣ୍ଡି (୧୩) ଘରେ ରହି ପଢାପଢି କରନ୍ତି। ମା'ବାପାଙ୍କୁ ଦେଖା କରିବା ଲାଗି ଗତ ଜୁନରେ ରୂପେଶ ଆନ୍ଧ୍ରପ୍ରଦେଶ ଯାଇଥିଲେ। ଶନିବାର ରୂପେଶ ଇଟାଭାଟି ସମ୍ମୁଖରେ ଛିଡା ହୋଇଥିବା ବେଳେ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଫଳରେ ରୂପେଶ କିଛିଦୂର ଛିଟିକି ପଡି ଚେତାଶୂନ୍ୟ ହୋଇ ଯାଇଥିଲେ। ଇଟାଭାଟିରେ କାର୍ଯ୍ୟରତ ଶ୍ରମିକମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେଠାକାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ମା'ବାପାଙ୍କୁ ହସ୍ତାନ୍ତର କରିଛି। ମା'ବାପା ସେଠାରେ ପୁଅର ଅନ୍ତିମ ସତ୍କାର କରି ଘରକୁ ଫେରିଛନ୍ତି। ପୁଅକୁ ହରାଇ ଉଭୟ ଦୁଃଖରେ ଭାଙ୍ଗି ପଡିଛନ୍ତି।

# ବନ ମହୋତ୍ସବରେ ଆଇନ ସଚେତନତା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଧର୍ମଗଡ, ୭।୭ (ଘାସିରାମ ଜଗତ)

ବନ ମହୋତ୍ସବ ସପ୍ତାହ ଅବସରରେ ତାଲୁକ ଆଇନସେବା ସମିତି ଧର୍ମଗଡ ଦ୍ୱାରା ଛିଲିପା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଅତିରିକ୍ତ ଜିଲା ଜଜ୍ ତଥା ତାଲୁକ ଆଇନସେବା ସମିତି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ବନରକ୍ଷୀ ଶରଧାପୁର ଝୁନୁମାଳା ସାହୁ, ବରିଷ୍ଠ ଆଇନଜୀବୀ ମିହିର ରଞ୍ଜନ ପାଢୋଶୀ, ସୁଧୀର ସାହୁ, ସଂଯୁକ୍ତା ପଣ୍ଡା, ସରପଞ୍ଚ ଛିଲିପା ବିଭୁଦତ୍ତ ପ୍ରଧାନୀ, ନାଏବ ସରପଞ୍ଚ ଲିଲି ସାଗର, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଥୁରାମ ସା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ତାଲୁକ ଆଇନସେବା ସମିତି ଅଧ୍ୟକ୍ଷ ପ୍ରଧାନ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୃକ୍ଷର ଆବଶ୍ୟକତା ତଥା ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସଂରକ୍ଷଣ, ପ୍ରାକୃତିକ ଦୁର୍ବିପାକ, ସୁସ୍ଥ ଓ ସ୍ୱଚ୍ଛ ପରିବେଶ ବିଷୟରେ ବୁଝାଇଥିଲେ। ସଂଯୁକ୍ତା ପଣ୍ଡା ସଭା ପରିଚାଳନା କରିଥିବାବେଳେ ମଥୁରାମ ସା ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ସମସ୍ତେ ବୃକ୍ଷରୋପଣ କରିଥିଲେ।

### ସାପ୍ତାହିକ ବଜାର ପଡ଼ିଆ କାଦୁଅ ପଚପଚ

ପଲମ, ୭।୭ (ଭିକାରି ଗଉଡ଼): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭାନପୁର ପଞ୍ଚାୟତର ବାଲିପଡ଼ା ସପ୍ତାହିକ ବଜାର ପଡିଆ କାଦୁଅ ପଚପଚ ହୋଇପଡିଥିବାରୁ ବ୍ୟବସାୟୀ ଓ ଖାଉଟିଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଭବାନୀପାଟଣା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଦ୍ୱାରା ପରିଚାଳିତ ହେଉଥିବା ଏହି ବଜାର ସପ୍ତାହର ସୋମବାର ଦିନ ବସିଥାଏ। ଏଠାକୁ ଆଖପାଖ ଅଞ୍ଚଳର ବ୍ୟବସାୟୀ ବିଭିନ୍ନ ସାମଗ୍ରୀ ଆଣି ବିକ୍ରି କରିଥାନ୍ତି। ବ୍ଲକର ଏହା ଏକ ମୁଖ୍ୟ ବଜାର ହୋଇଥିବାବେଳେ ପ୍ରତି ସପ୍ତାହରେ ଟିକସ ଆକାରରେ ବେପାରୀଙ୍କଠାରୁ ଅର୍ଥ ଆଦାୟ ହୋଇଥାଏ। ହେଲେ ଉନ୍ନତୀକରଣ ଦିଗରେ ଧ୍ୟାନ ଦିଆଯାଉ ନ ଥିବାରୁ ବର୍ଷା ଦିନରେ ବଜାର ପଡ଼ିଆ କାଦୁଅ ପଚପଚ ହୋଇଯାଉଛି। ଗୋରୁ ବଜାର ପଡିଆଟି ମଧ୍ୟ କାଦୁଅ ପରିପୂର୍ଣ୍ଣ ହୋଇଯାଇଛି। ଏ ସମ୍ପର୍କରେ ଭାନପୁର ସରପଞ୍ଚ ଅନନ୍ତ ରାମ ମାଝୀଙ୍କୁ ପଚାରିବାରୁ ଲଗାଣ ବର୍ଷା ଯୋଗୁ ମେଟାଲ, ବାଲି, ମୋରମ ପକାଇ ହେଉନାହିଁ। ବର୍ଷା କମିଲେ ସମସ୍ତ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଥିଲେ।

### ବନ ମହୋତ୍ସବ

ଲାଞ୍ଜିଗଡ଼, ୭।୭(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ମୂଷାନାଳ ସେକ୍ସନ ଅନ୍ତର୍ଗତ ଟକଲାସୁରଠାରେ ୭୬ତମ ବନ ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟ ଅତିଥି ଓ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ ଜୋନ-୧ ଜିଲା ପରିଷଦ ସଦସ୍ୟା ଅଞ୍ଜଳି ମାଝୀ, ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱନାଥପୁର ଏସିଏଫ୍ ନରୋତ୍ତମ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୂଷାନାଳ ବନପାଳ ଚିନ୍ତାମଣି ମାଝୀ ପରିଚାଳନା କରିଥିଲେ। ସୁରେଶ ରାଉତ, ଧରଣୀଧର ପଣ୍ଡା, ଭାଗୀରଥି ନାଏକ, ପଦ୍ମଲୋଚନ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ।

# ୧୬୭ ଅଭିଯୋଗରୁ ୩୫ ତୁରନ୍ତ ସମାଧାନ



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

ଗୋଲାମୁଣ୍ଡା, ୭।୭ (ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ସୋମବାର ଖମାରହଳଦୀ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୬୭ ଅଭିଯୋଗରୁ ୩୫ଟିର ତୁରନ୍ତ ସମାଧାନ ହୋଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗାଁ ଗାଁରେ ପହଞ୍ଚାଇବା ଆମର ଉଦ୍ଦେଶ୍ୟ ବୋଲି ବ୍ଲକ ଅଧ୍ୟକ୍ଷ ମହାନନ୍ଦ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ସହକାରୀ ଯନ୍ତ୍ରୀ ଚିତ୍ତ ରଞ୍ଜନ ଜେନା, ପିଇଓ ବିଶ୍ୱ ରଞ୍ଜନ ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବିହାରୀ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ଯୋଗାଣ ବିଭାଗରୁ ରୁପେଶ ବେମାଲ, ସରପଞ୍ଚ ରବୀନ୍ଦ୍ର କୁମାର ମୁଣ୍ଡ ସମେତ ଖମାର ହଳଦୀ ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ଖରିଫ ଚାଷ ପାଇଁ ଖୋଲିଲା ମୁଖ୍ୟ କେନାଲ ଫାଟକ

ଖଡ଼ିଆଳ,୭।୭ (ସୁଜିତ କୁମାର ପ୍ରଧାନ)

ଚଳିତ ବର୍ଷ ଖରିଫ ଚାଷ ପାଇଁ ଖଡ଼ିଆଳ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ବାମପାର୍ଶ୍ୱ ମୁଖ୍ୟ କେନାଲରୁ ସୋମବାର ଜଳ ଛଡାଯାଇଛି। ଅଧୀକ୍ଷଣ ଯନ୍ତ୍ରୀ କେନାଲ ବିଭାଜନ ଖଡ଼ିଆଳ, ସୌମ୍ୟ କିଶୋର ଜୟପୁରିଆ, ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ, ମା' ରକ୍ତାମ୍ବରି ଡିଷ୍ଟ୍ରିବ୍ୟୁଟାରି କମିଟି ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଦୁଷ୍ମନ୍ତ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ବାମପାର୍ଶ୍ୱ ମୁଖ୍ୟ କେନାଲର ଫାଟକ ଖୋଲାଯାଇ ଜଳଯୋଗାଣ ଆରମ୍ଭ କରାଯାଇଥିଲା। ଏହି ଜଳଯୋଗାଣ ନଭେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ଜଣାପଡିଛି। ଏହି ପ୍ରକଳ୍ପ ମାଧ୍ୟମରେ ୨୯ ହଜାର ୯୯୦ ହେକ୍ଟର ଜମିରେ ଜଳସେଚିତ ହେବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ପ୍ରକଳ୍ପର ଜଳଧାରଣ କ୍ଷମତା ୨୬୫ ମିଟର ଥିବାବେଳେ ବର୍ତ୍ତମାନ ଏହା ୨୬୦.୦୨ ମିଟର ରହିଛି।



କେନାଲ ଗେଟ୍ ଖୋଲିବା ଅବସରରେ ଉପସ୍ଥିତ ଅଧିକାରୀମାନେ।

### କେସିଙ୍ଗାରେ ସ୍ୱଚ୍ଛ ଭାରତ ଅଭିଯାନ

କେସିଙ୍ଗା,୭।୭ (ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହୋଇଛି। ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ କରାଯାଇଛି। ପ୍ରତ୍ୟକ ମାସର ୬ ତାରିଖ ସମସ୍ତ ପଞ୍ଚାୟତରେ ଏଭଳି ମିଳିତ ସ୍ୱଚ୍ଛତା ଅଭିଯାନ ଚାଲିବ ବୋଲି ବିଡିଓ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମପଞ୍ଚାୟତର ଏମ୍‌ବିକେ, ସିଆର୍‌ପି, ପଞ୍ଚାୟତରେ ଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକା ଏବଂ ସଦସ୍ୟାମାନେ ସହଯୋଗ କରୁଛନ୍ତି। ଏହି ଅଭିଯାନ ଚାଲୁରହିଲେ ସ୍ୱଚ୍ଛତା ପ୍ରତି ଲୋକେ ଯତ୍ନବାନ ହେବେ ବୋଲି ଆଲୋଚନା ହେଉଛି।

# ସ୍କୁଲରେ ପଶିଲା ବର୍ଷାପାଣି: ଡ୍ରେନ୍ ନିର୍ମାଣ ଦାବି

ଥୁଆମୂଳ ରାମପୁର,୭।୭ (ଦୁର୍ଗା କୀର୍ତ୍ତି)

ସାରା ରାଜ୍ୟରେ କିଛିଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଛି। ଏହାର ପ୍ରଭାବ ଥୁଆମୂଳ ରାମପୁର ବ୍ଲକରେ ଦେଖିବାକୁ ମିଳିଛି। ଲଗାଣ ବର୍ଷା ଯୋଗୁ ବ୍ଲକ ଅଧୀନ ଓଡ୍ରି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ଭିତରେ ପାଣି ପଶିଛି। ଏଥିଯୋଗୁ ବିଦ୍ୟାଳୟ ପରିସର କାଦୁଅ ପଚପଚ ହୋଇପଡିଥିବାବେଳେ ପାଠପଢା କେତେକାଂଶରେ ବ୍ୟାହତ ହୋଇଛି। ଡ୍ରେନ୍ ବ୍ୟବସ୍ଥା ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଥିବା କୁହାଯାଉଛି। ୧୯୯୯ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୮ ଛାତ୍ରୀଛାତ୍ର ଥିବାବେଳେ ୨ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈବଲ୍ୟ ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତୁମେଶ୍ୱର ନାଏକଙ୍କ ସମେତ ଅଭିଭାବକ ଏହି ବିଦ୍ୟାଳୟ ଦେଇ ଯାଇଥିବା ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ ସୁଫଳ ମିଳିନାହିଁ। ଫଳରେ ବର୍ଷା ସମୟରେ ରୋଷେଇ ଗୃହ, ଶ୍ରେଣୀ ବାରଣ୍ଡାରେ ପାଣି ଜମିବା ସହ ଆବର୍ଜନା ପ୍ରବେଶ କରୁଛି। ଏହାକୁ ସଫା କରିବା ନିତିଦିନିଆ ଘଟଣା ପାଲଟୁଛି ବୋଲି ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି। ଏହାଛଡା ମରାମତି ହେବାର ବର୍ଷେ ବିତି ନ ଥିବାବେଳେ ୨ ଶ୍ରେଣୀ ଗୃହ ଛାତରୁ ପାଣି ଝରୁଥିବା ପ୍ରଧାନ ଶିକ୍ଷକ କହିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଗୃହ ମରାମତି ସହ ବିଦ୍ୟାଳୟ ପରିସରରେ ଡ୍ରେନ୍ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।




ବିଦ୍ୟାଳୟ ପରିସରକୁ ବର୍ଷାପାଣି ପ୍ରବେଶ କରୁଛି।

## ସଂକ୍ଷେପରେ

### ଗଛରେ ପିଟିହୋଇ ବାଇକ୍ ଚାଳକ ମୃତ

ବଘିଆପଡ଼ା, ୭।୭(ଶ୍ରୀକାନ୍ତ ସାହୁ)- ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଜହ୍ନାପଙ୍କ- ଖଲିଆପାଲି ରାସ୍ତାର ତାଳଗରି ଛକରେ ଗତ ରବିବାର ରାତିରେ ଏକ ଗଛରେ ବାଇକ୍ ପିଟି ହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଜାପଦର ଗ୍ରାମର ସିଦ୍ଧାନ୍ତ ମହାପାତ୍ର(୧୯)।ସେ ଏକ ବାଇକ୍(ଓଡି-୩୧-ସି-୨୨୪୫) ଯୋଗେ ଯାଉଥିବା ବେଳେ ଜହ୍ନାପଙ୍କ-ଖଲିଆପାଲି ରାସ୍ତାର ତାଳଗରି ଛକରେ ଏକ ଲିମ୍ବଗଛରେ ବାଇକ ପିଟି ହୋଇଥିଲା। ଫଳରେ ସିଦ୍ଧାନ୍ତ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ମେଡିକାଲ ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବଘିଆପଡ଼ା ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ନୃସିଂହନାଥରେ ମାର୍ବଲ ପଥରରେ ଖସି ବୃଦ୍ଧା ଆହତ

ପାଇକମାଳ,୭।୫(ବଡ଼ ଶତପଥୀ): ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ସୋମବାର ମାର୍ବଲ ପଥରରେ ଖସି ପଡ଼ି ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗ୍ରାମର ନିରାଶ ପ୍ରଧାନ (୫୯)। ଗ୍ରାମର କେତେକ ଲୋକଙ୍କ ସହ ନିରାଶ ତାଙ୍କର ଜଣେ ସମ୍ପର୍କୀୟଙ୍କ ଚୁଟି ପକାଇବା ପାଇଁ ନୃସିଂହନାଥ ପୀଠକୁ ଆସିଥିଲେ। ସେ ନୃସିଂହନାଥ ମନ୍ଦିରରେ ଲାଗିଥିବା ମାର୍ବଲରେ ଯାଉଥିବା ସମୟରେ ବର୍ଷା ହେତୁ ଖସି ପଡ଼ିଥିଲେ। ଫଳରେ ବୃଦ୍ଧା ଆହତ ହୋଇବାରୁ ତାଙ୍କୁ ପାଇକମାଳ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ପଦ୍ମପୁର ଡାକ୍ତରଖାନାକୁ ନିଆଯାଇଥିବା ଜଣାପଡିଛି।

# ବୌଦ୍ଧ ବିଧାୟକଙ୍କ ନାଁରେ ମିଥ୍ୟା ସତ୍ୟପାଠ ମାମଲା

### ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ସୂଚନା

ବୌଦ୍ଧ,୭।୭(ଅଜିତ କୁମାର ବାରିକ)


ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ସୂଚନା ପ୍ରଦାନ କରାଯାଉଛି।

ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ୨୦୨୪ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ପକ୍ଷରୁ ବୌଦ୍ଧ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଗତ ତା.୨୬/୦୪/୨୦୨୫ରିଖରେ ଏକ ମାମଲା (ନଂ.୨/୨୦୨୫) ରୁଜୁ ହୋଇଛି। ଏ ନେଇ ବୌଦ୍ଧ ସର୍କିଟ ହାଉସ୍‌ରେ ସୋମବାର ବିଜେଡି ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ପୂର୍ବତନମନ୍ତ୍ରୀ ଅମାତ ଅଭିଯୋଗ କରି କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନରେ ବୌଦ୍ଧ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିବା ବିଧାୟକ ସରୋଜ କୁମାର ପ୍ରଧାନ ତାଙ୍କ ସତ୍ୟପାଠରେ ଅନେକ ତଥ୍ୟ ଦେଇନାହାନ୍ତି। ବିଧାୟକ ଦାଖଲ କରିଥିବା ସତ୍ୟପାଠରେ ତାଙ୍କ ନାଁରେ ୫ଟି ମାମଲା ରହିଥିବା ଉଲ୍ଲେଖ ରହିଛି। କିନ୍ତୁ ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ୮ ନଂ. ଜୋନ୍‌ର ଭାଜପା ଜିଲା ପରିଷଦ ପ୍ରାର୍ଥୀ ଥିବା ହନୁମାନ ବେହେରାଙ୍କୁ ଜାତିଆଣ ଆକ୍ଷେପ ସହ ମରଣାନ୍ତକ ଆକ୍ରମଣ କରିଥିବା ନେଇ ପୁରୁଣାକଟକ ଥାନାରେ ତାଙ୍କ ନାମରେ ଏକ ମାମଲା (ନଂ.୨୫/୧୯) ରୁଜୁ ହୋଇଛି। ଆକ୍ରମଣର ଶିକାର ହୋଇଥିବା ହନୁମାନ ଦଳିତ ଏବଂ ସେ ୨୦୧୯ରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭବାନୀପାଟଣା ସଭାକୁ ଯାଇଥିବା ଯୋଗୁ ତାଙ୍କୁ ଆକ୍ରମଣ କରାଯାଇଥିଲା। ଗତ ସାଧାରଣ ନିର୍ବାଚନରେ ପ୍ରଧାନ ଭାଜପା ବିଧାୟକ ପ୍ରାର୍ଥୀ ହେବା ପରେ ଦଳିତ ଭୋଟ ବ୍ୟାଙ୍କ ଉପରେ ପ୍ରଭାବ ପଡିବା ଆଶଙ୍କାରେ ଜାଣିଶୁଣି ଏହି ମାମଲାକୁ ସତ୍ୟପାଠରେ ଦର୍ଶାଇ ନ ଥିବା ଅମାତ ଅଭିଯୋଗ କରିଛନ୍ତି। ଉକ୍ତ ମାମଲାରେ ବିଧାୟକ ପ୍ରଧାନ ପ୍ରଥମେ ଥାନା ଏବଂ ପରେ ଅଦାଲତରୁ ଜାମିନରେ ଆସିଥିବାବେଳେ ଏହି ମାମଲା ଏବେ ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍‌ଙ୍କ ନିକଟରେ (କେସ୍ ନଂ.୨୩/୧୯)ରେ ବିଚାରାଧୀନ ରହିଥିବା ସେ ସୂଚନା ଦେଇଥିଲେ। ଏହାବ୍ୟତୀତ ବିଧାୟକ ପ୍ରଧାନଙ୍କ ପକ୍ଷରୁ ସତ୍ୟପାଠରେ ଦିଆଯାଇଥିବା ସମ୍ପତ୍ତି ତାଲିକାକୁ ନେଇ ମଧ୍ୟ ଅମାତ ପ୍ରଶ୍ନ ଉଠାଇଛନ୍ତି। ବିଧାୟକଙ୍କ ନାମରେ ଅଧିକ ଜମି ରହିଥିଲେ ମଧ୍ୟ ସତ୍ୟପାଠରେ ସେ କମ୍ ଦର୍ଶାଇଥିବା ଅମାତ କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ଅଶୋକ କୁମାର ସାହୁ, ଅବକାଶ ସାହୁ ଓ ଅମ୍ରିତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବାପା, ଦୁଇ ପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ

ବୌଦ୍ଧ,୭।୭(ଅଜିତ କୁମାର ବାରିକ)

### କାଶଲପୁର ବିଜ୍ଞାନ ବାରିକ ହତ୍ୟା ମାମଲା

ବୌଦ୍ଧ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ସୋମବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ବାପା ଓ ଦୁଇ ପୁଅଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୨ବର୍ଷ କାରାଦଣ୍ଡାଦେଶ ପାଇଁ ଆଦେଶ ପ୍ରଦାନ କରାଯାଇଛି।

ମାମଲାରୁ ପ୍ରକାଶ ଯେ, ଗତ ତା.୨୬।୯।୨୦୨୩ରିଖରେ ବୌଦ୍ଧ ଥାନା କାଶଲପୁର ଗ୍ରାମର ଜିତୁ ବାରିକ, ଗଣେଶ ବାରିକ, ମଣ୍ଟୁ ବାରିକ, ଚିଣ୍ଟୁ ବାରିକ, ସନ୍ତୋଷ ବାରିକ ଓ ସୁଦାମ ବାରିକ ମିଶି ଧୋବେଇ ବାରିକ ଓ ତାଙ୍କ ପୁଅ ବିଜ୍ଞାନ ବାରିକଙ୍କୁ ଠେଙ୍ଗାରେ ପିଟିଥିଲେ। ଫଳରେ ବିଜ୍ଞାନ ଓ ଧୋବେଇ ଗୁରୁତର ହୋଇଥିଲେ। ଖବର ପାଇ ଧୋବେଇଙ୍କ ଝିଅ ରେବତୀ ଘଟଣାସ୍ଥଳକୁ ଆସିବାବେଳେ ତାଙ୍କୁ ମଧ୍ୟ ସେମାନେ ମାଡ଼ ମାରିଥିଲେ। ଆକ୍ରମଣରେ ଗୁରୁତର ବିଜ୍ଞାନ ଓ ଧୋବେଇଙ୍କୁ ବୌଦ୍ଧ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରୁ ବିଜ୍ଞାନଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଜ୍ଞାନଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଧୋବେଇ ଉକ୍ତ ୬ ଅଭିଯୁକ୍ତଙ୍କ ନାଁରେ ଗତ ତା.୩୦।୯।୨୦୨୩ରିଖରେ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୌଦ୍ଧ ପୋଲିସ ଏକ ହତ୍ୟା ମାମଲା (ନଂ.୩୩୦/୨୩) ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତ ଗଣେଶ ବାରିକ ଓରଫ୍ ପିଣ୍ଟୁ (୨୫), ମଣ୍ଟୁ ବାରିକ (୨୨) ଏବଂ ସୁଦାମ ବାରିକ (୪୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍ (ନଂ.୬୬/୨୩ ) ହୋଇ ବିଚାର ହୋଇଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୨୬ ଜଣ ସାକ୍ଷୀ ଓ ଅଭିଯୁକ୍ତଙ୍କ ପକ୍ଷରୁ ଜଣେ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ପ୍ରମାଣ ଥିବା ନେଇ ସୁଦାମ ବାରିକ ଏବଂ ତାଙ୍କ ଦୁଇ ପୁଅ ଗଣେଶ ବାରିକ, ମଣ୍ଟୁ ବାରିକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ସବିତା କୁମାରୀ ପଣ୍ଡା ମାମଲା ପରିଚାଳନା କରୁଥିଲେ।


ନାଟ୍ୟ ମାଧ୍ୟମରେ ସଚେତନତା ସୃଷ୍ଟି କରୁଛନ୍ତି।

## ବଜ୍ରପାତ, ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର,୭।୭ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଅନ୍ତର୍ଗତ ଢୋଲବନ୍ଧ ଗ୍ରାମର ସଚେତନ ହେମା ଅନୁଷ୍ଠାନ ଦ୍ୱାରା ମୁଣ୍ଡୋମହୁଲ, ଲେଦ୍ରାପାଳି ପରି ତଳ ଜାଗା ଗୁଡ଼ିକରେ ବଜ୍ରପାତ ଓ ସାପ କାମୁଡା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଳା ସଂସ୍କୃତି ସଙ୍ଘର ଆନୁକୂଲ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ନାଟ୍ୟକାର ରାଜକୁମାର ସାହୁ ପାଣ୍ଡୁଲିପି ପ୍ରସ୍ତୁତ କରିଥିବା ବେଳେ କାର୍ତ୍ତିକ ମହାନନ୍ଦ ଓ ସାଥୀ ସଙ୍ଗୀତ ପରିଚାଳନା କରିଥିଲେ। ବୀଣାକାଳିଆ ରୁପକୁ ଲୋକେ ଖୁବ ପସନ୍ଦ କରିବା ସହିତ ସଚେତନ ହୋଇଥିଲେ।

# ହତ୍ୟା ଅଭିଯୋଗରେ ୩ ଜଣଙ୍କୁ ଗିରଫକଲା ପୋଲିସ


ଗିରଫ ଅଭିଯୁକ୍ତମାନେ।

ବରପାଲି,୭।୭(ଚିତ୍ତରଞ୍ଜନ ସାହୁ)

### ଯୁବକଙ୍କ ମୃତଦେହ ଜବତ ଘଟଣା

ବରପାଲି ଜଗନ୍ନାଥ ନଗରରୁ ଗତ ବୁଧବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୃତ ଯୁବକ ହେଲେ ଚେନ୍ନାଇ ନିକଟସ୍ଥ ଏକ ଗ୍ରାମର ଅଜୟ ଏର୍(୨୧)। ଉକ୍ତ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାରବର୍ଗଙ୍କ ଏତଲାକ୍ରମେ ପୋଲିସ ଘଟଣାରେ ସମ୍ପୃକ୍ତ ବରପାଲି ବ୍ଲକ କଦଳୀପାଲି ଗ୍ରାମର ଶ୍ରୀବତ୍ସ ମହାନନ୍ଦଙ୍କ ସହ ଅନ୍ୟ ଦୁଇଜଣଙ୍କୁ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି।

ଗତ ୨ ତାରିଖ ବରପାଲି ଜଗନ୍ନାଥ ନଗର ରେଳଫାଟକ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ସେଠାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୫)ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ମୃତ ଯୁବକ ଜଣକ ଗତମାସ ୨୭ ତାରିଖରୁ ତାଙ୍କର ଜଣେ ବନ୍ଧୁଙ୍କ ସହ ବୁଲିବାକୁ ଯାଉଛି ବୋଲି ଘରୁ ବାହାରିଥିଲେ। ପରିବାର ଲୋକେ ଅଜୟଙ୍କ କିଛି ଖବର ନ ପାଇବାରୁ ସେଠାରେ ଏକ ନିଖୋଜ ରିପୋର୍ଟ ଲେଖିଥିଲେ। ହେଲେ ଅଜୟ ତାଙ୍କ ବନ୍ଧୁଙ୍କ ସହ ବରପାଲି ରେଳଷ୍ଟେଶନରେ ବୁଲୁଥିବା ବେଳେ କେତେଜଣ ସ୍ଥାନୀୟ ଯୁବକ ତାଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଅଜୟଙ୍କ ବନ୍ଧୁ ଦୌଡ଼ି ପଳାଇଯିବାକୁ ସକ୍ଷମ ହୋଇଥିବା ବେଳେ ଅଜୟ ତଳେ ପଡ଼ିଯିବାରୁ ତାଙ୍କୁ ଯୁବକମାନେ ଧରିନେଇ ଏକ ନିରୋଳା ସ୍ଥାନରେ ମାଡ଼ ମାରିବା ସହ ଘରକୁ ଫୋନ୍ କରି ୧ଲକ୍ଷ ଟଙ୍କା ଫୋନ୍ ପେ' ନ କଲେ ତୁମ ପୁଅକୁ ମାରିଦେବୁ ବୋଲି ଧମକ ଦେଇଥିଲେ। ହେଲେ ଦୁର୍ବୃତ୍ତମାନେ ନିଜ ଫୋନ୍‌ରୁ କଲ୍ କରିଥିବାରୁ ଘଟଣା ଜଣାପଡ଼ିଯାଇଥିଲା। ମୃତକଙ୍କ ପରିବାର ସଦସ୍ୟ ବରପାଲି ଥାନା ସହ ଯୋଗାଯୋଗ କରି ଫଟୋ ଚିହ୍ନଟ କରିବା ପରେ ବରପାଲି ଆସି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା।

# ୫୬ ଅଭିଯୋଗର ତତ୍କାଳ ଫଇସଲା

ବଘିଆପଡ଼ା, ୭।୭(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡା ଓ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ଉପସ୍ଥିତିରେ ଏହି ଶୁଣାଣି ହୋଇଥିଲା। ଏହି ଶିବିରକୁ ସମୁଦାୟ ୮୧ଟି ଅଭିଯୋଗ ଆସିଥିଲା। ସେଥିରୁ ୭୬ଟି ବ୍ୟକ୍ତିଗତ ଥିବାବେଳେ ୫ଗୋଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ରହିଥିଲା। ଶିବିରରେ ୫୬ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ରେଡ୍‌କ୍ରସ ଯୋଜନାରେ ୩ ଜଣଙ୍କୁ ୨୦ ହଜାର ଲେଖାଏ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ବରପାଲିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ବରପାଲି,୭।୭(ଚିତ୍ତରଞ୍ଜନ ସାହୁ)


ଅଭିଯୋଗ ଶୁଣାଣି ଚାଲିଛି।

ବରପାଲିଠାରେ ବରଗଡ଼ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହଲ୍ଲାଦ ମୀନାଙ୍କ ସମେତ ଉପଜିଲାପାଳ ପ୍ରସନ୍ନ ପାଣ୍ଡେ, ସିଡିଏମ୍‌ଓ କୁବେର ମହନ୍ତ ଓ ଜିଲାସ୍ତରୀୟ ଓ ବ୍ଲକ ସ୍ତରୀୟ ସମସ୍ତ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣିରେ ବରପାଲି ସହରରେ ବିଭିନ୍ନ ସମସ୍ୟା ନେଇ ଜନସାଧାରଣ ଦାୟିତ୍ୱରେ ଥିବା ପ୍ରଶାସନ ଅଧିକାରୀମାନଙ୍କୁ ଅଭିଯୋଗ କରି ଆସୁଥିଲେ ମଧ ତା'ର କୋଣସି ସୁଫଳ ମିଳି ନ ଥିବା ବେଳେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସେମାନେ ଅଭିଯୋଗ କରିଥିଲେ। ସେହିପରି ସହରରେ ଓ ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି କାରଣ ଡାକ୍ତରଖାନାରେ ସମ୍ପୂର୍ଣ୍ଣ ଭାବେ ଡାକ୍ତର ନାହାନ୍ତି ଓ ଯେଉଁ ଡାକ୍ତରମାନେ ଅଛନ୍ତି ଡେପୁଟେଶନରେ ଅଛନ୍ତି, କିନ୍ତୁ କିଛି ଡାକ୍ତର ଡାକ୍ତରଖାନାକୁ ନ ଆସି ଘରେ ରୋଗୀ ଦେଖୁଥିବା ମଧ ଅଭିଯୋଗ ହୋଇଛି। ସହରରେ ଓ ବ୍ଲକ ଅଞ୍ଚଳରେ ରାସ୍ତାଗୁଡିକ କାମ ହେବା, ଗୋଟିଏ ବର୍ଷ ନ ହେଉଣୁ ସବୁ ଖରାପ ହେବାରେ ଲାଗିଛି। ଏ ସବୁକୁ ନେଇ ମୋଟ ୪୩ ଅଭିଯୋଗ ପାଇ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଏହାର ତଦନ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଛାତ୍ରୀଙ୍କୁ 'ଫିଡ୍' ର ଶିକ୍ଷା ସହାୟତା

ପଦ୍ମପୁର,୭।୭(ପ୍ରଦୀପ୍ତ ଦାଶ)

ବରଗଡ଼ ଦାତବ୍ୟ ଅନୁଷ୍ଠାନ 'ଫିଡ୍'(ଫାଉଣ୍ଡେଶନ ଫର୍ ଏଜୁକେଶନାଲ ଆଣ୍ଡ ଇକୋନୋମିକ ଡେଭେଲପମେଣ୍ଟ) ତରଫରୁ ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡା ଗ୍ରାମର କୁମାରୀ ଚନ୍ଦ୍ରକାନ୍ତି ହିଆଲ, ପିତା- ଈଶ୍ୱର ହିଆଲ ଏବଂ ବରପାଲି ବ୍ଲକ ଜୁଲଟର କୁମାରୀ ଲକ୍ଷ୍ମୀରାଣୀ କୁମ୍ଭାର, ପିତା- ପ୍ରେମାନନ୍ଦ କୁମ୍ଭାରଙ୍କୁ ଉଚ୍ଚଶିକ୍ଷା ପାଇଁ ସୋମବାର ସହାୟତା ରାଶି ଯୋଗାଇ ଦିଆଯାଇଛି। ଚନ୍ଦ୍ରକାନ୍ତି ଝାରସୁଗୁଡାର ଲକ୍ଷ୍ମୀ ନାରାୟଣ ଡିଗ୍ରୀ କଲେଜରେ ପି. ଜି. ପାଠ୍ୟକ୍ରମ ୨୦୨୫-୨୬ ପାଇଁ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ଓ ନାମ ଲେଖାଇବା ପାଇଁ ୧୯,୨୯୫ ଟଙ୍କାର ଆବଶ୍ୟକତା ହେଉଥିଲା। ଠିକ୍ ସେହିପରି ଲକ୍ଷ୍ମୀରାଣୀ ଆନ୍ଧ୍ରା କେଶରୀ କଲେଜରେ ବିଇଡି ପାଠ୍ୟକ୍ରମ ୨୦୨୫-୨୭ ପାଇଁ ନାମ ଲେଖାଇବାକୁ ଯୋଗ୍ୟ ବିବେ ଚିତ ହୋଇଥିଲେ ଓ ନାମ ଲେଖାଇବା ପାଇଁ ୧୫,୦୦୦ ଟଙ୍କାର ଆବଶ୍ୟକତା ହେଉଥିଲା । ମାତ୍ର ଉଭୟଙ୍କ ପରିବାରର ଦୁର୍ବଳ ଆର୍ଥିକ ଅବସ୍ଥା ତାଙ୍କର ପାଠପଢ଼ାରେ ପ୍ରତିବନ୍ଧକ ସାଜିଥିଲା । ତେଣୁକରି ସେମାନେ ଫିଡ୍ ଟ୍ରଷ୍ଟର ଦାରସ୍ଥ ହୋଇଥିଲେ। ଫିଡ୍ ଟ୍ରଷ୍ଟର ଚେୟାରମ୍ୟାନ ଫଣୀନ୍ଦ୍ର କୁମାର ତାଣ୍ଡି ଚନ୍ଦ୍ରକାନ୍ତି ଏବଂ ଲକ୍ଷ୍ମୀରାଣୀଙ୍କର ପାରିବାରିକ ସ୍ଥିତିର ଅନୁଧ୍ୟାନ କରିଥିଲେ ଏବଂ ଟ୍ରଷ୍ଟର ଅନ୍ୟ ସଦସ୍ୟ ସୁବାସ ତାଣ୍ଡି, କ୍ରୀଷ୍ଣା ସୁନା, ପ୍ରଦୀପ ନାଗ ଓ ଈଶ୍ୱର ନାଗଙ୍କ ସହିତ ସରକଣ୍ଡା ଓ ଜୁଲଟ ଗ୍ରାମକୁ ଯାଇ ଚନ୍ଦ୍ରକାନ୍ତି ଏବଂ ଲକ୍ଷ୍ମୀରାଣୀ ଉଭୟଙ୍କୁ ଦଶ ଦଶ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ।


ଟ୍ରଷ୍ଟ ତରଫରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି।



ବନ ମହୋତ୍ସବରେ ଯୋଗଦେଇଥିବା ଅତିଥି।

# ନୂତନ ଜଙ୍ଗଲ ସୃଷ୍ଟି ବିନା ଜୀବଜଗତ ତିଷ୍ଠିବା ଅସମ୍ଭବ

ବୌଦ୍ଧ, ୭।୭(ଅଜିତ୍ କୁମାର ବାରିକ)

ବୌଦ୍ଧ ବନଖଣ୍ଡ ପକ୍ଷରୁ ରବିବାର ହରଭଙ୍ଗା ବ୍ଲକ ବାମଣ୍ଡା ବିମ୍ବରାଜ ସ୍ଥାୟୀ ନର୍ସରିଠାରେ ୭୬ତମ ଜିଲାସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଛି । ଜିଲା ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଏମ୍‌ପି ପ୍ରତିନିଧି ସରୋଜ ମେହେର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି ଓ ବାମଣ୍ଡା ସରପଞ୍ଚ ଇନ୍ଦୁମତି ଝାଙ୍କର ଯୋଗଦେଇଥିଲେ। ଅତିଥିମାନେ ମା' ଭଳି ଗଛକୁ ଭଲପାଇବା ସହ ଭବିଷ୍ୟତ ପିଢ଼ି ପାଇଁ ଗଛଟିଏ ଲଗାଇବାକୁ ଜିଲାବାସୀଙ୍କୁ ଆହ୍ୱାନ ଦେଇ 'ଜଙ୍ଗଲ ସୁରକ୍ଷା ଓ ପରିବେଶ ରକ୍ଷା', ନୂତନ ଜଙ୍ଗଲ ସୃଷ୍ଟି ବିନା ଜୀବଜଗତ ତିଷ୍ଠି ରହିବା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ବୌଦ୍ଧ ଜିଲାରେ ୪୨ ପ୍ରତିଶତ ଜଙ୍ଗଲ ରହିଥିବାବେଳେ ମୁଖ୍ୟ ଅତିଥି ଜିଲାପାଳ ପଣ୍ଡା ଏହାକୁ ୫୦ ପ୍ରତିଶତରେ ପହଞ୍ଚାଇବାକୁ ଜିଲାବାସୀଙ୍କୁ ନିବେଦନ କରିଥିଲେ। ନଗରପାଳ ମିଶ୍ର ଜିଲାର ପର୍ଯ୍ୟଟନ ଓ ଜଙ୍ଗଲ ପରିବେଶ ସୁରକ୍ଷା ଦିଗରେ ବନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପ୍ରଶଂସା କରିବା ସହିତ ଜିଲାର ସମସ୍ତ ବିଦ୍ୟାଳୟକୁ ନେଇ ଚାରା ରୋପଣ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ବନଖଣ୍ଡ ଅଧିକାରୀ କମ୍ପ ବନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଯୋଗୁ ପୁରୀ ରଥ ନିର୍ମାଣ ପାଇଁ କେବେ କାଠର ଅଭାବ ରହିବନାହିଁ ବୋଲି ସୂଚନା ପ୍ରଦାନ କରିଥିଲେ। ଗଛ ଉପରେ ପ୍ରକୃତି ଓ ଜୀବଜଗତର ସମସ୍ତ ଚକ୍ର ନିର୍ଭର କରୁଥିବାରୁ ଅଧିକ ସଂଖ୍ୟାରେ ଚାରା ରୋପଣକୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ଯୋଜନା କରାଯାଉଥିବା ନେଇ କମ୍ପ ସୂଚନା ପ୍ରଦାନ କରିଥିଲେ। ଜାଇକାର ଜିଲା ସଂଯୋଜକ ସଞ୍ଜୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ବନ ସଂରକ୍ଷକ ଆଶିଷ କୁମାର କହଁର ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରେଞ୍ଜ୍ ଅଧିକାରୀ ଅର୍ଚ୍ଚନା ଗମାଙ୍ଗୋ, ଜୟନ୍ତ ଦାଶ, ଆଶିଷ ଦିଗା ଏବଂ ବନପାଳ ପ୍ରସନ୍ନ ପ୍ରଧାନଙ୍କ ସମେତ ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ।

# ଜମିଥିବା ବର୍ଷା ପାଣି ନିଷ୍କାସନ


କାଉନସିଲରଙ୍କ ଉପସ୍ଥିତିରେ ପାଣି ନିଷ୍କାସନ ହେଉଛି।

ପଦ୍ମପୁର,୭।୭(ପ୍ରଦୀପ୍ତ ଦାଶ)

ପଦ୍ମପୁର ଏନ୍‌ଏସି ଅଧୀନ ୱାର୍ଡ ନମ୍ବର ୨ ମାଷ୍ଟର କଲୋନୀରେ ଦୀର୍ଘ ଦିନ ହେବ ବର୍ଷା ପାଣି ଜମି ରହୁଥିଲା। ଫଳରେ ପଡ଼ାବାସୀନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ ପଡ଼ାବାସୀ ଅନେକ ଥର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲୋକଙ୍କ ଅସୁବିଧାକୁ ଦେଖି ସୋମବାର ଉକ୍ତ ୱାର୍ଡ କାଉନସିଲର କୁନାଲ ପାଣିଗ୍ରାହୀ ସାନିଟେସନ ଇନ୍ସପେକ୍ଟରଙ୍କ ଦୃଷ୍ଟି ଆକର୍ଷଣ କରି ନିଜେ ଉପସ୍ଥିତ ରହି ଏହି ପାଣି ନିଷ୍କାସନ କରାଇଥିଲେ। ଏଥିରେ ଭାଜପା ନେତା ପ୍ରକାଶ ସାହୁ, ଅଧ୍ୟାପକ ବିଦ୍ୟାଧର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଟ୍ରାନ୍ସଫର୍ମର କ୍ଷମତା ବୃଦ୍ଧି, ଉପକୃତ ହେବ ୪ ଗାଁ

**ରାଉରକେଲା,୭।୭(ବିପ୍ଳବ ରଞ୍ଜନ ଦାଶ):** ଗ୍ରାମୀଣ ବିଦ୍ୟୁତୀକରଣକୁ ସୁଦୃଢ଼ କରିବା ଏବଂ ପଶ୍ଚିମ ଓଡ଼ିଶାର ବର୍ଦ୍ଧିତ ବିଦ୍ୟୁତ୍ ଶକ୍ତି ଚାହିଦା ପୂରଣ କରିବା ପାଇଁ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ପକ୍ଷରୁ ସୁନ୍ଦରଗଡ଼ ଜିଲାରେ ୪ଟି ପ୍ରମୁଖ ବିଦ୍ୟୁତ୍ ଟ୍ରାନ୍ସଫର୍ମର କ୍ଷମତା ବୃଦ୍ଧି କରାଯାଇଛି। ଏହି କ୍ରମରେ ରାଜଗାଙ୍ଗପୁର ବ୍ଲକ୍ ଅନ୍ତର୍ଗତ ତେଲିପୋଷ, ସାନଦଲକି ଗ୍ରାମରେ ଗୋଟିଏ ଲେଖାଏଁ ଏବଂ କଚାରୁ ଗ୍ରାମର ଦୁଇଟି ସ୍ଥାନରେ ଥିବା ୧୬ କେ.ଭି.ଏ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ୬୩ କେ.ଭି.ଏ କ୍ଷମତାକୁ ଅପଗ୍ରେଡ୍ କରାଯାଇଛି । ଏହି ଅପ୍‌ଗ୍ରେଡେଶନ ଦ୍ୱାରା ୪ଟି ଗ୍ରାମର ପ୍ରାୟ ୨୫୦ ପରିବାର ସିଧାସଳଖ ଲାଭ ପାଇପାରିବେ। ଏ ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, ବିଦ୍ୟୁତ୍ ଟ୍ରାନ୍ସଫର୍ମରଗୁଡ଼ିକର ଉନ୍ନତୀକରଣ ଦ୍ୱାରା ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଗ୍ରାମରେ ଗୁଣାତ୍ମକ ବିଦ୍ୟୁତ୍ ପହଞ୍ଚାଇବା ଆମର ଲକ୍ଷ୍ୟ। ବିଦ୍ୟୁତ୍ ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟରେ ନିବେଶ କରି ଆମେ କେବଳ ବୈଷୟିକ ଚ୍ୟାଲେଞ୍ଜ୍‌ର ସମାଧାନ କରୁନାହୁଁ ବରଂ ଅଞ୍ଚଳର ସାମାଜିକ, ଆର୍ଥିକ ପ୍ରଗତିରେ ଯୋଗଦାନ କରୁଛୁ ବୋଲି ବର୍ମା କହିଥିଲେ।

### ୨ଲକ୍ଷ ଟଙ୍କାର କେନ୍ଦୁପତ୍ର ଜବତ



ଜବତ ହୋଇଥିବା କେନ୍ଦୁପତ୍ର।

**ରାଉରକେଲା,୭।୭ (ସଙ୍ଗୀତା ଜେନା):** ରାଉରକେଲା ରେଳ ଷ୍ଟେଶନର ୪ ନମ୍ବର ପ୍ଲାଟଫର୍ମରୁ ପ୍ରାୟ ୨ଲକ୍ଷ ଟଙ୍କାର କେନ୍ଦୁପତ୍ର ବେଆଇନ ଭାବେ ପରିବହନ କରାଯାଉଥିବା ବେଳେ ତାକୁ ଜବତ କରାଯାଇଛି। ଏଥିରେ କାହାକୁ ଗିରଫ କରାଯାଇପାରିନାହିଁ। ସୂଚନା ଅନୁଯାୟୀ, ଗତ ୫ ତାରିଖ ବିଳମ୍ବିତ ରାତିରେ ରେଳବାଇ ସୁରକ୍ଷାବଳ ଏବଂ ସ୍ଥାନୀୟ ବନ ବିଭାଗର ମିଳିତ ଚଢ଼ାଉରେ ଟ୍ରେନ (ନଂ.୧୮୦୦୬)ରେ ୮୦ ବିଡ଼ା (୨୦୬୦ କେଜି) କେନ୍ଦୁପତ୍ର ଲୁଚା ଯାଇଥିବା ଦେଖିବାକୁ ମିଳିଥିଲା। ଏହାକୁ ଜବତ କରି ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା।



ରାଉରକେଲା ଝିରପାଣିସ୍ଥିତ ଶ୍ରୀ ଶ୍ରୀ ନିଳାଦ୍ରି ବିହାରୀ ଜଗନ୍ନାଥ ମନ୍ଦିର ରଥଖଳାରେ ସୋମବାର ଶ୍ରୀଜୀଉଙ୍କ ସୁନାବେଶ କରାଯାଇଛି।

# ସ୍ମାର୍ଟସିଟିରେ ବଢ଼ୁଛି ମଶା ମାଛି ବଂଶ

- ବୁଲୁନି ମଶା ନିବାରଣ ଧୂଆଁ ଗାଡ଼ି
- ମ୍ୟାଲେରିଆ, ଡେଙ୍ଗୁକୁ କରୁଛି ନିମନ୍ତ୍ରଣ

**ରାଉରକେଲା,୭।୭(ଦିନେଶ ମିଶ୍ର)**

ସ୍ମାର୍ଟସିଟି ରାଉରକେଲା ସହର ବର୍ତ୍ତମାନ ମଶାମାଛିଙ୍କ କବଳରେ ରହିଛି। ସହରରେ ଲଗାଣ ବର୍ଷା ଜାରି ରହିଥିବାବେଳେ ବିଭିନ୍ନ ରାସ୍ତାକଡ଼ରେ ଅନାବନା ଘାସ ଓ ବୃକ୍ଷ ଉଠି କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି। କଲୋନି ଓ ବସ୍ତି ତଳି ଅଞ୍ଚଳରେ ଥିବା ଖୋଲା ଡଷ୍ଟବିନରେ ବର୍ଷା ପାଣି ଜମିରହି ଏକ ଦୁର୍ଗନ୍ଧ ବାହାରୁଛି। ସେହିପରି ଅଳିଆ ଆବର୍ଜନା ପଚିଶଢ଼ିବା ଯୋଗୁ ମଶାମାଛି ବଂଶ ବିସ୍ତାର କରୁଛନ୍ତି। ଏଭଳି ଭାବେ ବାସନ୍ତୀ କଲୋନି, ଛେଣ୍ଡ କଲୋନି, ଡେଲି ମାର୍କେଟ, ପାନପୋଷ, ସେକ୍ଟରର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ମଶାମାଛିଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ବର୍ଷା ପ୍ରଭାବ ଯୋଗୁ ଲୋକେ ଘରୁ ବାହାରି ପାରୁ ନ ଥିବାବେଳେ ସେପଟେ ମଶାମାଛିଙ୍କ ଉପଦ୍ରବରେ ସହରବାସୀ ଅତିଷ୍ଠ ହୋଇପଡିଲେଣି। ଦିନ ହେଉ କି ରାତି ସବୁବେଳେ ଘରେ ମଶାମାଛି ବୁଲୁଥିବା ଦେଖିବାକୁ ମିଳୁଛି। ଏଥିଯୋଗୁ ସହରରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗ ହେବା ଆଶଙ୍କା ରହିଛି। ଅନ୍ୟପଟେ ଆରଏମ୍‌ସି ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉନାହିଁ। ଆର୍‌ଏମ୍‌ସି କର୍ମଚାରୀମାନେ ବର୍ଷାଦିନ ପୂର୍ବରୁ ବିଭିନ୍ନ କଲୋନି ଓ ତଳି ଅଞ୍ଚଳରେ ବୁଲି ଡ୍ରେନ ଓ ଅନାବନା ଘାସ କାଟି ସଫା କରୁଥିଲେ। ବର୍ଷାଦିନରେ ପ୍ରତ୍ୟେକ ଗଳି କନ୍ଦି ରାସ୍ତାକଡରେ ବ୍ଲିଚିଂ ପାଉଡର ଓ ମଶାମରା ଔଷଧ ସାଙ୍ଗକୁ ମ୍ୟାଲେରିଆ, ଡେଙ୍ଗୁରୁ ବର୍ତ୍ତିବା ପାଇଁ ମାଇକ୍ ଯୋଗେ ପ୍ରଚାର କରି ସହରବାସୀଙ୍କୁ ସଚେତନ କରାଯାଉଥିଲା। ମାତ୍ର ଚଳିତ ବର୍ଷ ଆର୍‌ଏମ୍‌ସି ଏ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନେଇନାହିଁ। ଆରଏମ୍‌ସି ପକ୍ଷରୁ ବିଭିନ୍ନ ବସ୍ତି ଓ କଲୋନି ଅଞ୍ଚଳରେ ଥିବା ଡ୍ରେନ ଉପରେ କଲଭର୍ଟ୍ ପକାଇ ସମତୁଲ କରିଦେଇଥିବାବେଳେ ଏହାକୁ ଉଠାଇ କୌଣସି ସ୍ଥାନରେ ସଫେଇ କରାଯାଉନାହିଁ। ଏହି ନାଳଗୁଡିକ ସଫେଇ ହୋଇ ନ ଥିବାରୁ ଡ୍ରେନ ପାଣି ଠିକ୍ ଭାବେ ନିଷ୍କାସନ ନ ହୋଇ ଗୋଟିଏ ସ୍ଥାନରେ ଜମି ରହୁଛି। ଫଳରେ ଏହା ମଶାବଂଶ ବଢିବାରେ ସହାୟକ ହେଉଛି। ଗତବର୍ଷ ରାଉରକେଲା ସରକାରୀ ଡାକ୍ତରଖାନାରେ ଡେଙ୍ଗୁ ଓ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ୮ଶହ ୧୪ ଜଣ ଲୋକ ଚିକିତ୍ସିତ ହୋଇଥିବା ଡାକ୍ତରଖାନା ରିପୋର୍ଟରୁ ଜଣାପଡିଛି। ତେବେ ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ସହରରେ ଯେଭଳି ମଶାମାଛିଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି ଆସନ୍ତା ଦିନରେ ଏହାର ପ୍ରଭାବ ପଡିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସହରରେ ମଶାମାଛି ବଂଶବୃଦ୍ଧିକୁ ରୋକିବା ପାଇଁ ଆର୍‌ଏମ୍‌ସି ପ୍ରଶାସନ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ମଶାମାଛି ବଂଶବୃଦ୍ଧି ହେଉଥିବା ନେଇ ଆମ ପାଖରେ ଅଭିଯୋଗ ରହିଛି। ସେଥିପାଇଁ ଆମେ ଆର୍‌ଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ସହାୟତାରେ ଏକ କୋର୍ ଟିମ୍ ଗଠନ କରିଛୁ। ଉକ୍ତ ଟିମ୍ ପ୍ରତି ଅଞ୍ଚଳରେ ବୁଲିବା ପାଇଁ ୧୦ଟି ମଶାମରା ଧୂଆଁଗାଡି ବ୍ୟବସ୍ଥା ହୋଇଛି। ଆସନ୍ତା ୨ ଦିନ ଭିତରେ ଏ ନେଇ ଉଚିତ ପଦକ୍ଷେପ ନିଆଯିବ ବୋଲି କମିଶନର କୁଲକର୍ଣ୍ଣୀ କହିଥିଲେ।



ବାସନ୍ତୀ କଲୋନି ରାସ୍ତାକଡ଼ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି।

## ରାଉରକେଲା କଲେଜରେ ବନ ମହୋତ୍ସବ

**ରାଉରକେଲା,୭।୭(ବିପ୍ଳବ ରଞ୍ଜନ ଦାଶ)** ବନ ମହୋତ୍ସବ ଅବସରରେ ସେକ୍ଟର-୪ସ୍ଥିତ ରାଉରକେଲା କଲେଜର ଜାତୀୟ ସେବା ଯୋଜନା ପକ୍ଷରୁ କଲେଜ ପରିସରରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ଖବରଦାତା ମନୋରଞ୍ଜନ ଦାଶ ମୁଖ୍ୟଅତିଥି, କୁଞ୍ଜବିହାରୀ ରାଉତ, ସମାଜସେବୀ ଶଶଧର ପାତ୍ର, ରେଞ୍ଜର ଜ୍ଞାନେନ୍ଦ୍ର ଲିମା, ରୀତାଞ୍ଜଳୀ ଶତପଥୀ, ଦୁଃଖୁ କିଷାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଅତିଥିମାନେ ବୃକ୍ଷରୋପଣର ଆବଶ୍ୟକତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର କରୁଣାକର ପାଇଶାଣୀ, ପ୍ରାଧ୍ୟାପିକା ରଶ୍ମିପ୍ରଭା ମଥାନ, ବନ୍ଦନା ସୋରେଙ୍ଗ, ପ୍ରାଧ୍ୟାପକ ରଞ୍ଜିତ ପ୍ରଧାନ, ଅଧ୍ୟାପକ ସନ୍ତୋଷ ରଜାକ, ଅଧ୍ୟାପିକା ପ୍ରିୟଙ୍କା ପଲେଇ ତଥା ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ କଲେଜର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ବିକି ନାଗ, ରୋହିତ ବେବର୍ତ୍ତା, ଆରସୀ ସେନାପତି, ଦେବସ୍ମିତା ପଟ୍ଟନାୟକ, କରିଷ୍ମା ନାୟକ, ବିନୋଦିନୀ ମୁଣ୍ଡା, ପ୍ରୀତି କୁମାର, ଶ୍ରୁତି କୁମାର, ସଞ୍ଜୁ ତିର୍କି, ଇତିଶ୍ରୀ ଦାଶ, ରାନୀ ବାଡ଼ା, ଚନ୍ଦନ ଦାସ, ଭିକି ଯାଦବ, ଜଗନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ରିଟାୟାର୍ଡ ଆସୋସିଏଶନର ବନ ମହୋତ୍ସବ

**ରାଉରକେଲା,୭।୭(ଦିନେଶ ମିଶ୍ର)**

ରାଉରକେଲା ରିଟାୟାର୍ଡ ଆସୋସିଏଶନ ପକ୍ଷରୁ ଛେଣ୍ଡ କଲୋନି ଅଞ୍ଚଳରେ ସୋମବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆସୋସିଏଶନ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପାନପୋଷ ବନଖଣ୍ଡ ଅଧିକାରୀ ଜ୍ଞାନେନ୍ଦ୍ର ଲିମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ଜରୁରୀ ବୋଲି ଅତିଥି ଲିମା ମତବ୍ୟକ୍ତ କରିଥିଲେ। ବୃକ୍ଷ ପୃଥିବୀର ଫୁସ୍‌ଫୁସ୍ ସଦୃଶ୍ୟ। ବୃକ୍ଷ ଆମକୁ ଜୀବନ ଧାରଣ ପାଇଁ ଅମ୍ଳଜାନ, ଖାଦ୍ୟ ଓ ଆଶ୍ରୟ ପ୍ରଦାନ କରିଥାଏ। ତେଣୁ ବୃକ୍ଷର ମହତ୍ତ୍ୱ ପ୍ରତିପାଦନ କରି ପ୍ରଧାନମନ୍ତ୍ରୀ ମା' ପାଇଁ ଗଛଟିଏ ନାରା ଦେଇଛନ୍ତି। ତେଣୁ ସାରା ଦେଶରେ ବର୍ତ୍ତମାନ ୭୫ତମ ବନ ମହୋତ୍ସବ ପାଳନ କରାଯାଉଛି ବୋଲି ଉପସଭାପତି ଡା. ଶକ୍ତି ପ୍ରସାଦ ସାମନ୍ତରାୟ କହିଥିଲେ। ସଦସ୍ୟ ଗୋପାଳ ପ୍ରସାଦ ଜେନା, ତ୍ରିଲୋଚନ ମିଶ୍ର, ଲକ୍ଷ୍ମଣ ନାଥ ଦାସ, ରମେଶ ଚନ୍ଦ୍ର ସିଂହ, ବିଜୟ କୁମାର ବରାଳ, ହରିହର ଶତପଥୀ, ପ୍ରଭାକର ସାହୁ, କୈଳାସ ଚନ୍ଦ୍ର ସାମଲ, ଗୁରୁଚରଣ ପଟ୍ଟନାୟକ, ଧ୍ରୁବଚରଣ ନାୟକ, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରତାପ ଚନ୍ଦ୍ର ମହାନ୍ତି, ଦିବାକର ପାଣିଗ୍ରାହୀ, ନିରଦ ଭୂଷଣ ପଟ୍ଟନାୟକଙ୍କ ସମେତ ପାନପୋଷ ବନଖଣ୍ଡର କର୍ମଚାରୀ ସହଯୋଗ କରିଥିଲେ।



ଛେଣ୍ଡ କଲୋନି ଅଞ୍ଚଳରେ ବନ ମହୋତ୍ସବ ପାଳନ କରାଯାଉଛି।

## ସରକାରୀ ଯୋଜନାରେ ନାଁ ପଞ୍ଜୀକରଣ କରାଇଲେ ହିତାଧିକାରୀ

**ରାଉରକେଲା,୭।୭(ବିପ୍ଳବ ରଞ୍ଜନ ଦାଶ)**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ଲୋକମାନଙ୍କୁ ସିଧାସଳଖ ସାମିଲ କରାଇବା, ନାମ ପଞ୍ଜୀକରଣ ସହ କାର୍ଯ୍ୟକାରୀ କରାଇବା ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ ସ୍ମାର୍ଟସିଟି ସମ୍ମିଳନୀ କକ୍ଷରେ ସୋମବାର ଏକ ଯୋଜନା ସଂଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ରାଉରକେଲା ସହରାଞ୍ଚଳ ଓ ଶିଳ୍ପାଞ୍ଚଳର ୪ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ସାମିଲ ହୋଇ ସରକାରୀ ଯୋଜନା ସମୂହରେ ନିଜ ନାଁ ପଞ୍ଜୀକରଣ କରାଇଥିଲେ। ସରକାରଙ୍କ ଅନୁମୋଦିତ ସହରର ବିଭିନ୍ନ ବ୍ୟାଙ୍କର୍ସ, ଶ୍ରମ, ଯୋଗାଣ, ସ୍ୱାସ୍ଥ୍ୟ ସମେତ ଆର୍‌ଏମ୍‌ସିର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଲୋକଙ୍କ ଆବେଦନକୁ ଗ୍ରହଣ କରିଥିଲେ। ଆର୍‌ଏମ୍‌ସି ଉପାୟୁକ୍ତ ତରୁଣକାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିବିରରେ ଲୋକଙ୍କ ଆବେଦନ ଗ୍ରହଣ କରାଯାଉଛି।

# ଲଗାଣ ବର୍ଷା: ତଳି ଅଞ୍ଚଳରେ ପଶିଲା ପାଣି



ବର୍ଷା ଯୋଗୁ ମାଲଗୋଦାମ ଅଞ୍ଚଳରେ ପାଣି ପଶିଛି।



ବାସନ୍ତୀ କଲୋନି ଅଞ୍ଚଳରେ ଲୋକଙ୍କ ଘରେ ବର୍ଷାପାଣି ।

**ରାଉରକେଲା,୭।୭(ସଙ୍ଗୀତା ଜେନା)** ସୁନ୍ଦରଗଡ଼ ଜିଲାକୁ ପାଣିପାଗ ବିଭାଗ ରେଡ୍ ୱାର୍ଣ୍ଣିଂ ଆଲର୍ଟ ଦେଇଥିବା ବେଳେ ପ୍ରବଳ ବର୍ଷା ହେଉଛି। ଝାଡଖଣ୍ଡ ଉପରମୁଣ୍ଡରେ ଲଘୁଚାପ ବର୍ଷା ଜାରି ରହିଛି। ଫଳରେ ରାଉରକେଲା ଦେଇ ପ୍ରବାହିତ ବ୍ରାହ୍ମଣୀ ଏବଂ କୋଏଲ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ରାଉରକେଲାର ଅନେକ ବସ୍ତି ତଳି ଅଞ୍ଚଳ ଜଳବନ୍ଦୀ ହୋଇଛି। ଆର୍‌ଏମ୍‌ସି ୱାର୍ଡ ନମ୍ବର ୯ର ମାଲଗୋଦାମ ଅଞ୍ଚଳରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପରିବାର ଜଳବନ୍ଦୀ ହୋଇଛନ୍ତି। ସୋମବାର ସକାଳୁ ଏପରି ପରିସ୍ଥିତି ଲାଗି ରହିଛି। ଅନୁରୂପ ଭାବେ ଦାଣ୍ଡିଆପାଲୀ ଓ ବାଲୁଘାଟ ଅଞ୍ଚଳରେ ମଧ୍ୟ ପାଣି ପଶିଛି। ସେହିପରି ବାସନ୍ତୀ କଲୋନିସ୍ଥିତ ଜିଏମ୍ ବ୍ଲକ ଅଞ୍ଚଳରେ ପ୍ରାୟ ୨୦ଟି ଘରେ ବର୍ଷାଜଳ ପଶିଛି। ଫଳରେ ଲୋକେ ହଇରାଣ ହୋଇଛନ୍ତି। ଏହି ବ୍ଲକ୍‌ରେ ଥିବା ବହୁ ଲୋକଙ୍କ ଘରେ ପାଣି ପଶିଯିବାରୁ ଲୋକେ ଜଳ ନିଷ୍କାସନ ପାଇଁ ସ୍ଥାନୀୟ ପ୍ରଶାସନର ସହାୟତା ଲୋଡିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବର୍ଷା ପ୍ରଭାବରେ ଡ୍ରେନଗୁଡିକ ପାଣିରେ ଭର୍ତ୍ତି ହୋଇ ରାସ୍ତାରେ ଚାଲିଥିଲା।

### ସୀମାନ୍ତରୁ ୧୬ ଆଇଇଡି ଜବତ

**ରାଉରକେଲା,୭।୭(ସଙ୍ଗୀତା ଜେନା):** ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ ଟୋକଲୋ ଥାନା ଅନ୍ତର୍ଗତ କୋଟାସୋନା ଏବଂ ଲାଞ୍ଜି ଅଞ୍ଚଳରେ ଥିବା ଜଙ୍ଗଲରୁ ସୋମବାର ସକାଳ ୮ଟାରେ କୋମ୍ବିଂ ସମୟରେ ୨କେଜି ଲେଖାଏ ୧୬ଟି ଆଇଇଡ଼ି ଜବତ ହୋଇଥିବା ସୂଚନା ମିଳିଛି। ଆଇଇଡ଼ି ଗୁଡ଼ିକୁ ବମ୍ ନିରୋଧକ ସ୍କ୍ୱାଡ୍ ଦ୍ୱାରା ନଷ୍ଟ କରିଦିଆଯାଇଛି। ଚାଇଁବାସା, ସରେଇକେଲା ଓ ଖରସୁଆଁ ପୋଲିସ, ଝାଡ଼ଖଣ୍ଡ ଜାଗୁଆର, ସିଆର୍‌ପିଏଫ୍ ପକ୍ଷରୁ ହୋଇଥିବା ମିଳିତ କୋମ୍ବିଂ ଅପରେଶନ ସମୟରେ ସୁରକ୍ଷାବଳଙ୍କୁ ଏହି ଆଇଇଡ଼ିଗୁଡ଼ିକ ମାଟିତଳେ ଥିବା ଜଣାପଡ଼ିଥିଲା।

## ଶ୍ରୀଜୀଉଙ୍କ ସୁନାବେଶରେ ଖିରି ଭୋଗ ବଣ୍ଟନ



କ୍ଲବର ସଦସ୍ୟାମାନେ ଖିରି ଭୋଗ ବଣ୍ଟନ କରୁଛନ୍ତି।

**ରାଉରକେଲା, ୭।୭(ବିପ୍ଳବ ରଞ୍ଜନ ଦାଶ)** ସେକ୍ଟର-୩ ସ୍ଥିତ ଅହିରାବନ୍ଧ ରଥଖଳାରେ ରବିବାର ରାତିରେ ଶ୍ରୀଜୀଉଙ୍କ ସୁନାବେଶ ଅବସରରେ ରାଉରକେଲା ସ୍ମାର୍ଟ୍ ଲେଡିଜ କ୍ଲବ୍ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଖିରି ପ୍ରସାଦ ବଣ୍ଟନ କରାଯାଇଥିଲା। ପ୍ରସ୍ତୁତ ଖିରି ପ୍ରଥମେ ମହାପ୍ରଭୁଙ୍କ ନିକଟରେ ଲାଗି ହୋଇଥିଲା। ପରେ କ୍ଲବ ଅଧ୍ୟକ୍ଷା ଲୀନା ନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ଶ୍ରଦ୍ଧାଳୁଙ୍କୁ ଏହି ପ୍ରସାଦ ବଣ୍ଟନ କରିଥିଲେ। କ୍ଲବର ସାଧାରଣ ସମ୍ପାଦିକା ପ୍ରତିଭା ପ୍ରିୟଦର୍ଶିନୀ, ଉପସଭାପତି ହେମଲତା ପ୍ରସାଦ, ସଂଯୋଜିକା ପ୍ରୀତିରାଣୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ଅମୀୟଲତା ସାହୁ, ବିମଳା ଡୋରା, ଯୁଗ୍ମ ସମ୍ପାଦିକା କୌଶଲ୍ୟା ପୃଷ୍ଟି, ରଞ୍ଜିତା ପାତ୍ର, ସସ୍ମିତା ସାହୁ, ନିବେଦିତା ସାହୁ, ମିଡିଆ ସଂଯୋଜିକା ସଂଯୁକ୍ତା ଶତପଥୀ, କାର୍ଯ୍ୟ ନିର୍ବାହୀ ସଦସ୍ୟ ମିନର୍ଭା ପାତ୍ର, ଅନ୍ନପୂର୍ଣ୍ଣା ମହାନ୍ତି, ଲକ୍ଷ୍ମୀପ୍ରିୟା ସେଠୀ, ଜୟଲକ୍ଷ୍ମୀ ପାତ୍ର, ନମିତା ଜୟପୁରିଆ, ଇନ୍ଦୁମତୀ ମହାପାତ୍ର, ରେଣୁବାଳା ସ୍ୱାଇଁ, ମିତା ତରାଇ ପ୍ରମୁଖ ସହଯୋଗ କରିଥିଲେ।

# ଜେପି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାଁରେ ନିର୍ଯାତନା ଅଭିଯୋଗ

- ପ୍ରତିଶୋଧ ପାଇଁ ମାନସିକ ଚାପ ଦେଉଥିଲେ: ପୀଡ଼ିତା
- କାର୍ଯ୍ୟରେ ଅବହେଳା ପାଇଁ ନୋଟିସ ଦିଆଯାଇଛି: ଏମ୍‌ଡି

**ରାଉରକେଲା,୭।୭(ସଙ୍ଗୀତା ଜେନା)**

ରାଉରକେଲାର ଜୟପ୍ରକାଶ ହସ୍ପିଟାଲ (ଜେପି ହସ୍ପିଟାଲ)ରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ହସ୍ପିଟାଲର ଏମ୍‌ଡ଼ି ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏପରିକି ମହିଳାଙ୍କ ଡ୍ୟୁଟିରେ ତ୍ରୁଟି ବାଛିବା ସହ ବିଭିନ୍ନ ଆଳରେ ତାଙ୍କୁ ହଇରାଣ କରାଯାଉଥିବାରୁ ଅତିଷ୍ଠ ହୋଇ ପୀଡ଼ିତା ଉଦିତନଗର ଥାନାରେ ଗତ ୫ ତାରିଖରେ ଲିଖିତ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୨୧୬/୨୫) ରୁଜୁ କରି ତଦନ୍ତ କରୁଛି। ଅପରପକ୍ଷେ ଉକ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ସୋମବାର ଏକ ଖବରଦାତା ସମ୍ମିଳନୀରେ ନିଜ ପକ୍ଷ ରଖିଛନ୍ତି।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ୨୦୧୯ରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଦାଣ୍ଡିଆପାଲୀ ଜେପି ହସ୍ପିଟାଲରେ ପୀଡିତା ଜଣଙ୍କ ଜୁନିୟର ଏକ୍‌ଜିକ୍ୟୁଟିଭ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସେହି ସମୟରେ ହସ୍ପିଟାଲର ଏମ୍‌ଡ଼ି ଚନ୍ଦନ ବଂଶଲ ପୀଡ଼ିତାଙ୍କ ସହ ଯୌନ ସମ୍ପର୍କ ରଖିବା ପାଇଁ ନିବେଦନ କରିଥିଲେ। ଏହାକୁ ପ୍ରତ୍ୟାଖ୍ୟାନ କରିବାରୁ ତାଙ୍କୁ ଉଦିତନଗର ସ୍ଥିତ ଜେପି ହସ୍ପିଟାଲର ଅନ୍ୟ ଏକ ଶାଖା ଜେପି କେୟାର ହସ୍ପିଟାଲକୁ ବଦଳି କରିଦିଆଗଲା। ଗତ ୪ ତାରିଖରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ କାରଣ ଦର୍ଶାଅ ନୋଟିସ ଦେଇଥିଲେ। ସେହି ସମୟରେ ପୀଡ଼ିତା ଛୁଟିରେ ଥିବାରୁ ତାଙ୍କୁ ଦାଣ୍ଡିଆପାଲୀସ୍ଥିତ ଜେପି ହସ୍ପିଟାଲରୁ ଏହି ନୋଟିସ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ୫ ତାରିଖରେ ହସ୍ପିଟାଲର ଏମ୍‌ଡ଼ି ଉଦିତନଗର ସ୍ଥିତ ହସ୍ପିଟାଲକୁ ଆସି ଲ୍ୟାଣ୍ଡଲାଇନ୍ ଫୋନ୍ ଯାଞ୍ଚ କରିବାକୁ ପୀଡ଼ିତାଙ୍କୁ କହିଥିଲେ। ଏଥିରେ ସାମାନ୍ୟ ତ୍ରୁଟି ହେବାରୁ ସେ ପୀଡ଼ିତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ପୀଡ଼ିତା ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ ଏବଂ ଘଟଣା ଦିନ ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗର ୨ଦିନ ବିତିଯାଇଥିଲେ ମଧ୍ୟ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପୀଡିତା ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅପରପକ୍ଷେ, ସୋମବାର ମଧ୍ୟାହ୍ନ ୧୨ଟାରେ ଜେପି ହସ୍ପିଟାଲର ଏମ୍‌ଡି ଡା. ବଂଶଲ ଦାଣ୍ଡିଆପାଲୀସ୍ଥିତ ହସ୍ପିଟାଲ ପରିସରରେ ଏକ ଖବରଦାତା ସମ୍ମିଳନୀ କରି ଉକ୍ତ ମାମଲାକୁ ନେଇ ପକ୍ଷ ରଖିଥିଲେ। ସେ କହିଥିଲେ, ଉକ୍ତ ମହିଳା କର୍ମଚାରୀ କାର୍ଯ୍ୟରେ ଅବହେଳା କରୁଥିଲେ। ବାରମ୍ବାର ତ୍ରୁଟି ସଂଶୋଧନ ପାଇଁ କୁହାଯାଉଥିଲେ ମଧ୍ୟ ସୁଧାରୁ ନ ଥିଲେ। ବାଧ୍ୟ ହୋଇ ତାଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲା। ହେଲେ ସେ କାରଣ ନ ଦର୍ଶାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ବୋଲି ଡା. ବଂଶଲ କହିଥିଲେ। ସୂଚନାଯୋଗ୍ୟ, କୋଭିଡ୍ ସମୟରେ ଏହି ହସ୍ପିଟାଲ ବିରୋଧରେ ନାନା ଅଭିଯୋଗ ଆସିଥିଲା। ଉକ୍ତ ହସ୍ପିଟାଲ ରୋଗୀମାନଙ୍କୁ ଶୋଷଣ କରିବା ସହ ଅତ୍ୟଧିକ ବିଲ୍ କରି ଶବ ନ ଛାଡିବା ପରି ଅଭିଯୋଗ ରହିଛି।

# କଟକଣା ବନାମ ପର୍ଯ୍ୟଟନ ଦ୍ୱନ୍ଦ୍ୱରେ ସରକାରୀ ନୀତି

ସମ୍ବଲପୁର, ୭।୭
(ଭବାନୀ ଶଙ୍କର ଭୋଇ)

ହୀରାକୁଦ ବିଶ୍ୱର ସର୍ବବୃହତ ମାଟିବନ୍ଧ। ଏଥିପାଇଁ ଦେଶ ବିଦେଶରେ ଏହାର ଆକର୍ଷଣ ରହିଛି। ଏକଦା ହୀରାକୁଦ ବନ୍ଧର ଫଟୋ ଶହେ ଟଙ୍କିଆ ନୋଟରେ ଶୋଭା ପାଉଥିଲା। ସ୍ଥାନୀୟ ଲୋକେ ବାହାରେ ନୋଟକୁ ଦେଖାଇ ଅଞ୍ଚଳକୁ ପରିଚିତ କରାଉଥିଲେ। ଗତବର୍ଷ ସମ୍ବଲପୁରରେ ଆୟୋଜିତ ବିଶ୍ୱ ଭାରତୀ ସମାବେଶରେ ଆମେରିକା ଆଦି ଦେଶରୁ ଆସିଥିବା ପର୍ଯ୍ୟଟକ ହୀରାକୁଦ ବନ୍ଧକୁ ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ହେଲେ ସେମାନେ ବନ୍ଧ ସମ୍ମୁଖରେ ଫଟୋ ଉଠାଇବାକୁ ଚାହିଁବାରୁ ସୁରକ୍ଷା କର୍ମୀ ବାରଣ କରିଥିଲେ। ଏତେବଡ ପର୍ଯ୍ୟଟନସ୍ଥଳୀ



ଥାଇ ଏଭଳି କଟକଣା ଯୋଗୁ ପର୍ଯ୍ୟଟନର ବିକାଶ ହେବ କିପରି ବୋଲି ସେମାନେ ପ୍ରଶ୍ନ କରିଥିଲେ। ପର୍ଯ୍ୟଟକଙ୍କ ପାଇଁ ରହିଥିବା ବିଭିନ୍ନ କଟକଣା କାରଣରୁ ଦୀର୍ଘବର୍ଷ ପରେ ବି ହୀରାକୁଦ ପର୍ଯ୍ୟଟକଙ୍କୁ ଆକର୍ଷିତ କରି ପାରିନାହିଁ। ଏହି ସବୁ କାରଣରୁ ହୀରାକୁଦର ବିସ୍ତୀର୍ଣ୍ଣ ଜଳରାଶ, ପାରିପାର୍ଶ୍ୱିକ ପରିବେଶ ଆକର୍ଷଣୀୟ

## ହୀରାକୁଦ ଜଳଭଣ୍ଡାର

ରହିଥିବା ସତ୍ତ୍ୱେ ପର୍ଯ୍ୟଟକଙ୍କୁ ହୀରାକୁଦ ମୁହାଁ କରି ପାରିନାହିଁ। ଅନ୍ୟ ପଟେ ରାଜ୍ୟ ସରକାର ପର୍ଯ୍ୟଟନର ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି। ହୀରାକୁଦ ଡାଇକରେ ଇକୋ ରିଟ୍ରିଟର ଆୟୋଜନ କରି ଏହାର ପ୍ରଚାର ପ୍ରସାର କରୁଛନ୍ତି। ଏପରିକି କିଛି ଦିନ ପୂର୍ବରୁ ଗୋଆର ଏକ ବିଶେଷଜ୍ଞ ଟିମ ହୀରାକୁଦ ଆସି ଏଠାରେ ଜଳ କ୍ରୀଡା ଏବଂ ପର୍ଯ୍ୟଟନର ବିକାଶ ନେଇ ଅନୁଧ୍ୟାନ କରି ଫେରିଛନ୍ତି। ହୀରକୁଦ ବନ୍ଧରେ ୨୦୨୦ ମସିହା ପର୍ଯ୍ୟନ୍ତ ଫଟୋ ଏବଂ ଭିଡିଓ ଉତ୍ତୋଳନ କଟକଣା ସତ୍ତ୍ୱେ ଗଣମାଧ୍ୟମକୁ ଅନୁମତି ଦିଆଯାଉଥିଲା। ହେଲେ ଓଡିଆ ସିନେ ତାରକା ଓ ଜଣେ ପ୍ରତିଷ୍ଠିତ ରାଜନେତାଙ୍କ ଝିଅ ହୀରାକୁଦ ନଦୀ ବନ୍ଧ ଉପରକୁ ଯାଇ କରିଥିବା ଭିଡିଓ ଭାଇରାଲ ହେବା ପରଠାରୁ ଆଉ ପୂର୍ବ ଭଳି ବନ୍ଧ ଭିତରକୁ କାହାକୁ ଯିବାକୁ ଅନୁମତି ମିଳୁନାହିଁ। ଉଭୟ ବିଷୟକୁ ଦେଖିଲେ ସରକାରୀ ଯୋଜନାର ଦିଗ ବୁଝାପଡୁନାହିଁ। ଏନେଇ ହୀରାକୁଦ ବନ୍ଧର ମୁଖ୍ୟଯନ୍ତ୍ରୀ ଇଂ. ଶୁଶିଲ କୁମାର ବେହେରା କହିଛନ୍ତି, ସରକାରୀ ନିର୍ଦ୍ଦେଶ ଅନୁସାରେ ଆମେ କାର୍ଯ୍ୟ କରୁଛୁ। ତେଣୁ ବନ୍ଧର ସୁରକ୍ଷା, ପର୍ଯ୍ୟଟନ ବ୍ୟବସ୍ଥା କଥା ରାଜ୍ୟ ସରକାର ନିଷ୍ପତ୍ତି ନେବେ। ସରକାରୀସ୍ତରରେ ଏନେଇ ପୁନର୍ବିଚାର କରି ନିଷ୍ପତ୍ତି ନେବା ସମୟ ଆସିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଏସିଆନ୍ ୟୁଥ୍ ଗେମ୍ ପ୍ରଶିକ୍ଷଣ ଶିବିରରେ ପ୍ରିୟଙ୍କା



କବାଡି ଖେଳାଳି ପ୍ରିୟଙ୍କାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଜିଲାପାଳ।

ସମ୍ବଲପୁର,୭।୭(ପ୍ରମୋଦ ବହିଦାର)

ବାହାରିନ୍‌ଠାରେ ଆସନ୍ତା ଅକ୍ଟୋବର ୨୨ରୁ ୩୧ ତାରିଖ ମଧ୍ୟରେ ହେବାକୁ ଥିବା ଏସିଆନ ୟୁଥ ଗେମର ପ୍ରଶିକ୍ଷଣ ଶିବିରରେ ସ୍ଥାନ ପାଇଛନ୍ତି ସମ୍ବଲପୁର ବାଳିକା କବାଡି ଖେଳାଳି ପ୍ରିୟଙ୍କା ପ୍ରଧାନ। ସେ ଖୁବ୍‌ଶୀଘ୍ର ଜୟପୁରରେ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିବେ। ଗତମାସ ଉତ୍ତରାଖଣ୍ଡରେ ଅନୁଷ୍ଠିତ ୧୮ବର୍ଷରୁ କମ୍ ଜାତୀୟ କବାଡି ଚାମ୍ପିୟନଶିପରେ ଓଡ଼ିଶାରୁ ପ୍ରିୟଙ୍କାଙ୍କ ସହିତ ସମ୍ବଲପୁରର ୩ ବାଳିକା ଓ ୨ବାଳକ ପ୍ରତିନିଧିତ୍ୱ କରିଥିଲେ। ଉତ୍କର୍ଷ କ୍ରୀଡ଼ା ପ୍ରଦର୍ଶନ ପାଇଁ ୧୮ ବର୍ଷରୁ କମ୍ ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର ପାଇଁ ପ୍ରିୟଙ୍କାଙ୍କ ସହିତ ୨ ବାଳିକା ଓ ଜଣେ ବାଳିକା ମନୋନୀତ ହେଇଛନ୍ତି। ତନ୍ମଧ୍ୟରୁ ସମ୍ବଲପୁର ଜିଲାର ପ୍ରିୟଙ୍କା ପ୍ରଧାନ, ଭୁବନେଶ୍ୱର ଅନନ୍ୟା ସ୍ୱାଇଁ ଓ ଗଞ୍ଜାମର ଚିନ୍ତୁ ସେଠି ମନୋନୀତ ହେଇଛନ୍ତି।

ପୂର୍ବରୁ ପ୍ରିୟଙ୍କା ୩ ଥର ଜାତୀୟ କ୍ରୀଡ଼ାକୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ସାରିଛନ୍ତି। ପ୍ରିୟଙ୍କା ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ। ସେ କୁଞ୍ଜେଲପଡ଼ା ସ୍ଥିତ ୟଙ୍ଗ ବଏଜ ଆସୋସିଏଶନରେ କବାଡି ଖେଳ ପ୍ରଶିକ୍ଷକ ସମ୍ବଲପୁର ପୋଲିସର ଶ୍ରୀକାନ୍ତ ବାରିକଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବୀଶ ଶୁଭ୍ରୀ ପଣ୍ଡା ସୋମବାର ଜିଲାପାଳଙ୍କ ପ୍ରକୋଷ୍ଠରେ ପ୍ରିୟଙ୍କା ପ୍ରଧାନ ତାଙ୍କ ପ୍ରଶିକ୍ଷକ(କୋଚ୍) ଶ୍ରୀକାନ୍ତ ବାରିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହାସହ କ୍ରୀଡ଼ା କ୍ଷେତ୍ରରେ ପ୍ରିୟଙ୍କାଙ୍କ ଉତ୍ତୋରତ୍ତର ଉନ୍ନତି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଆଗାମୀ ଦିନରେ ପ୍ରିୟଙ୍କାଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଜିଲାପାଳ ବୋନ୍ଦର। ଜିଲା କ୍ରୀଡ଼ା ସଂଘର ଖେଳକୁଦ ସମ୍ପାଦକ ରାଜେଶ ସେଠ୍, ସମ୍ବଲପୁର କବାଡି କ୍ଲବର ରାମଦାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ପ୍ରିୟଙ୍କା ଓ ତାଙ୍କ କୋଚ୍‌ଙ୍କୁ ଜିଲା କ୍ରୀଡା ସଂଘର ଉପସଭାପତି ଦୁଲାଲ ପ୍ରଧାନ, ସମ୍ପାଦକ ସୁନୀଲ ସାହୁ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ ଶୁଭେଚ୍ଛା ଜଣେଇଛନ୍ତି।

# ପ୍ରଦୂଷଣ ରୋକିବାକୁ ବୃକ୍ଷରୋପଣ ଜରୁରୀ

ସମ୍ବଲପୁର,୭।୭(ବି.ଶଙ୍କର)

## ବିଦ୍ୟାଳୟସ୍ତରୀୟ ବନ ମହୋତ୍ସବ

ବିଦ୍ୟାଳୟସ୍ତରୀୟ ବନ ମହୋତ୍ସବ ତଥା ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ସୋମବାର ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବଡ଼ସାହିର ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନଶିକ୍ଷକ ଯୁଗଳ କିଶୋର ନାୟକ, ପ୍ରକୃତିପ୍ରେମୀ ପ୍ରଦୀପ୍ତ କୁମାର ପ୍ରଧାନ ଅତିଥି ବକ୍ତାଭାବେ ଯୋଗଦେଇଥିଲେ। ସମ୍ପ୍ରତି ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ପ୍ରଦୂଷଣକୁ ରୋକିବାକୁ ହେଲେ ବୃକ୍ଷ ରୋପଣ କରିବା ଜରୁରୀ। ଆଧୁନିକ ପୃଥିବୀକୁ କେବଳ ବୃକ୍ଷ ହିଁ ବଞ୍ଚାଇ ପାରିବ। ତେଣୁ ମା'ଙ୍କ ନାମରେ ଗଛଟିଏ ରୋପଣ କଲେ ତାର ସଠିକ ଯତ୍ନ ନେଇପାରିବା ବୋଲି ଅତିଥି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ପରିବେଶ ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀରୂପା ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଉଛି।




ସୋମବାର ମାଝିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମ୍ବଲପୁର ସହରସ୍ଥିତ ଇନଫିନିଟି ହୁଣ୍ଡାଇ ଆୟୋଜିତ ବନ ମହୋତ୍ସବ -୨୦୨୫ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ରମାନେ।



ବୁଧବାର ରାତିରେ ସମ୍ବଲପୁର ଝାଡୁଆପଡାସ୍ଥିତ ବ୍ରହ୍ମପୁରା ମନ୍ଦିର ସମ୍ମୁଖରେ ରଥାରୂଢ଼ ଠାକୁରଙ୍କଠାରେ ଅଧର ପଣା ନୀତି କରାଯାଇଛି।

# ନିଶା ନିବାରଣ କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୭।୭(ପ୍ରମୋଦ ବହିଦାର)

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଅଧିନ ନିଶା ନିବାରଣ କେନ୍ଦ୍ରରେ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ନମୋ ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଡ. ସଞ୍ଜୀବ ମିଶ୍ର ଅନ୍ତେବାସୀଙ୍କୁ ଦୃଢ଼ ମନୋବଳ ଓ ସଂକଳ୍ପ ନିଶା ପରିତ୍ୟାଗର ମୂଳମନ୍ତ୍ର ବୋଲି କହିଥିଲେ। ଏହି ଅବସରରେ ସେ ନିଶା କବଳିତ ବ୍ୟକ୍ତିବିଶେଷଙ୍କ ପରିବାରବର୍ଗଙ୍କ ଜୀବନ କିଭଳି ଦୁର୍ବିସହ ହୋଇ ପଡୁଛି ଓ ନିଶା ସେବନ ଦ୍ୱାରା କିଭଳି ସମାଜରେ ଆସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିଭାବେ ଚାଷୀନେତା ଅଶୋକ ପ୍ରଧାନ ଯୋଗଦେଇ ଅନ୍ତେବାସୀମାନଙ୍କୁ ନିଶାର କୁପ୍ରଭାବ ଉପରେ ଅବଗତ କରିଥିଲେ। ଏହି ଅବସରରେ ଅନ୍ତେବାସୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଧାଂଶୁ ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଚାରାରୋପଣ




ପ୍ରତିଷ୍ଠା ଦିବସରେ ଚାରାରୋପଣ କରାଯାଉଛି।

ନାକଟିଦେଉଳ, ୭।୭(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୧ ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠାନ ପରିସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ଯୋଗଦେଇ ଅନୁଷ୍ଠାନର ପରିସର ମଧ୍ୟରେ ବିଭିନ୍ନ ପ୍ରଜାତିର ୮୦ଟି ଚାରା ରୋପଣ କରି ଏହାର ସୁରକ୍ଷା ପାଇଁ ଶପଥ ନେଇଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରମେଶ କୁମାର ଅଗ୍ରୱାଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠାନର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏଥିରେ ଅଧ୍ୟାପକ ପତିତ ମହାନନ୍ଦ, ପ୍ରଫୁଲ୍ଲ କୁମାର ପ୍ରଧାନ, ମହେନ୍ଦ୍ର କୁମାର ବେହେରା, ଅଧ୍ୟାପିକା ସୁବାସିନୀ ବେହେରା ଯୋଗଦେଇ ଉଚ୍ଚ ମାଧ୍ୟମିକ ପ୍ରତିଷ୍ଠାର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷର ଆବଶ୍ୟକତା ଉପରେ ଆଲୋକପାତ କରି ସମସ୍ତେ ଗୋଟିଏ ଲେଖାଏ ଚାରା ରୋପଣ କରି ଏହାର ସୁରକ୍ଷା ନେବା ଦିଗରେ ଗୁରୁତ୍ୱାରୋପ କରିଥିଲେ କ୍ରୀଡା ଶିକ୍ଷକ ଭବ ରଞ୍ଜନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜିଡି ଡିଗ୍ରୀ କଲେଜରେ ବନ ମହୋତ୍ସବ ସପ୍ତାହ

କୁଚିଣ୍ଡା, ୭।୭(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ସୋମବାର ୭୬ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପକ ବିନୋଦ ବିହାରୀ ପୃଷ୍ଟେଠ ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷରୋପଣର ଆବଶ୍ୟକତା ସମ୍ବନ୍ଧରେ କହିଥିଲେ। ରେଡକ୍ରସ କାଉନସେଲର ହରେଶ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁଥ ରେଡକ୍ରସ ସ୍ୱେଚ୍ଛାସେବୀମାନେ କଲେଜ ପରିସରରେ ନିମ୍ବ, ଆମ୍ବ, ପିଜୁଳି, ବର କୋଳି ଆଦି ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ପେଡ ମା' କେ ନାମ ବାର୍ତ୍ତା ପ୍ରଦାନ ସହ ଚାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ଶାଖାର ସମସ୍ତ ସ୍ୱେଚ୍ଛାସେବୀ ଓ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

ସେହିପରି କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଜୁନିୟର କଲେଜରେ ସୋମବାର ବନମହୋତ୍ସବ ପାଳନ ଅବସରରେ ରେଡକ୍ରସ ଆନୁକୂଲ୍ୟରେ କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ନେତୃତ୍ୱରେ କଲେଜ ରାସ୍ତାର ଉଭୟପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ, ରେଡକ୍ରସ କାଉନସେଲର ଅଧ୍ୟାପକ ସତ୍ୟନାରାରଣ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେରେ କିରା ଶାସନ ଛକରୁ କଲେଜ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ୮୦ଟି ଚାରାରୋପଣ କରାଯାଇଥିଲା। ଅଧ୍ୟାପକ ସୁଧିର କୁମାର ନାଏକ,ଅଧ୍ୟାପିକା ଭାବନା ପାଣ୍ଡେ,ଶିକ୍ଷା ଡେମୋଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ,ଡିଇଓ ସମିନ ରଞ୍ଜନ ନାଏକ, ଜୟଦେବ ରାଉତ ଓ ଅସିମ କୁମାର ପରୁଆଙ୍କ ସମେତ ସମସ୍ତ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଚାରାରୋପଣ କରିଥିଲେ।



କେଶାଇବାହାଲ ଡିଗ୍ରୀ କଲେଜରେ ଚାରାରୋପଣ କରାଯାଉଛି।

# ଶୌଚ ପାଇଁ ଯାଇଥିବା ବୃଦ୍ଧା ପାଣିରେ ଭାସିଗଲେ

ସମ୍ବଲପୁର,୭।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଶାସନ ଥାନା ମାଝିପାଲି କୁମପଟିଆ ପଡାର ୬୫ ବର୍ଷିୟ ଅହଲ୍ୟା ସିଂହ ସୋମବାର ହରଡ ଯୋରରେ ଭାସିଯାଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଅହଲ୍ୟା ଅପରାହ୍ନରେ ଶୌଚ କରିବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ। ଚାଷ କାମ କରୁଥିବା ଲୋକେ ଅହଲ୍ୟାଙ୍କୁ ହରଡଯୋର କୂଳରେ ଦେଖିଥିବା ପରିବାର ସଦସ୍ୟଙ୍କୁ କହିଥିଲେ। ଏହାପରେ ତାଙ୍କ ପୁଅମାନେ ଦୀର୍ଘ ସମୟ ଧରି ହରଡ ଯୋରରେ ଖୋଜାଖୋଜି କରିଥିଲେ। ବିଗତ କିଛି ଦିନ ହେବ ଲଗାଣ ବର୍ଷା ଯୋଗୁ ହରଡ ଯୋରରେ ବନ୍ୟାପାଣି ପ୍ରବାହିତ ହେଉଛି। ଶୌଚ ପାଇଁ ଯାଇ ଅହଲ୍ୟା ସୁଅ ପାଣିରେ ଭାସିଯାଇଥିବା ଅନୁମାନ କରାଯାଉଛି।

# ବନ୍ୟାପାଣି ଘେରରେ ପତ୍ରାପାଲି ହରିଜନପଡ଼ା

କୁଚିଣ୍ଡା, ୭।୭(ବିରଞ୍ଚି ଦର୍ଶୀ)

## ସ୍ଥିତି ଅନୁଧ୍ୟାନ କଲେ ଅଧିକାରୀ

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତ ପତ୍ରାପାଲି ବସ୍‌ଷ୍ଟାଣ୍ଡରୁ ହରିଜନପଡା ପର୍ଯ୍ୟନ୍ତ ବନ୍ୟାପାଣି ଜମି ରହିଛି। ପାଣି ନିଷ୍କାସନର କୌଣସି ବ୍ୟବସ୍ଥା ନଥିବାରୁ ହରିଜନ ପଡାରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ଓ ରବିବାରରେ ହୋଇଥିବା ମୂଷଳଧାରା ବର୍ଷା ଯୋଗୁ ଘରେ ପାଣି ପଶି ଯାଇଛି। ଫଳରେ ପଡାବାସୀଙ୍କୁ ଘର ଭାଙ୍ଗିବାର ଚିନ୍ତା ଘାରିଛି। ଖବରପାଇ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ, ତହସିଲଦାର ମିତାଲି ମଧୁମିତା ଦଳେଇ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶର କିଷାନ, କନିଷ୍ଠ ଯନ୍ତ୍ରୀ ଭବାନୀଶଙ୍କର ପ୍ରଗଣିଆ, ସରପଞ୍ଚ ସୁବାସିନୀ ଧାନ, ପିଇଓ ଆଶା ପ୍ରଧାନ ପତ୍ରାପାଲି ହରିଜନ ପଡାକୁ ଯାଇ ସ୍ଥିତି ଯାଞ୍ଚ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଦମକଳ ଦ୍ୱାରା ଦୀର୍ଘ ସମୟ ଧରି ପାଣି ନିଷ୍କାସନ କରିଥିଲେ। ହେଲେ ପାଣି ନିଷ୍କାସନ କିମ୍ବା ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ହୋଇ ନ ଥିବାରୁ ପଡାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ପୁଣି ବିଡିଓ ସାହୁ ଏବଂ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୟ ନାଏକ ପାଣି ଜମାହୋଇଥିବା ସ୍ଥାନ ପରିଦର୍ଶନ କରି ଜେସିବି ଦ୍ୱାରା ପାଣି ନିଷ୍କାସନ ପାଇଁ ଏକ ଅସ୍ଥାୟୀ ଡ୍ରେନ ଖୋଳିଛନ୍ତି।



ବିଡିଓ ଜୟନ୍ତ ସାହୁ ସମସ୍ୟା ସମାଧାନ ପାଇଁ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ସମବାୟ ସମିତିକୁ ନିଷ୍ପତ୍ତି ନେବା ଅଧିକାର ମିଳୁ

ସମ୍ବଲପୁର, ୭।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ବରେଇପାଲି ମାର୍କେଟ ୟାର୍ଡ଼ରେ ପଶ୍ଚିମ ଓଡିଶା ପ୍ରାଥମିକ ଓ ବହୁମୁଖୀ କୃଷି ସମବାୟ ସମିତି କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ନାଉରୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଶେଖର ପଣ୍ଡା, କର୍ମଚାରୀ ସଂଘ ଉପସଭାପତି ନିରଞ୍ଜନ ବାଗ, ସୁଧାନିଧି ମଟାରୀ, ସଂଘ ସାଧାରଣ ସମ୍ପାଦକ ନିତେଶ କୁମାର ସାହୁ, ଦେବଗଡ଼ ଭାଜପା ଜିଲା ସଭାପତି ସୌଭାଗ୍ୟ ପାତ୍ର ଏବଂ ପଶ୍ଚିମ ଓଡିଶାର ୧୦ ଗୋଟି ଜିଲାରୁ ୧୦୦ଜଣ ସମ୍ପାଦକ ଯୋଗଦାନ କରିଥିଲେ। ଏହି ସଭାରେ



ପଶ୍ଚିମ ଓଡିଶା ପ୍ରାଥମିକ ଓ ବହୁମୁଖୀ କୃଷି ସମବାୟ ସମିତି କର୍ମଚାରୀ ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ସମବାୟ ସମିତିର କର୍ମଚାରୀମାନଙ୍କୁ ସପ୍ତମ ବେତନ କମିଶନ ପ୍ରଦାନ, ଧାନ କାରବାର ସମୟରେ ସମିତି କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ, ଧାନ କମିଶନ ଟଙ୍କାକୁ ଖର୍ଚ୍ଚ କରିବା ପାଇଁ ସମିତି ପରିଚାଳନା କମିଟିକୁ ପୂର୍ଣ୍ଣ କ୍ଷମତା ପ୍ରଦାନ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ପଞ୍ଜିକରଣ ସମୟରେ ସମସ୍ତ ଚାଷୀ ଓ ଭାଗଚାଷ ପାଇଁ ଜମି ମାଲିକଙ୍କ ଆଇରିସ ସ୍କାନିଙ୍ଗ କରାଯାଉ ବୋଲି କର୍ମଚାରୀମାନେ ମତ ଦେଇଥିଲେ। ଧାନ କ୍ରୟବିକ୍ରୟ ପାଇଁ ରାଜସ୍ୱ ନିରୀକ୍ଷକ, କୃଷି କର୍ମଚାରୀ, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଉପ ନିବନ୍ଧକ ସମବାୟ ସମିତି ସମୂହ, ଯୋଗାଣ ବିଭାଗ କର୍ମଚାରୀ ଓ ସମିତି ସମ୍ପାଦକ ମିଶି କାର୍ଯ୍ୟ କରିଥାନ୍ତି। ମାତ୍ର ଧାନ କିଣାବିକା ସମୟରେ କିଛି ତ୍ରୁଟି ବିଚ୍ୟୁତି ହେଲେ କେବଳ ସମ୍ପାଦକଙ୍କୁ ଦାୟୀ କରା ନ ଯାଉ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ସମବାୟ ସମିତି ସାଧାରଣ କ୍ୟାଡର ନିୟମ ୨୦୨୫କୁ ସଂଶୋଧନ କରି ସମସ୍ତ ବର୍ଗର କର୍ମଚାରୀମାନଙ୍କୁ କ୍ୟାଡର କରାଯାଉ ଏବଂ ବଦଳି ନ କରି ନିଜ ସମିତିରେ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବାକୁ ବୈଠକରେ ଦାବି ହୋଇଥିଲା। ତେବେ ବେନିୟମ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସମବାୟ ନିୟମ ଅନୁଯାୟୀ ଦଣ୍ଡ ବିଧାନ କରାଯିବାକୁ ସଭାରେ ମତପ୍ରକାଶ ପାଇଥିଲା।

# ଶକ୍ତି ଓ ଦୁର୍ବଳତା

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ମେ' ୭ରୁ ୧୦ ଯାଏ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିଲା। 'ଅପରେଶନ ସିନ୍ଦୂର'କୁ ଦୁଇ ମାସ ପୂରିଯାଇଥିଲେ ମଧ୍ୟ ଭାରତୀୟ ସାମରିକ ଅଧିକାରୀଙ୍କ ମନର ବ୍ୟଥା ବାରମ୍ବାର ବୟାନ ଆକାରରେ ଆସୁଛି। ସଦ୍ୟ ଘଟଣାକୁ ଦେଖିଲେ ଜୁଲାଇ ୪ରେ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ପକ୍ଷରୁ ଆୟୋଜିତ 'ନ୍ୟୁ ଏଜ୍ ମିଲିଟାରି ଟେକ୍ନୋଲୋଜି' ଶୀର୍ଷକ ଆଲୋଚନାଚକ୍ରରେ ସ୍ଥଳସେନା ଉପମୁଖ୍ୟ ରାହୁଲ ସିଂ କହିଥିଲେ, ଅପରେଶନ ସିନ୍ଦୂର ଚାଲିଥିବା ବେଳେ ଭାରତର ପ୍ରସ୍ତୁତି ବିଷୟରେ ସବୁ କିଛି ପାକିସ୍ତାନ ଜାଣିଥିଲା। ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍ଓ) ସ୍ତରୀୟ କଥାବାର୍ତ୍ତା ବେଳେ ପାକିସ୍ତାନ ବାସ୍ତବରେ ଭାରତୀୟ ପ୍ରତିପକ୍ଷଙ୍କୁ କହିଥିଲା, ଭାରତର କେଉଁ ଯୁଦ୍ଧାସ୍ତ୍ରଗୁଡ଼ିକୁ କେଉଁ ସ୍ଥାନଗୁଡ଼ିକରେ ମୁତୟନ କରାଯାଇଛି, ତାହା ସେମାନେ ଜାଣିପାରୁଥିଲେ। କେବଳ ସେତିକି ନୁହେଁ, କେଉଁ କ୍ଷେପଣାସ୍ତ୍ର ମାଡ଼ କରିବାକୁ ପ୍ରସ୍ତୁତ କରାଯାଉଛି ତାହାର ଅବିକଳ ସ୍ଥଳକୁ ଉଲ୍ଲେଖ କରି ପାକିସ୍ତାନର ଡିଜିଏମ୍ଓ ମେଜର ଜେନେରାଲ କାଶିଫ୍ ଅବ୍ଦୁଲ୍ଲା ତାଙ୍କ ଭାରତୀୟ ପ୍ରତିପକ୍ଷ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇଙ୍କୁ କହିଲେ ଯେ ଭାରତର ଏହି ଅସ୍ତ୍ର ସମ୍ପର୍କରେ ଆମେ ଜାଣିଛୁ ଏବଂ ଆପଣ ତାହାକୁ ଫେରାଇନେବା ଉଚିତ ହେବ। ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାହୁଲ ସିଂଙ୍କ ଏହି କଥାରୁ ଜଣାପଡୁଛି ଯେ ପାକିସ୍ତାନ ଏକ ପ୍ରକାର ଧମକାଇବା ପରିସ୍ଥିତିରେ ରହିଛି, କାରଣ ଭାରତର ସମ୍ପୂର୍ଣ୍ଣ ସଶସ୍ତ୍ର ସେନାର ତଥ୍ୟ ତାହା ପାଖରେ ଅଛି। ଆଜିର ଯୁଗରେ ୟୁଟ୍ୟୁବରଙ୍କ ଦ୍ୱାରା ଗୋଇନ୍ଦା କାର୍ଯ୍ୟ କରାଇବାର ପ୍ରୟୋଜନ ନାହିଁ। ଉଚ୍ଚ ପ୍ରଯୁକ୍ତି କୌଶଳ ବ୍ୟବହାର କରାଯାଇ ସବୁ ପ୍ରକାର ତଥ୍ୟ ବାହାର କରିନେବାର କ୍ଷମତା ଚାଇନା ଓ ଆମେରିକା ପାଖରେ ଅଛି। ଉଭୟ ଦେଶ ପାକିସ୍ତାନ ସପକ୍ଷରେ କାର୍ଯ୍ୟ କରିଥିବା ଭଳି ମନେହୁଏ। ରାହୁଲ ଆହୁରି କହିଥିଲେ ଭାରତ ବିପକ୍ଷରେ ଗୋଟିଏ ସୀମାରେ ପାକିସ୍ତାନ ସହ ଅନ୍ୟ ଶତ୍ରୁ ଭିତରେ ଚାଇନା ସହିତ ତୁର୍କୀର ସମ୍ପୃକ୍ତି ରହିଥିଲା। ଏବଂ ସମ୍ଭବତଃ ଅନ୍ୟ ଶକ୍ତିମାନଙ୍କର ସହଯୋଗ ଉପସ୍ଥିତି ଥିଲା। ଯୁଦ୍ଧ ସମୟରେ ଭାରତର ସେନା ଏହିଭଳି ପରିସ୍ଥିତି ଜାଣିପାରିଥିଲା ବୋଲି ରାହୁଲ ସିଂ କହିଛନ୍ତି।

> ଭାରତ ଓ ପାକିସ୍ତାନ ଡିଜିଏମ୍ଓ ସ୍ତରରେ ଏଭଳି ପୁଙ୍ଖାନୁପୁଙ୍ଖ ଆଲୋଚନା ଇଙ୍ଗିତ କରୁଥାଇପାରେ ଯେ ଉଭୟ ଦେଶର ଉଚ୍ଚପଦସ୍ଥ ଅଧିକାରୀମାନେ ପରସ୍ପରକୁ ସମ୍ମାନ ଦେଉଛନ୍ତି। ଏଥିସହିତ ଉଭୟ ପକ୍ଷ ଅପରପକ୍ଷର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଅତି ଭଲ ଭାବେ ଅବଗତ ଅଛନ୍ତି। ତେଣୁ କୌଣସି ପକ୍ଷ ହାରୁ ବୋଲି ମିଲିଟାରି ସ୍ତରରେ ଉଭୟ ପକ୍ଷ ଚାହିଁଲେ ନାହିଁ।

ଟିକେ ପଛକୁ ଗଲେ ଆଉ ଜଣେ ସାମରିକ ଅଧିକାରୀଙ୍କ ମନ୍ତବ୍ୟର ଚର୍ଚ୍ଚା ମଧ୍ୟ ସରିନାହିଁ। ଜୁନ୍ ୧୦ରେ ଇଣ୍ଡୋନେସିଆର ଦିର୍ଗନ୍ତର ମର୍ସେକଲ ସୂର୍ଯ୍ୟଦର୍ମା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଭାରତ–ପାକିସ୍ତାନ ଯୁଦ୍ଧ ପରିପ୍ରେକ୍ଷୀରେ ଶକ୍ତି ରଣନୀତି ଉପରେ ନୌସେନା କ୍ୟାପ୍‌ଟେନ ତଥା ଇଣ୍ଡୋନେସିଆର ଭାରତୀୟ ଦୂତାବାସରେ ଡିଫେନ୍ସ ଆଟାସେ ଥିବା ଶିବକୁମାର ଦେଇଥିବା ମତ ଗୁରୁତ୍ୱ ବହନ କରିଛି। ପାକିସ୍ତାନୀ ସେନା ପ୍ରତିଷ୍ଠାନ କିମ୍ବା ସେମାନଙ୍କ ବାୟୁସେନା ଘାଟିଗୁଡ଼ିକ ଉପରେ ଆକ୍ରମଣ ନ କରିବା ପାଇଁ ଭାରତର ରାଜନୈତିକ ନେତୃତ୍ୱ ନିର୍ଦ୍ଦେଶ ଦେଇଥିବାରୁ ଇଣ୍ଡିଆନ୍ ଏୟାର ଫୋର୍ସ (ଆଇଏଏଫ୍)କୁ କେତୋଟି ଯୁଦ୍ଧବିମାନ ହରାଇବାକୁ ପଡ଼ିଥିଲା ବୋଲି ଶିବକୁମାର କହିଥିଲେ। ଅନୁରୂପ ଭାବେ ମେ' ୩୧ରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ସିଙ୍ଗାପୁରରେ ଆୟୋଜିତ ଶାଙ୍ଗ୍ରି–ଲା ଡାଏଲଗ୍‌ରେ କହିଥିଲେ, ଭାରତ ଓ ପାକିସ୍ତାନ ମଧ୍ୟରେ ମେ ୭ରୁ ୧୦ ଯାଏ ହୋଇଥିବା ଯୁଦ୍ଧରେ ଭାରତୀୟ ଯୁଦ୍ଧ ବିମାନ ଖସିଥିଲା। କେତେ ଲଡ଼ୁଆ ବିମାନ ଖସିଲା ସେହି ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ କାହିଁକି ଖସିଥିଲା ତାହା ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ଅନିଲ ଚୌହାନ ମତ ରଖିଥିଲେ।

ଉପରଲିଖିତ ତିନିଜଣ ଅତି ଉଚ୍ଚପଦସ୍ଥ ଭାରତୀୟ ସାମରିକ ଅଧିକାରୀଙ୍କ ମତ ଦେଶବାସୀଙ୍କୁ ବ୍ୟସ୍ତ କରିଛି। ଯୁଦ୍ଧ ଚାଲିଥିବା ବେଳେ ରାଜନୈତିକ ନେତୃତ୍ୱର ନିଷ୍ପତ୍ତିକୁ ସମାଲୋଚନା କରିବାର ଅର୍ଥ ହେଲା ସାମରିକ ବାହିନୀ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିସହିତ ଡିଜିଏମ୍ଓ ସ୍ତରରେ ଏଭଳି ପୁଙ୍ଖାନୁପୁଙ୍ଖ ଆଲୋଚନା ଇଙ୍ଗିତ କରୁଥାଇପାରେ ଯେ ଉଭୟ ଦେଶର ଉଚ୍ଚପଦସ୍ଥ ଅଧିକାରୀମାନେ ପରସ୍ପରକୁ ସମ୍ମାନ ଦେଉଛନ୍ତି। ଏଥିସହିତ ଉଭୟ ପକ୍ଷ ଅପରପକ୍ଷର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଅତି ଭଲ ଭାବେ ଅବଗତ ଅଛନ୍ତି। ତେଣୁ କୌଣସି ପକ୍ଷ ହାରୁ ବୋଲି ମିଲିଟାରି ସ୍ତରରେ ଉଭୟ ପକ୍ଷ ଚାହିଁଲେ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେତେ ଛାତି ପିଟି ଶ୍ରେୟ ନେବାକୁ ଚାହୁଁଥିଲେ ବି ବାସ୍ତବ ନିଷ୍ପତ୍ତି ଦୁଇ ଡିଜିଏମ୍ଓଙ୍କ ମଧ୍ୟରେ ନିଆଯାଇଥିଲା ଭଳି ମନେହେଉଛି। ଟ୍ରମ୍ପଙ୍କ ଚାପ ନିଶ୍ଚିତ କାମ କରିଛି, ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ଭାରତ କିମ୍ବା ପାକିସ୍ତାନ, କୌଣସି ଗୋଟିଏ ପକ୍ଷ ଯଦି ଅମାନ୍ୟ ହୋଇଥାନ୍ତେ, ତେବେ ପରିସ୍ଥିତି ଭୟାବହ ହୋଇଥାଆନ୍ତା। ୨୦୨୫ ମସିହାରେ ଏହି ୪ ଦିନର ଯୁଦ୍ଧ ସମୟରେ ଏବଂ ଯୁଦ୍ଧ ପରେ କୌଣସି ଦେଶ ଭାରତକୁ ସମର୍ଥନ ଜଣାଇ ନ ଥିବା ହେତୁ ଭାରତୀୟ କୂଟନୀତିର ବିଫଳତା ଜଣାପଡ଼ିଲା। ରାହୁଲ ସିଂଙ୍କ କହିବା ଅନୁଯାୟୀ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦୁର୍ବଳତାକୁ ଘୋଡ଼ାଇ ଦେବା ପରିବର୍ତ୍ତେ ଅତି ଶୀଘ୍ର ତାହାକୁ ସାମ୍ନା କରି ଦେଶର ହିତ ପାଇଁ କାର୍ଯ୍ୟ ଆରମ୍ଭ ହେବା ଦରକାର।

# ଗୃହଶତ୍ରୁ ଓ ଆଭ୍ୟନ୍ତରଣ ସୁରକ୍ଷା



ଡ. ମନୋଜ କୁମାର ମହାନ୍ତି

ରାଜତନ୍ତ୍ରର ଅସ୍ଥିରତା ସହ ନିଜ ନିଜ ମଧ୍ୟରେ ଷଡ଼ଯନ୍ତ୍ରରେ ଲିପ୍ତଥିବା ଭାରତୀୟଙ୍କୁ ଦିନେ ଘୋରୀ, ଖିଲିଜୀ, ମୋଗଲ ଓ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ କରିବ ସେ କଥା କେହି କେବେ ଭାବି ନ ଥିଲେ। ଯେଉଁ ମହମ୍ମଦ ଘୋରୀ ପୃଥ୍ୱୀରାଜ ଚୌହାନଠାରୁ ୧୧ଥର ହାରି ନିଜ ଜୀବନ ବଞ୍ଚାଇବା ଭୟରେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାଇଯାଇଥିଲେ, ସେଇ ଘୋରୀ ଦିନେ ବେଇମାନ ଜୟଚନ୍ଦ୍ରଙ୍କ ସାହାଯ୍ୟରେ ପୃଥ୍ୱୀରାଜଙ୍କୁ ହରାଇବାକୁ ସକ୍ଷମ ହୋଇଥିଲେ। ଇବ୍ରାହିମ ଲୋଦିଙ୍କୁ ଦିଲ୍ଲୀ ରାଜଗାଦିରୁ ହଟାଇବା ପାଇଁ ନିଜ ସମ୍ପର୍କୀୟ ଦୌଲତ ଖାଁ ଲୋଦି କାବୁଲ ଶାସକ ବାବରଙ୍କୁ ଭାରତକୁ ନିମନ୍ତ୍ରଣ କରିବା ଏକ ଷଡ଼ଯନ୍ତ୍ରର ପରିଭାଷା। ବଙ୍ଗ ନବାବ ସିରାଜଉଦୌଲାଙ୍କ ସମ୍ପର୍କୀୟ ବିଶ୍ୱାସଘାତକ ମିର୍ଜାଫରଙ୍କ ପାଇଁ ଇଂରେଜଙ୍କ ଶହେନବେ ବର୍ଷର ନିର୍ଯାତନା ଭାରତୀୟଙ୍କୁ ସହିବାକୁ ପଡ଼ିଥିଲା। ଇଂରେଜଙ୍କଠାରୁ ଝାନ୍ସୀ ସାମ୍ରାଜ୍ୟକୁ ମୁକ୍ତରଖିବା ପାଇଁ ଲକ୍ଷ୍ମୀବାଈ ରଣନୀତି ପ୍ରସ୍ତୁତ କରିଥିଲେ । କିନ୍ତୁ ସଦାଶିବ ନାରାୟଣ ଝାନ୍ସୀ ଦୁର୍ଗର ଦୁର୍ବଳ ପାର୍ଶ୍ୱ ବିଷୟରେ ବ୍ରିଟିଶମାନଙ୍କୁ ଜଣାଇ ଝାନ୍ସୀକୁ ବ୍ରିଟିଶ ଶାସନରେ ଅନ୍ତର୍ଭୁକ୍ତ କରାଇବାରେ ରାସ୍ତା ଉନ୍ମୁକ୍ତ କରିଥିଲେ। ଏହିଭଳି କେତେଜଣ ଭାରତୀୟ ବିଶ୍ୱାସଘାତକ ଇଂରେଜମାନଙ୍କ ସହ ମିଶି ଦେଶର ଏକତାକୁ ନଷ୍ଟ କରିଛନ୍ତି । ସବୁ ଘାତପ୍ରତିଘାତ ସତ୍ତ୍ୱେ ଭାରତ ସ୍ୱାଧୀନତା ସ୍ୱାଦ ଚାଖିବା ପୂର୍ବରୁ ଦୁଇ ପ୍ରମୁଖ ନେତା, ଦୁଇ ପ୍ରମୁଖ ଧାର୍ମିକ ଗୋଷ୍ଠୀଙ୍କ ଜିଦ୍‌ଖୋର ମନୋବୃତ୍ତିର ଫଳାଫଳର ରୂପରେଖ ନେଲା ଭାରତ ଓ ପାକିସ୍ତାନ। ଭାରତକୁ ପୁଣି ଥରେ ରାମରାଜ୍ୟ ପ୍ରତିଷ୍ଠାର ପରିକଳ୍ପନା କରାଗଲା। ରାଜତନ୍ତ୍ରକୁ ସବୁଦିନ ପାଇଁ ଭାରତରୁ ଲୋପକରି ଗଣତନ୍ତ୍ର ସ୍ଥାପନ ପୂର୍ବକ ଜନସାଧାରଣଙ୍କୁ ସେମାନଙ୍କର ସମସ୍ତ ନ୍ୟାୟ୍ୟଦାବି ପ୍ରାପ୍ତି ପାଇଁ ସରକାର ବଦ୍ଧପରିକର ହେଲେ । ପ୍ରତ୍ୟେକ ଜୀବନ ସରକାର ପାଇଁ ମୂଲ୍ୟବାନ୍ ଓ ମହତ୍ତ୍ୱପୂର୍ଣ୍ଣ ତାହା ସର୍ବସମ୍ମୁଖରେ ପ୍ରତିଶ୍ରୁତିବଦ୍ଧ ହେଲା।

ଭାରତୀୟ ଗଣତନ୍ତ୍ରରେ ସ୍ୱାଧୀନତା ପରେ ଜାତୀୟ କଂଗ୍ରେସର ଶାସନ ଓ ପରେ ପରେ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଦଳ ସୃଷ୍ଟି ହେଲା। ଜନତାଙ୍କ ହାତରେ ସରକାର ତିଆରି କରିବାର ବଡ଼ ଭୂମିକା ସଦାସର୍ବଦା ରହିଆସିଛି। ରାଜନୀତିରେ ଉଷ୍ମତା ସମୟେ ସମୟେ ଦେଖିବାକୁ ମିଳେ। ବିରୋଧାଭାଷ ଗଣତନ୍ତ୍ରର ଏକ ମଜଭୁତ ଅସ୍ତ୍ର। ନଚେତ୍ ଶାସକ ଦଳ ମନମୁଖି ଦୁର୍ନୀତିଖୋର ପାଲଟିଯିବାକୁ ବେଶି ସମୟ ଲାଗିବ ନାହିଁ।

ଦେଶର ଆଇନକାନୁନ,ଶିକ୍ଷା,ସ୍ୱାସ୍ଥ୍ୟ,ଅର୍ଥନୀତି, ବିଦେଶ ନୀତି, ପ୍ରତିରକ୍ଷା ସହ ଭାରତର ପ୍ରଭୁତା ଅଖଣ୍ଡତା ଓ ସର୍ବଭୌମତ୍ୱ ରକ୍ଷାକରିବା ହେଉଛି ଦେଶର ଶାସନକର୍ତ୍ତାଙ୍କ ଦାୟିତ୍ୱ। ସବୁର ଉର୍ଦ୍ଧ୍ୱରେ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା। କାରଣ ଦେଶର ସୁରକ୍ଷା ବିକାଶ ଓ ପ୍ରଗତି ସହ ସମ୍ପୂର୍ଣ୍ଣ ଜଡ଼ିତ। ଅସୁରକ୍ଷିତ ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ନୁହେଁ। ବିଶ୍ୱର ପ୍ରତ୍ୟେକ ପ୍ରଗତିଶୀଳ ଦେଶ ପଛରେ ତା'ର ଅଭ୍ୟନ୍ତରୀଣ ସୁରକ୍ଷାର ବୃହତ୍ ଭୂମିକା ଥାଏ। ଶିଳ୍ପ, ଶିକ୍ଷା ବୈଷୟକ କ୍ଷେତ୍ରରେ ସୁରକ୍ଷିତ ନ ରହିଲେ ପୁଞ୍ଜିନିବେଶ କରିବାକୁ କେହି ଆଗ୍ରହ ପ୍ରକାଶ କରିବେ ନାହିଁ। ୟୁରୋପୀୟ,ପଶ୍ଚିମଦେଶ ଓ ଆରବ ଇସ୍‌ଲାମିକ ଦେଶରେ ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଏ। କିନ୍ତୁ ଭାରତ କ୍ଷେତ୍ରରେ ତାହା ସମ୍ପୂର୍ଣ୍ଣ ବିପରୀତ। ଅବୈଧ ଅନୁପ୍ରବେଶକାରୀଭାବେ ପାକିସ୍ତାନୀ,ବାଂଲାଦେଶୀ ଓ ରୋହିଙ୍ଗ୍ୟାମାନେ ପ୍ରାୟ ରାଜ୍ୟରେ ଆଡ୍ଡା ଜମାଇବାରେ ବ୍ୟସ୍ତ। ଖାଲି ସେତିକି ନୁହେଁ, ସେମାନଙ୍କର ଆଧାର କାର୍ଡ, ଭୋଟର ପରିଚୟପତ୍ର,ରାଶନ କାର୍ଡ, ବ୍ୟାଙ୍କ ଆକାଉଣ୍ଟ, ପାସ୍‌ପୋର୍ଟ, ପାନ୍‌କାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ସବୁ ଭାରତର ହୋଇସାରିଛି। ସେମାନେ ଭାରତର ନାଗରିକ ଭାବେ ନିଜକୁ ସ୍ୱୀକାର କରିସାରିଲେଣି। କାରଣ ଦେଶର ନାଗରିକ ପାଖରେ ହିଁ ଭୋଟ ଦେବାର ଅଧିକାର ରହିଛି। ଭୋଟର ଲିଷ୍ଟ ସହ ଭୋଟର ପରିଚୟପତ୍ର ଯଦି ଜଣେ ବ୍ୟକ୍ତି ପାଖରେ ଅଛି ସ୍ୱାଭାବିକ ଭାବେ ସେ ଏ ଦେଶର ନାଗରିକ। ଦେଶର ନାଗରିକ ସମ୍ବିଧାନର ସମସ୍ତ ଅଧିକାର ପାଇଁ ଲଢ଼େଇ କରିବା ସହ ଭିନ୍ନ ଭିନ୍ନ ସମୟରେ ଧାରଣା , ପ୍ରତିବାଦ ଓ ପ୍ରତିହିଂସା ଭଳି କାର୍ଯ୍ୟରେ ଉପସ୍ଥିତି ସ୍ୱାଭାବିକ । ଅଧିକାଂଶ ସମୟରେ ପ୍ରତିବାଦ ଓ ପ୍ରତିହିଂସା ଅତି ଉଗ୍ରରୂପ ଧାରଣ କରି ସାଧାରଣ ଧନଜୀବନକୁ ବିପର୍ଯ୍ୟସ୍ତ କରୁଛି। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏତେ ଅନୁପ୍ରବେଶକାରୀ ଆସିଲେ କିପରି? ଯଦି ଆସିଲେ, ସେମାନଙ୍କର ଭାରତୀୟ ପରିଚୟପତ୍ର ପ୍ରସ୍ତୁତି ହେଲା କିପରି? ଭାରତୀୟଙ୍କ ପରି ବାହ୍ୟ ଅନୁପ୍ରବେଶକାରୀଙ୍କ ଭୋଟର ପରିଚୟପତ୍ର ପ୍ରସ୍ତୁତି ସହ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପଛରେ ରାଜନୈତିକ ଦଳ ପୂର୍ଣ୍ଣମାତ୍ରାରେ ସାମିଲ ଏକଥା ଅସ୍ୱୀକାର କରିହେବ ନାହିଁ। ଭାରତୀୟ ଆଧାର କାର୍ଡ ପ୍ରସ୍ତୁତି ପାଇଁ ଆବଶ୍ୟକ ପ୍ରମାଣପତ୍ର ଭାରତର ଭିନ୍ନ ଭିନ୍ନ ରାଜ୍ୟରୁ କିପରି ସଂଗ୍ରହ କରାଗଲା? ବାଂଲାଦେଶ,ପାକିସ୍ତାନ,ନେପାଳ ଓ ମ୍ୟାନ୍‌ମାରରୁ ଆସୁଥିବା ଲୋକମାନେ ଭାରତୀୟ ପ୍ରମାଣପତ୍ର ହଡେଇଲେ କିପରି? ଏସବୁ ଶାସନ ଦାୟିତ୍ୱରେ ଥିବା ଦଳ ତା' ଭୋଟ ପାଇଁ ଯାହାକୁ ନାହିଁ ତାହାର ଭୋଟର ପରିଚୟପତ୍ର , ରାଶନ କାର୍ଡ ପ୍ରସ୍ତୁତି ଚାଲିଛି।



ଗୁଜରାଟର 'ଚଣ୍ଡଲ ତଲବ' ଅଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକାରୀ ମିନି ବାଂଲାଦେଶ ଭାବେ ବସତି ସ୍ଥାପନ କରିଛନ୍ତି ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ହେବ । ସ୍ଥାୟୀ ବାସିନ୍ଦାଭାବେ ବଂଶବିସ୍ତାର କରିବାକୁ ସୁଯୋଗ ସରକାର ଦେଲେ କିପରି? ସବୁ ଆବଶ୍ୟକ ପରିଚୟପତ୍ର ପ୍ରସ୍ତୁତି ସହ ନିର୍ବାଚିତ ପ୍ରତିନିଧି ବାଛିବା ପରେ ଏବେ ପ୍ରଶାସନର ନିଦ ଭାଙ୍ଗୁଛି। ଭାରତକୁ ନିଜର ବାସସ୍ଥାନ ,କର୍ମଭୂମି ଓ ଅର୍ଥ ରୋଜଗାରର ସ୍ଥଳ ମନେକରୁଥିବା ଲୋକମାନଙ୍କ ଚେର ଏତେ ଭିତରକୁ ଯାଇଛି ଯେ ତା'ର ମୂଳୋତ୍ପାଟନ ସମ୍ଭବ ନୁହେଁ। ଭାରତକୁ କବ୍‌ଜା କରିବା ପାଇଁ କେଉଁ ପ୍ରାଚୀନ କାଳରୁ ପ୍ରୟାସ ଓ ଷଡ଼ଯନ୍ତ୍ର ଚାଲିଛି । ପାର୍ସୀ,ଗ୍ରୀକ୍ ଆଫ୍‌ଗାନ,ମଙ୍ଗୋଲୀୟ,ମୋଗଲ,ପର୍ତ୍ତୁଗୀଜ, ଫ୍ରେଞ୍ଚ ଓ ପରିଶେଷରେ ବ୍ରିଟିଶ ସାମ୍ରାଜ୍ୟ ସେମାନଙ୍କର ଆଧିପତ୍ୟ ବିସ୍ତାର କରିଛନ୍ତି । ସମସ୍ତଙ୍କ ସେଇ ଗୋଟେ ଲକ୍ଷ୍ୟ ଲୁଣ୍ଠନ, ସାମ୍ରାଜ୍ୟ ପ୍ରତିଷ୍ଠା ଓ ବିସ୍ତାର, ବାଣିଜ୍ୟ ଆଧିପତ୍ୟ ସହ ଭାରତୀୟ ସଭ୍ୟତା ସଂସ୍କୃତିକୁ ନଷ୍ଟଭ୍ରଷ୍ଟକରି ଭାରତୀୟଙ୍କୁ ଦମନ କରିବା ତଥା ଭାରତର ଅର୍ଥନୀତିକୁ ଧ୍ୱଂସବିଧ୍ୱଂସ କରି ଅରାଜକତା ଆତଙ୍କ ସୃଷ୍ଟି କରିବା।

ସବୁ ଅରାଜକତା, ଆକ୍ରମଣ ,ଧର୍ମଘଟ ଓ ଅସହିଷ୍ଣୁତା ପଛରେ ଭାରତରେ ଲୁଚି ରହିଥିବା ଗୃହଶତ୍ରୁମାନେ ଭୂମିକା ଗ୍ରହଣ କରିଆସିଛନ୍ତି । ଧର୍ମନିରପେକ୍ଷ ରାଷ୍ଟ୍ରର ଦ୍ୱାହିଦେଇ ଭାରତରେ କ'ଣ ସବୁ ଘଟାଇ ଚାଲିଛନ୍ତି ତାହା ଜଳଜଳ ହୋଇ ଦିଶୁଛି। ଭାରତରେ ଯାହା ସବୁ ଘଟିଚାଲିଛି ସେ ସବୁ ପଛରେ ରାଜନୈତିକ ନେତୃତ୍ୱର ହାତ ସ୍ପଷ୍ଟ ଭାବରେ ବାରି ହେଉଛି। ଏସବୁ ସୁଯୋଗ ନେଇଛନ୍ତି ପଡ଼ୋଶୀ ରାଷ୍ଟ୍ର। ସେମାନେ ଭାରତୀୟଙ୍କ ଏକତାକୁ ସଦାସର୍ବଦା ନଷ୍ଟ କରିବାକୁ ପ୍ରୟାସ କରିଛନ୍ତି।

ନିକଟରେ ପଞ୍ଜାବର ଜ୍ୟୋତି ମାଲହୋତ୍ରା ଆଇଏସ୍‌ଆଇଏସ୍ ଓ ପାକିସ୍ତାନୀ ଆତଙ୍କ ସଂସ୍ଥାକୁ ଭାରତୀୟ ଗୋପନ ତଥ୍ୟ ଓ ସମ୍ବେଦନଶୀଳ ସ୍ଥାନର ଫଟୋଚିତ୍ର ପ୍ରଦାନ କରିଛନ୍ତି। ଜ୍ୟୋତିଙ୍କ ଭଳି ଅନେକ ଅନୁପ୍ରବେଶକାରୀ ଯୁବତୀଯୁବକ ଭାରତରେ ରହି ଭାରତର ଶାନ୍ତିଶୃଙ୍ଖଳା ଭଙ୍ଗ ସହ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୂପଦେବାରେ ଲାଗିଛନ୍ତି। ପ୍ରଶ୍ନ ଉଠେ, ଭାରତରେ ଏତେ ସୁରକ୍ଷା କର୍ମୀ, ଗୋଇନ୍ଦା ବିଭାଗ କାର୍ଯ୍ୟରତ ଥାଇ ଅନୁପ୍ରବେଶ ହେଉଛି କିପରି? ଭାରତର ସୀମାରେ ସୁରକ୍ଷା ସହ ଆଭ୍ୟନ୍ତରୀଣ ସୁରକ୍ଷାକୁ ଧ୍ୟାନଦେବାର ଏହା ଏକ ଘଡ଼ିସନ୍ଧି ସମୟ। ଯଦି ଅବହେଳା କରାଯାଏ ତା'ର ପରିଣାମ ଭାରତର ଜନସାଧାରଣଙ୍କୁ ଭୋଗିବାକୁ ପଡ଼ିବ।

ଅଧ୍ୟାପକ, ଦର୍ଶନ ବିଭାଗ, ବି.ଏନ୍.ଏମ୍.ଏ. ମହାବିଦ୍ୟାଳୟ, ଭଦ୍ରକ,
ମୋ: ୮୮୯୫୩୪୧୦୩୩

# କାଳିଆ କେଉଁଠି



ଡ.କୁଳାଙ୍ଗାର

ଈଶ୍ୱର ବିଶ୍ୱାସୀ ହେବା ଭଲ କଥା, ତେବେ ଈଶ୍ୱରଙ୍କ ବିଶ୍ୱାସରେ ବସି ରହିଲେ କି ହୁଏ? ଈଶ୍ୱର ଏକ ଆମେ ଅନେକ। ଅତଏବ ସିଏ ଏକା ଏକା ତ ସବୁ ସ୍ଥାନକୁ ଯାଇ ପାରିବେ ନାହିଁ, ତେଣୁ ଆମ ଭିତରେ ଈଶ୍ୱରୀୟ ସତ୍ତା କିଛି ଛାଡି ଦେଇଛନ୍ତି ! ତେବେ ତାହା ସର୍ତ୍ତମୂଳକ, ଆପଣ ଚଳଚଞ୍ଚଳ ରହିଲେ ସେଇ ସତ୍ତାଟି ସକ୍ରିୟ ରହିବ, ଆଉ ଆପଣ ଅଳସୁଆ ହେଲେ ସିଏ ଶୋଇପଡ଼ିବ। ଆପଣ ସକାରାତ୍ମକ ହେଲେ ସେଇ ସତ୍ତାଟି ପ୍ରଚଣ୍ଡ ପ୍ରଭାବଶାଳୀ ହୋଇପଡିବ ଆଉ ନକାରାତ୍ମକ ହେଲେ ସିଏ ଏମିତି ଉଭେଇଯିବ ଯେ ବହୁଦିନ ଯାଏ ଖୋଜି ଖୋଜି ପାଇବେନି!

ତଥାପି ଈଶ୍ୱର ନିର୍ଦ୍ଦୟ ନୁହନ୍ତି। ଯେଉଁମାନେ ବାଲ୍ୟକାଳ ଅତିକ୍ରାନ୍ତ କଲାପରେ ଉପରୋକ୍ତ କାରଣରୁ ନିଜଠାରେ ଈଶ୍ୱରୀୟ ସତ୍ତାଟିକୁ ରଖିବାରେ ଅକ୍ଷମ ହୁଅନ୍ତି ସେଇମାନଙ୍କ ପାଇଁ ସିଏ ଦେବାଳୟରେ ଥିବା ମୂର୍ତ୍ତିରେ ଉପଲବ୍ଧ ଥାନ୍ତି। ତାହା ମଧ୍ୟ ସର୍ତ୍ତମୂଳକ। ସେଇଠି ବିଶ୍ୱାସଟି ଇନ୍ଧନ। ଯେତେ ବିଶ୍ୱାସ ସେଇଠି କେନ୍ଦ୍ରିତ ହୋଇଥାଏ, ସେତେ ଲାଭ ସେଠାରେ ବିଶ୍ୱାସ ରଖି ପହଁଚୁଥିବା ଭକ୍ତମାନଙ୍କୁ ମିଳୁଥାଏ। ତଦନୁସାରେ ସେଇ ଦିଅଁ ସେତେ ପ୍ରଭାବଶାଳୀ ବୋଲାନ୍ତି! ସେଇମିତି ପ୍ରଭାବଶାଳୀ ଦିଅଁ ହେଲେ ଜଗନ୍ନାଥ।

ଲୋକଙ୍କୁ ନିକଟତର କରିବାର ସବୁଠାରୁ ସହଜ ଏବଂ ସରଳ ସୂତ୍ରଟି ହେଲା ତାଙ୍କୁ ସମର୍ପି ଦେବା। କହିବା ଏଇଟା ଲୋକଙ୍କର। ଖାଲି କହିଦେଲେ ତ ହେବନାଇଁ, ତାଙ୍କ ପ୍ରତି କିଛି ସମର୍ପଣ ରଖିବାକୁ ହେବ। ସେଇମିତି ଲୋକଙ୍କର ଠାକୁର ହେଲେ ଜଗନ୍ନାଥ। ସିଏ ତମ ଆମ ପରି ଦୈନନ୍ଦିନ କାର୍ଯ୍ୟ କରନ୍ତି, ତଥାପି ସିଏ ତମ ଆମ ପରି ନୁହନ୍ତି! ସତ କି ନାଇଁ? ସେଇ ସୂକ୍ଷ୍ମ ପ୍ରଭେଦଟି ହେଉଛି ମଣିଷ ଆଉ ଠାକୁର ଭିତରର ଫରକ। ସେଇ ଅମୂଲ୍ୟ ଗୁଣଧାରୀ ହୋଇଥିବାରୁ ସିଏ ଜଗତନାଥ।

ଜଗତର ନାଥ ବୋଲାଇବା ସତରେ କି ଏତେ ସହଜ? ସେ ଖାଲି ବଡ଼ ଦେଉଳ, ବଡ଼ ଦାଣ୍ଡର ମାଲିକ ନୁହନ୍ତି, ସିଏ ବଡ଼ ହୃଦୟର ଦେବତା ବଡ଼ଠାକୁର! ଏଇ ବଡ଼ ବିଚାରଟି ସିଏ ଆମକୁ କେଉଁ କାଳୁ ଦେଇଛନ୍ତି ହେଲେ ଆମେ ନିଜକୁ ଏତେ ଛୋଟ କରି ଦେଇଛେ ଯେ, ଆମେ ମାର୍କେଟିଂ ପଢ଼ିବାକୁ ଯାଇ ପଇସା ଦାଖଲ କରି 'ଥିଙ୍କ ବିଗ'ର ପାଠକୁ ଘୋଷି ହେଉଛେ କିନ୍ତୁ ବଡ଼ ଠାକୁରର ବାର୍ତ୍ତାକୁ ବୁଝି ପାରୁନେ!

ଯିଏ ତୁମ ପାଖକୁ ଆସି ପାରୁନି ତୁମେ ତା' ପାଖକୁ ଯାଅ। ଯେତେ ବଡ଼ ଲୋକ ହୋଇଥିଲେ ବି ରାସ୍ତାକୁ ବାହାରି ଆସ, ଅନେକ ଭିତରେ ଏକ ହୁଅ। ସବୁରି ସାଥିରେ ମିଶ, ସବୁରି ଶ୍ରଦ୍ଧାକୁ ସାଉଁଟି ତାଙ୍କର ସୁଖଦୁଃଖରେ ସାମିଲ ହୁଅ। ବେଶ ହୁଅ, ଶୁଦ୍ଧ ଏବଂ ସାଦା ଭୋଜନ କର, ଭାଇ ଭଉଣୀଙ୍କ ସହ ଏକାଠି ରୁହ, ମାଉସୀ ଘର ପରି ବନ୍ଧୁବାନ୍ଧବଙ୍କ ଘରକୁ ଯାଅ, ସମ୍ପର୍କ ରଖ। ଏମିତି ଏମିତି କେତେ ବାର୍ତ୍ତା ସିଏ ଦେଉନାହାନ୍ତି ଭଲା! ହେଲେ ଆମେ କି ବୁଝୁଛେ, ସିଏ ଯାହା ଦେଉଛନ୍ତି ଆମେ ତାହାକୁ ନ ନେଇ ତାଙ୍କୁ ଅଲଗା କଥାଟି ମାଗୁଛେ!



ତା'ର ହାତ ନାହିଁ! ତାକୁ ମାଗୁଛନ୍ତି ଏୟା ଦେ... ସେୟା ଦେ...! ଆରେ ବାଇମନ, ସେଇଥି ପାଇଁ ପରା ସିଏ ତୋତେ ହାତ ଦେଲେ, ତା' ସାଥିରେ ବୁଦ୍ଧି, ବିବେକ, ବିଚାର ଓ ସାହସ ଦେଲେ। ଆଉ କ'ଣ ଦେଇଥାନ୍ତେ? ତାହାକୁ ଉପଯୋଗ କରି ତୁ କ'ଣ ନ ପାଇପାରିବୁ? ସେଇ ପୁଣି ଏ ବଡ଼ ବଡ଼ ଆଖି କରି ଖୋଜିବାର, ଆବିଷ୍କାର କରିବାର ବାର୍ତ୍ତା ଦେଲେ, ତଥାପି ତତେ ତାହା ଦିଶିଲା ନାହିଁ! ସିଏ ନିଜେ ଅସମ୍ପୂର୍ଣ୍ଣ ରହି ଆମକୁ ପୂର୍ଣ୍ଣ କରିଛନ୍ତି, ତଥାପି ହେଲା ନାଇଁ ହେଲା ନାଇଁ, ମୋର କିଛି ନାଇଁ କିଛି ନାହିଁ ବୋଲି କହି ଆମେ ତାଙ୍କୁ ଆମ ନିଜ ଭିତରୁ ନିକାଲି ଦେଉଛେ। ସିଏ କହିଲେ ଅପୂର୍ଣ୍ଣତା ଭିତରେ ହିଁ ପୂର୍ଣ୍ଣତା ଅଛି, କିନ୍ତୁ ସତରେ କିଏ ଅସମ୍ପୂର୍ଣ୍ଣ ଶରୀରଧାରୀ ମଣିଷଟିଏକୁ ସେବା କରିବାକୁ ଅବା କୋଳେଇ ନେବାକୁ ଆଗ୍ରହୀ?

ବଡ଼ ଚିନ୍ତାକର, ବଡ଼ ହୁଅ ଆଗକୁ ବଢ଼ ବୋଲି ତା'ର ବାର୍ତ୍ତାକୁ କେତେଜଣ ବୁଝିଛନ୍ତି? କାଳିଆର ବଡ଼ ଦେଉଳଠୁଁ ଆହୁରି ବଡ଼ ପ୍ରାସାଦ ତୋଳି ଲୋକେ ରହିଲେଣି! ହେଲେ କାଳିଆ ପରି କେତେଜଣ ଅନ୍ୟମାନଙ୍କୁ ସେଠାକୁ ପ୍ରବେଶ କରାଇ ଆଶ୍ରା ଦେଇଛନ୍ତି? ଅନେକ ସ୍ଥାନରେ ବଡ଼ଦାଣ୍ଡପରି ଅଥବା ତା'ଠୁ ଓସାରିଆ ରାସ୍ତା ହେଲାଣି! ତଥାପି ନିଜ ଜାଗା ସାମ୍ନାରେ ଥିବା କିଛି ସରକାରୀ/ ସର୍ବସାଧାରଣ ଜାଗାକୁ ଛାଡିବାକୁ କୁନ୍ଥକୁନ୍ଥ! ରାଜ୍ୟସାରା ଜଗାର ଜାଗା ଓ ଜମିବାଡ଼ି ପଡିଛି। ତାହାକୁ ଲୋକେ ମାଡ଼ିବସିଛନ୍ତି, ନିଜର ବାପ ସମ୍ପତ୍ତି ପରି ସେଥିରୁ ଫଳିଥିବା ଫସଲକୁ ଖାଉଛନ୍ତି। ସେଥିରୁ ତାକୁ ଭାଗ ଦେବେ କ'ଣ ଆଉ ଦେ... ଆଉ ଦେ... ବୋଲି ମାଗିବାକୁ ଦୌଡ଼ି ଆସୁଛନ୍ତି।

ତିନି ଦିଅଁଙ୍କ ଭିତରେ ଯିଏ ତ୍ରିପଣ୍ଡ କଳା, ସିଏ ହେଉଛନ୍ତି ବଡ଼ ଠାକୁର! ବର୍ଣ୍ଣଭେଦ ବିରୋଧୀ ଏଇ ସମୟତାର ବାର୍ତ୍ତାକୁ ଆମେ କେତେଜଣ ବୁଝିଛେ? ଯଦି ବୁଝିଛେ, ତା' ହେଲେ କିଏ କଳା ବୋହୂଟିଏକୁ ସାଦରେ ସ୍ୱାଗତ କରିବାକୁ ଆଗ୍ରହୀ? ସିନେମାରେ ତା' ବର୍ଣ୍ଣର କେତେ ଅଭିନେତା/ ଅଭିନେତ୍ରୀଙ୍କୁ ଆମେ ନିଜ ହୃଦୟରେ ସ୍ଥାନ ଦେଇଛେ। ତା' ଅଦୃଶ୍ୟର ମଣିଷଙ୍କୁ ଆମେ କେତେ ଆଦର କରୁଛେ? ତା'ର ଭାବକୁ ନ ବୁଝିଲେ, ତା'ର ଇଚ୍ଛାକୁ ନ ରଖିଲେ ତାକୁ ପାଇବା କ'ଣ ଏତେ ସହଜ?

ଏମିତି କେତେ କେତେ ବାର୍ତ୍ତା ସିଏ ଦିଅନ୍ତି, ଯାହାକୁ ବର୍ଣ୍ଣନା କରିବା ପାଇଁ ଏଠାରେ ସ୍ଥାନ ନିଅଣ୍ଟ। ସିଏ ଯାହା ଚାହାନ୍ତି ଆମେ ତାହା କରୁନା, ସିଧା କହିଲେ ଆମେ ତାଙ୍କ ବୋଲ ମାନୁନା। କିନ୍ତୁ ଆମେ ଯାହା ଚାହୁଁଛୁ ସିଏ ତାହା ଦେଇଦିଅନ୍ତୁ ବୋଲି ମାନସିକ ରଖି ଆଶା କରି ତାଙ୍କ ପାଖକୁ ଧାଇଁଯାଉ। ମନେରଖିବାକୁ ହେବ, ସିଏ ଅନ୍ତର୍ଯାମୀ। ତାଙ୍କର ଇଚ୍ଛା ଯାହା ଆମେ ସେଇ ପ୍ରକାର କର୍ମ କଲେ, କଷ୍ଟକରି ଯିବା ଦରକାର ନାହିଁ ସିଏ ନିଜେ ଆମ ପାଖକୁ ଆସିବେ!

ଅତଏବ ପ୍ରଶ୍ନ ଉଠେ, ଏଠି ସେଠି ଦେଉଳ ତୋଳିଦେଲେ, ରଥଗଡ଼ି ଟାଣିଦେଲେ ତାହା ଶ୍ରୀକ୍ଷେତ୍ର ହୋଇଯିବା ଏତେ ସହଜ ଓ ସରଳ? ଏହି ପ୍ରଶ୍ନର ଉତ୍ତରଟି ହେଲା – ହଁ ତାହା ଅତି ସହଜ ଓ ସରଳ, କିନ୍ତୁ ତାହାକୁ କରାଇବା ପାଇଁ ମଣିଷ ଏଯାଏ ସେତେ ସହଜ ଓ ସରଳ ହୋଇପାରିନାହିଁ ଏବଂ ନିକଟ ଭବିଷ୍ୟତରେ ହେଲାପରି ମଧ୍ୟ ଦିଶୁନାଇଁ!

କଳାଘର – ଲେମ୍ବୋ, ନରସିଂହପୁର,
କଟକ, ମୋ: ୮୮୯୫୮୨୫୮୬୩

## ଏଇ ଭାରତରେ

ଚାର୍ଟର୍ଡ ଆକାଉଣ୍ଟାଣ୍ଟ ସଞ୍ଜୟ ତୋତ୍ରାଜକା ଜନସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି। ଗୋଟିଏ ପଟେ ନିଜ ବୃତ୍ତିକୁ ଚଳାଇବା ସହ ପ୍ରତିଦିନ ଅସହାୟ ଲୋକଙ୍କୁ ୧୦ ଟଙ୍କାରେ ପେଟପୂରା ଖାଇବାକୁ ଦେଉଛନ୍ତି। ପଶ୍ଚିମ ଦିଲ୍ଲୀ ମାୟାପୁରୀର ରାସ୍ତାକଡ଼ରେ ତାଙ୍କ ଷ୍ଟଲ୍ ଖୋଲୁଛି ଦିନ ୧୨ଟାରେ ଓ ବନ୍ଦ ହେଉଛି ସାଢ଼େ ଦୁଇଟାରେ। ଏଠାରେ ଶ୍ରମିକ, ରିକ୍ସାବାଲା ଖାଉଛନ୍ତି। ପ୍ରତିଦିନ ୨୦୦–୨୫୦ ଲୋକ ଖାଉଛନ୍ତି ଏବଂ ସେମାନଙ୍କୁ ରାଜମା, ଛୋଲେ, ସୋୟା ଓ ଡାଲି ଦିଆଯାଉଛି। ଏହି କାର୍ଯ୍ୟ ପରିଚାଳନା ପାଇଁ ସଞ୍ଜୟ 'ହମାରି ଉଡାନ' ଏନ୍‌ଜିଓ ଗଠନ କରିଛନ୍ତି। ରୋଷେଇ ଓ ଖାଦ୍ୟ ପରଷିବା ପାଇଁ ଏକ ଟିମ୍ ଅଛି। ଏହାବ୍ୟତୀତ ୫ ଜଣ ରୋଷେଇରେ ଓ ଆଉ ପାଞ୍ଚଜଣ ଷ୍ଟଲରେ ରହୁଛନ୍ତି। ବହୁ ସମୟରେ ନିଜେ ସଞ୍ଜୟ ଷ୍ଟଲରେ ରହି ଖାଦ୍ୟ ଦେଉଛନ୍ତି। ପ୍ରତି ପ୍ଲେଟ ପାଇଁ ଖର୍ଚ୍ଚ ପାଖାପାଖି ୨୫ ଟଙ୍କା ହେଉଛି। ସଞ୍ଜୟ ଏହି କାମରେ ସୀମିତ ରହିନାହାନ୍ତି, ସେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଆଖି ଓ ଦାନ୍ତ ଚିକିତ୍ସା ପାଇଁ ଶିବିର ଆୟୋଜନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଜୁଲାଇ ୧୯୭୬

- ଭାରତରେ ଟେଲିଯୋଗାଯୋଗର ସମ୍ପ୍ରସାରଣ ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଭାରତକୁ ୮ କୋଟି ଡଲାର ଋଣ ପ୍ରଦାନ।
- ଚୀନ୍‌ର ଜାତୀୟ ଗଣ କଂଗ୍ରେସ (ପାର୍ଲାମେଣ୍ଟ)ର ଚେୟାର୍‌ମ୍ୟାନ୍ ମାର୍ଶାଲ ଚୁ ତେ'ଙ୍କ ୯୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସେ ନିଶ୍ଚେ ମୋହରି ତାରା ମୋ ପ୍ରାଣ–ଆଲୋକ
ମୋ ଗଗନେ ଉଇଁ ଉଠେ ନାଶି ଦୁଃଖ ଶୋକ,
ସେ ନିଶ୍ଚେ ମୋହରି ଜାତି,
ମୋର ଆକାଶର ସାଥୀ
ମୋହ ପାଇଁ ବୁଲାଏ ସେ ଚକ୍ଷୁ ତିନି ଲୋକ ।
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 2 | |
| 7 | | | | 5 | | 9 | | |
| | 2 | 4 | | | | | | |
| | | 9 | | | 6 | 3 | 4 | |
| | | | | | 3 | 7 | 8 | |
| 4 | | | | | 9 | | | 2 |
| | | | | | 1 | 6 | 5 | |
| | | 7 | 2 | | | | 3 | |
| | | | 4 | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 1 | 8 | 9 | 5 | 6 | 4 | 7 |
| 9 | 6 | 7 | 1 | 4 | 3 | 2 | 8 | 5 |
| 4 | 5 | 8 | 2 | 7 | 6 | 1 | 3 | 9 |
| 8 | 3 | 4 | 9 | 6 | 7 | 5 | 1 | 2 |
| 1 | 7 | 5 | 4 | 8 | 2 | 3 | 9 | 6 |
| 2 | 9 | 6 | 3 | 5 | 1 | 4 | 7 | 8 |
| 7 | 4 | 2 | 6 | 1 | 8 | 9 | 5 | 3 |
| 6 | 8 | 9 | 5 | 3 | 4 | 7 | 2 | 1 |
| 5 | 1 | 3 | 7 | 2 | 9 | 8 | 6 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## 'ରଥ ମନୋହର' ଏବେ ସାତ ସପନ

ମହାଶୟ,

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବେଳେ ଶ୍ରଦ୍ଧାଳୁ ଖୋଜୁଛନ୍ତି ପୁରୁଣା ସମୟର 'ରଥ ମନୋହର'। ମହାପ୍ରଭୁଙ୍କ ଅତ୍ୟନ୍ତ ପ୍ରିୟ ଏହି ଭୋଗ ନୈବେଦ୍ୟ ଏବେ ପ୍ରସ୍ତୁତ ହେଉନାହିଁ। ପରମ୍ପରା ରହିଛି ପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ବେଳେ ଶୁଖିଲା ଭୋଗ ଅର୍ପଣ ହେବ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ରଥାରୂଢ଼ ଶ୍ରୀଜୀଉଙ୍କ ଭୋଗ ସମ୍ପର୍କରେ ବିବରଣୀ ରହିଥିଲେ ମଧ୍ୟ ଏସବୁ ଭୋଗ ତାଲିକା ଲୋପ ପାଇବାରେ ଲାଗିଛି। ସମ୍ପ୍ରତି ମନ୍ଦିର ପ୍ରଶାସନର କର୍ମଚାରୀ ସଂଖ୍ୟା ଓ ମନ୍ଦିର ସ୍ଥାୟୀ ଜମା ପରିମାଣ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି। ସବୁ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥିବାବେଳେ ପ୍ରଭୁଙ୍କ ରଥଯାତ୍ରା ବେଳେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ଭୋଗ ସାମଗ୍ରୀ ସଂଖ୍ୟା ହ୍ରାସ ପାଇବା ଭକ୍ତମନରେ ଆଘାତ ଦେଇଛି। ସମସ୍ତେ ଏବେ ବ୍ୟକ୍ତିଗତ ସେବା ଅଧିକାର ସାବ୍ୟସ୍ତ କରୁଥିବା ବେଳେ ପ୍ରଭୁଙ୍କ ସେବା ସଂଖ୍ୟା କିନ୍ତୁ ହ୍ରାସ ପାଇବାରେ ଲାଗିଛି। ମନେମ୍ପହେଉଛି ସ୍ୱତ୍ୱଲିପିର ପୃଷ୍ଠା ଭିତରେ ସୀମିତ ରହିଯାଇଥିବା ରଥ ଉପରେ ଶୁଖିଲା ଭୋଗ ସାମଗ୍ରୀଗୁଡ଼ିକ ପୁନଃ ପ୍ରଚଳନ କରିବାରେ ପ୍ରଶାସନର ଆଗ୍ରହ ନାହିଁ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଲାଗି ହେଉଥିବା ବିଲୁପ୍ତପ୍ରାୟ ଭୋଗ ସାମଗ୍ରୀ ମଧ୍ୟ ସଂସ୍କୃତି, ପରମ୍ପରାର ଏକ ଅଂଶ ବିଶେଷ ଥିବାରୁ ଏହାର ସୁରକ୍ଷା ଜରୁରୀ ହୋଇପଡ଼ିଛି।

–ହୃଷୀକେଶ ପୁହାଣ, ଥାଇଲୋ, ବାଲିକୁଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପିଚୁରାସ୍ତାରେ ୧ ଫୁଟ୍ ଉଚ୍ଚର ବର୍ଷାପାଣି



**କର୍ଲାମୁଣ୍ଡା,୭ା୭ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଜାନିପଡ଼ା ପିଚୁ ରାସ୍ତାରେ ଏକଫୁଟ ଉଚ୍ଚର ବର୍ଷା ପାଣି ଜମି ରହିଛି। ଫଳରେ ଲୋକଙ୍କୁ ଯିବାଆସିବା କରିବାରେ ସମସ୍ୟା ସୃଷ୍ଟି ହେଉଛି। ଗତ କିଛି ମାସ ତଳେ କର୍ଲାମୁଣ୍ଡା ବ୍ଲକ ସଦର ରିଞ୍ଜା ଛକଠାରୁ ରିଞ୍ଜା ଜାନିପଡ଼ା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ଜରିଆରେ ନୂତନ ପିଚୁ କାମ ହୋଇଥିଲା। ତେବେ ଜାନିପଡାଠାରେ ଗୋଟିଏ ସ୍ଥାନରେ ପ୍ରାୟ ୫୦ ମିଟର କୋଣସି କାରଣବଶତଃ ପିଚୁ କାମ ହୋଇପାରି ନ ଥିଲା। ତେଣୁ ଉକ୍ତ ସ୍ଥାନରେ ସାମାନ୍ୟ ବର୍ଷା ହେଲେ ଫୁଟେ ପାଣି ଜମି ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ସୋସାନ କୁଜୁରଙ୍କୁ ପଚାରିବାରୁ ପିଚୁ କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଗବେଷଣାତ୍ମକ ତଥ୍ୟ ରଖି ଚର୍ଚ୍ଚାରେ କଳାହାଣ୍ଡିର ଅଧ୍ୟାପକ

### ଅଷ୍ଟ୍ରେଲିଆରେ ଦଶମ ବିଶ୍ୱ ପ୍ରତ୍ନତତ୍ତ୍ୱ କଂଗ୍ରେସ

ଭବାନୀପାଟଣା,୭ା୭(ଉତ୍ତମ କୁମାର ଦାଶ)

ଚଳିତଥର ବିଶ୍ୱ ପ୍ରତ୍ନତତ୍ତ୍ୱ କଂଗ୍ରେସର ଦଶମ ଅଧିବେଶନ ଅଷ୍ଟ୍ରେଲିଆର ଡରୱିନଠାରେ ଆୟୋଜିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୂପ୍ରାରୋଡ ପଞ୍ଚାୟତ ବିରାଟ ଗାଁର ବୀରକିଶୋର ରଣାଙ୍କ କନିଷ୍ଠ ପୁତ୍ର ତଥା କଳାହାଣ୍ଡି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରାଧ୍ୟାପକ ଡ. ନଳିନୀ କାନ୍ତ ରଣା ଅଂଶଗ୍ରହଣ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ପୁରାତନ ସଭ୍ୟତା, ସଂସ୍କୃତିର ପୁନଃରୁଦ୍ଧାର ସହ ପରିବର୍ତ୍ତନଶୀଳ ଦୁନିଆରେ ପ୍ରତ୍ନତତ୍ତ୍ୱର ଭୂମିକା ଉପରେ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରି ସେ ବେଶ୍ ପ୍ରଶଂସିତ ହୋଇଥିଲେ। ୭ଦିନ ଧରି ଆୟୋଜିତ ଏହି ଅଧିବେଶନରେ ବିଶ୍ୱର ୭୦ ଦେଶର ପ୍ରାୟ ୨୨୦୦ ପ୍ରତିନିଧି ଯୋଗଦେଇ ସେମାନଙ୍କ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ସଫଳତା ପରେ ଡ. ରଣାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।



ଅଧ୍ୟାପକ ନଳିନୀକାନ୍ତ ରଣା ତଥ୍ୟ ଉପସ୍ଥାପନା କରୁଛନ୍ତି।

## ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ ବୈଠକ

ନୂଆପଡ଼ା,୭ା୭ (ମକାରୁ ବେମାଲ)

ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ଓ ଓଡ଼ିଶା ଡାକ ପରିମଣ୍ଡଳଙ୍କ ମିଳିତ ଆନୁକୂଲ୍ୟରେ ଗ୍ରାମ୍ୟ ନାଗରିକ ବିହାରଠାରେ ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ଶରତ କୁମାର ମାଝି, କୋଷାଧ୍ୟକ୍ଷ ବିଜୟ କିଶୋର ଦାସ, କଳାହାଣ୍ଡି ଡିଭିଜନ ଉପସଭାପତି ସତ୍ୟ ନାରାୟଣ ବିଶି, ଆମ୍ବା ଡିଭିଜନ ସଭାପତି ରବୀନ୍ଦ୍ରନାଥ ପଣ୍ଡା, ସାଧାରଣ ସମ୍ପାଦକ ରଜନୀକାନ୍ତ ଗନ୍ତାୟତ, ଓଡ଼ିଶା ଡାକ ପରିମଣ୍ଡଳ ନୂଆପଡ଼ା ପୂର୍ବତନ ସଭାପତି ବ୍ରଜବନ୍ଧୁ ରଣା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ୪ ଘଣ୍ଟା ପରିବର୍ତ୍ତେ ୮ ଘଣ୍ଟା ଡ୍ୟୁଟି ଦିଆଯାଇ ନିୟମିତ କରିବା ପାଇଁ ସରକାରଙ୍କୁ ଦାବି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। କଳାହାଣ୍ଡି ଡିଭିଜନ ସମ୍ପାଦକ ପବିତ୍ର ମୋହନ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଓଡ଼ିଶା ଡାକ ପରିମଣ୍ଡଳ ଭୁବନେଶ୍ୱର ସାଙ୍ଗଠନିକ ସମ୍ପାଦକ ଖଗେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲା ଯୋଗଗୁରୁ ସଂଘ ଗଠିତ

ଖଡ଼ିଆଳ,୭ା୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ ସଂସ୍କୃତି ଭବନଠାରେ ଏକ ବୈଠକ କରାଯାଇ ଜିଲା ଯୋଗଗୁରୁ ସଂଘର କର୍ମକର୍ତ୍ତା ଚୟନ କରାଯାଇଛି। ଯୋଗଗୁରୁ ଅରବିନ୍ଦ ବେହେରା ସଭାପତି ଓ ପବିତ୍ର ଦଶସେନା ସମ୍ପାଦକ ରୂପେ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ନୀହାର ରଞ୍ଜନ ଯୋଷୀ, ଯୁଗ୍ମ ସମ୍ପାଦକ ଯାଜ୍ଞସିନୀ ନାୟକ, କୋଷାଧ୍ୟକ୍ଷ ଅନୁରାଗ ବାଗ ମନୋନୀତ ହୋଇଛନ୍ତି। ୧୧ ଜଣିଆ କାର୍ଯ୍ୟକାରୀ ସଦସ୍ୟ ଭାବେ ନୂଆପଡ଼ାର କୈଳାସ ବାରିକ, କୋଡ଼େନ୍ଦ୍ରୁ ହୁଦା ମାଝୀ, କୋମନାରୁ ରଶ୍ମି ରଞ୍ଜନ ପଣ୍ଡା, ସିନାପାଲିରୁ ଦ୍ରୋଣ ଜଗତ, ଖଡ଼ିଆଳରୁ ଡୋଲାକୃଷ୍ଣ ବେହେରା ଚୟନ ହୋଇଛନ୍ତି। ଉପଦେଷ୍ଟା ଭାବେ ସାଂସଦ କଳାହାଣ୍ଡି, ବିଧାୟକ ଖଡ଼ିଆଳ, ବିଧାୟକ ନୂଆପଡ଼ା, ଜଣେ ଲେଖାଏ ଆଇନଜୀବୀ ଓ ସାମ୍ବାଦିକ ମନୋନୀତ ହୋଇଛନ୍ତି।

# ରାଜସ୍ୱ ଅମଲା ସଂଘର କଳାବ୍ୟାଜ୍ ପରିଧାନ

ନୂଆପଡ଼ା,୭ା୭ (ମକାରୁ ବେମାଲ)

ପୂର୍ବ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ରାଜସ୍ୱ ଅମଲା ସଂଘ ନିର୍ଦ୍ଦେଶ କ୍ରମେ ନୂଆପଡ଼ା ଜିଲାର ସମସ୍ତ ଅମଲା ସୋମବାରଠାରୁ କଳାବ୍ୟାଜ୍ ପରିଧାନ କରି ସରକାରଙ୍କ ଚରମ ଅବହେଳାକୁ ବିରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮, ୨୦୨୪ ମାର୍ଚ୍ଚ ୧୫ ଅନୁଯାୟୀ ସମସ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି, ସମସ୍ତ ସରକାରୀ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମା ଲାଗୁ କରାଯାଉ, ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲା ମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି, ନୂତନ ପେନସନ ଯୋଜନାକୁ ରଦ୍ଦ କରି ପୁରାତନ ପେନସନ ଯୋଜନାରେ ସାମିଲ ଆଦି ଦାବି ନେଇ ଅମଲାମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି। ଜୁଲାଇ ୧୩ ସୁଦ୍ଧା ସମସ୍ତ ଦାବି ପୂରଣ ନ ହେଲେ ୧୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

# ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡ଼ା,୭ା୭ (ମକାରୁ ବେମାଲ)

ନୂଆପଡ଼ା ଜିଲାପାଳଙ୍କ ସଦ୍ଭାବନା ସଭା ଗୃହଠାରେ ସୋମବାର ଜିଲାପାଳ ମଧୁସୂଦନ ଦାଶ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ରଙ୍କ ଉପସ୍ଥିତିରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୫୬ ଅଭିଯୋଗର ଶୁଣାଣି କରାଯାଇଛି। ଏହିସବୁ ଅଭିଯୋଗ ଉପରେ ଅତିଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସିନାପାଲି ବ୍ଲକ ଗୋଡାଲ ଗାଁର ଅସହାୟ ବୃଦ୍ଧ ବନମାଳୀ ଚଣ୍ଡିଙ୍କୁ ରେଡକ୍ରସ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଉତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲୟଧର ଧରୁଆ, ଉପ ଜିଲାପାଳ ପ୍ରଜ୍ଞା ସୁର୍ମି ସୋରେନ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମନୋଜ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ଭରତ ଲାଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଶେଖ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ହିତାଧିକାରୀଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

# ନାରୀ ନିର୍ଯାତନା, ଆଇନ ଶୃଙ୍ଖଳାକୁ ନେଇ କଂଗ୍ରେସର ଉଦ୍‌ବେଗ

ଭବାନୀପାଟଣା,୭ା୭ (ଉତ୍ତମ କୁମାର ଦାଶ)

ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଥିବା ବେଳେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରଥଯାତ୍ରା ପରିଚାଳନା ଓ ମଣ୍ଡି ବ୍ୟବସ୍ଥା ସବୁ ଫେଲ ମାରିଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି କଳାହାଣ୍ଡି ଜିଲା କଂଗ୍ରେସ। ଏପରିକ୍ଷେତ୍ରେ ଆସନ୍ତା ୧୧ରେ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜଲନ୍ଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା କଂଗ୍ରେସ ପ୍ରଭାରୀ ବିଜୟାନନ୍ଦ ଚାଉଳିଆ, ରାଜ୍ୟ ମିଡ଼ିଆ ସେଲ ସଭାପତି ଅରବିନ୍ଦ ଦାସ, ପୂର୍ବତନ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ପୂର୍ବତନ ଜିଲା ସମ୍ପାଦକ ବ୍ରଜ ସାହୁ, ନାରୀ ନେତ୍ରୀ ମାଣିକ୍ୟ ଗୁନା, ମୁକାନ୍ତି ସରାଫ ପ୍ରମୁଖ ଯୋଗଦେଇଥିଲେ।

---

No.CAD-964

**idco** | **ODISHA NEW OPPORTUNITIES**

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No. IDCO:H.O./P&C/EST/E-2923/01/2025/19026 Dated : 30.06.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Converting the entire median to Road in Surge Protection Embankment at Paradeep, Jagatsinghpur District, Odisha
2. Value of the work : Rs.1754.20 Lakhs
3. Period of completion : 08 (Eight) Calendar months
4. Other details

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/EST/E-23/2025-26 | 10.07.2025 at 17.00 Hrs. | 25.07.2025 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
IDCO, Bhubaneswar

OIPR-14003/11/0189/2526

---

**TPNODL**

**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off: Corp. Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) July 8th, 2025**

TP Northern Odisha Distribution Limited invites tender from eligible bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500000989 | RC for Housekeeping and Facility management services at all Circle of PAN TPNODL |
| 2 | TPNODL/OT/2025-26/2500000974 | Rate Contract for Electrification of Households in Mayurbhanj & Keonjhar districts through Solar PV standalone system |
| 3 | TPNODL/OT/2025-26/3000000082 | RC for WhatsApp Business API Solution for TPNODL for 1 year |
| 4 | TPNODL/OT/2025-26/ 3000000077 | RC for Pest Control Services across TPNODL for a period of 1 year |
| 5 | TPNODL/OT/2025-26/ 2500001008 | Rate Contract of 1 year for supply of Hardware Fittings |

* MSMEs registered in the State of Odisha shall pay tender fee of Rs. 1,000/- including GST.
* * EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website. Future communication / corrigendum to tender documents, if any, shall be available on website.

Chief- Contracts &MM

---

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 17-SBP-TRD-OT-2025-26, ତା. 01.07.2025 ରିଖ

କାର୍ଯ୍ୟର ନାମ: [illegible] RV-163 [illegible] RV-164, ST-63 [illegible] TRD [illegible]

ଆନୁମାନିକ ମୂଲ୍ୟ (₹): 42,72,739.11, EMD (₹) : 85,500.00

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.23.07.2025ରିଖ 1530 ଘଣ୍ଟା।

[illegible] http://www.ireps.gov.in [illegible]

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-328/Q/25-26

---

**ଦ.ପୂ. ରେଳପଥ – ଟେଣ୍ଡର**

[illegible] www.ireps.gov.in [illegible]

(PR-363)

---

**FORM NO. 13**

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**

**O.A.No. 527/2024**

**Bank of Maharashtra, BBSR Branch** .................... **Applicant**

**Versus**

**Biswaranjan Maharana & Others** .............. **Defendant(s)**

To,

**D-1) Mr. Biswaranjan Maharana,** S/o: Krutibash Maharana, Plot No.: 201/A, Ground Floor, Sai Bijay Palace, Po: Jharpada, Bhubaneswar, Odisha (Borrower).

**D-2) Mrs. Rashmita Maharana,** W/o: Mr. Biswaranjan Maharana, Plot No.: 201/A, Ground Floor, Sai Bijaya Palace, Po: Jharpada, Bhubaneswar, Odisha (Co-Borrower cum Guarantor).

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A.No. 527/2024** in the court of the Debts of Recovery Tribunal, Cuttack for recovery of **Rs.20,05,440/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **16.07.2025 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **7th day of May 2025.**

**Sd/- Registrar**

---

**FORM NO. 13**

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**

**O.A.No. 436/2024**

**Bank of Maharashtra, Berhampur Branch** ................ **Applicant**

**Versus**

**Umesh Chandra Madhi & Others** .............. **Defendant(s)**

To,

**Umesh Chandra Madhi,** S/o: Satya Bajee Madhi, At/Plot No.: 349, Sikhar Chandi Nagar, Near Big Bazar, Ps: Infocity, Kalarahanga, KIIT, Khordha-751024, Permanent Address: C/o Lalumohan Behera, At: Jayamangal Nagar, Gate Bazar, Berhampur, Po: Berhampur Sadar, Dist Ganjam-760001.

**D-2) Smt. Namita Kumari Behera,** W/o: Umesh Chandra Madhi, At: Plot No.: 349, Sikhar Chandi Nagar, Ps: Infocity, KIIT, Khordha-751024, Present Address, At/Po: Plot No.: 349, Sikhar Chandi Nagar, KIIT, Khordha-751024.

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A.No. 436/2024** in the court of the Debts of Recovery Tribunal, Cuttack for recovery of **Rs.22,03,694.00/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **24.09.2025 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **3rd day of July 2025.**

**Sd/- Registrar**

---

**OFFICE OF THE PRINCIPAL**
**HARIHAR HIGHER SECONDARY SCHOOL**
**JOGISARDA, DIST. - BALANGIR, PIN-767020**
E-mail : hariharhsschooljogisarda@rediffmail.com, Ph : 9437759816

**WALK-IN-INTERVIEW**

An walk-in-interview will be held on 16.07.2025 at 11 A.M. in the office of the undersigned for appointment of Lect.-in-History as Guest faculty. Interested eligible candidate having 55% marks in PG level in concerned subject may attend the interview on the above date along with all certificates and testimonials. Salary negotiable.

Sd/- Principal-in-charge-cum-Secretary
Harihar Higher Secondary School
Jogisarda, Dist-Balangir
Mob : 9437759816

---

No.B-273

**GOVERNMENT OF ODISHA**
**e-Procurement Notice**
**ANGUL (R&B) DIVISION**
**Bid Identification No.- 13 of 2025-26**
e-mail ID- angulrbdivision@yahoo.co.in

1. Number of Works : 01 (One) number of Electrical work
2. Approximate estimated cost : 47.41 lakh
3. Period of completion : 03 (Three) Calendar months
4. Date & Time of availability of bid document in the portal : **Dt.08.07.2025 at 10.00 A.M.**
5. Last date/ Time for receipt of bid in the portal : **Dt.18.07.2025 up to 5.00 P.M.**
6. Date of opening Bid : **Dt.19.07.2025 at 11.00 A.M.**
7. Name and address of the Office inviting Bid : Superintending Engineer, Angul (R&B) Division, Angul
8. The bidders have to participate in ONLINE bidding only. Further details can be seen from the e-procurement portal https://tendersodisha.gov.in

Sd./- Superintending Engineer
Angul (R&B) Division

OIPR-34074/11/0030/2526

---

## TENDER NOTICE

**No. MM-115:-** Sealed tenders are invited from the intending purchasers for sale of confiscated vehicles of the following description on "as is where is basis" presently available in the campus noted against each so as to reach the office of the Divisional Forest Officer, Keonjhar Wildlife Division, Anandapur by 05.30 PM on 22.07.2025. The tender will be opened on 23.07.2025 at 11.00 AM.

The tender paper along with terms and conditions of the tender can be obtained from the office of the undersigned from 10.00 AM dated 08.07.2025 to 05.30 PM dated 21.07.2025 on any working day during working hours of the Divisional Forest Officer, Keonjhar Wildlife Division, Anandapur on submission of a Bank Draft/ Bankers Cheque of Rs. 100/- (Rupees one hundred) only drawn in favour of the Divisional Forest Officer, Keonjhar Wildlife Division, Anandapur payable at SBI Branch, Anandapur. For further details the undersigned may be contacted.

| Sl No. | Name of vehicle | Registration No. | Place of storage |
|---|---|---|---|
| 1 | Commander Jeep | OR-22-3529 | Kathakata |
| 2 | Tata 207 DI | OR-09F-6289 | Kathakata |
| 3 | Tata 207 DI | WB-39-9722 | Kathakata |
| 4 | Bolero | OR-02N-9687 | Kathakata |
| 5 | Bolero DI | OR-05K-6907 | Kathakata |
| 6 | Tata Spacio | OR-02M-8021 | Kathakata |
| 7 | Bolero | OR-09G-4039 | Kathakata |
| 8 | Maruti 800 | WB-02G-3616 | Kathakata |
| 9 | Tata Xenon PickupWhite Colour | OD-09D-1945 | Kathakata |
| 10 | Mini Truck | OR-01-3579 | Anandapur |
| 11 | Bolero White Colour | OR-09U-4015 | Anandapur |
| 12 | Ashok Leyland Truck | OD-29C-8396 | Hadagarh |
| 13 | Commander Jeep | OR-09B-6282 | Deogaon |
| 14 | Tractor & Trolly | OR-04B-9529/9530 | Deogaon |
| 15 | TVS Motor Cycle | Engine No. - 9205M326892 | Deogaon |
| 16 | Bajaj Champion | OR-04A-1654 | Deogaon |
| 17 | Tractor & Trolly | OR-09-4213, OR-09-4214 | Deogaon |
| 18 | Tata 207 DI | Engine No.-26240115 Chassis No. 374463CTZ912002 | Deogaon |
| 19 | Bolero | OR-09G-9014 | Deogaon |
| 20 | Yamha Rx 100 Engine No. 111035338 | Engine No. 111035338 | Deogaon |
| 21 | Bajaj Classic Scooter | Not Visible | Deogaon |
| 22 | Suzuki Samurai | OR-04A-0843 | Deogaon |
| 23 | Bajaj CT 100 | OR-A2-2271 | Deogaon |
| 24 | Hero Honda Passion Plus | OR-09G-5381 | Deogaon |
| 25 | Max Maxi Truck | OR-09H-9215 | Deogaon |
| 26 | Hero Honda Passion Pro | OR-07-5852 | Deogaon |
| 27 | Suzuki Max 100 Motor Cycle | Engine No.I204M266869 Chassis No. 1204F211127 | Deogaon |
| 28 | Bajaj Scooter | OR-04B-3503 | Deogaon |
| 29 | Suzuki Max 100 Motor Cycle | OR-04B-4787 | Deogaon |
| 30 | Hero Honda Passion Plus | Not Visible | Deogaon |
| 31 | Hero Honda Splender Plus | OD-05AF-9304 | Deogaon |
| 32 | Hero Honda Splender Plus | OR-05T-1019 | Deogaon |
| 33 | Hero Honda Splender Plus | OR-04C-2241 | Deogaon |
| 34 | Hero Honda Splender Plus | Not Visible | Deogaon |
| 35 | Hero Honda Splender Plus M/C | Not Visible | Deogaon |
| 36 | Hero Honda Splender Plus M/C | Not Visible | Deogaon |
| 37 | Hero Honda Glamor | OR-09J-8763 | Deogaon |
| 38 | Hero Honda Splender Plus | Chassis No.MBLHA10EJ8HH07213 | Deogaon |
| 39 | Hero Honda Passion Plus | Chassis No.04C0961502 | Deogaon |
| 40 | Tata Magic | OD-04A-1027 | Deogaon |
| 41 | Marshal | OR-04B-9035 | Hadagarh |
| 42 | Truck | OR-09-7451 | Hadagarh |
| 43 | XENON Pick up | OD-22A-0746 | Hadagarh |
| 44 | Hero Honda Motor Cycle | OR-04G-5105 | Brahmanipal |
| 45 | Suzuki Motor Cycle | OR-04A-5177 | Brahmanipal |
| 46 | Hero Honda Splender plus | OR-05M-1029 | Brahmanipal |
| 47 | Tata 207 DI Pickup Van | Engine No.WZ934149 Chassis No 374415AUZ900725 | Brahmanipal |
| 48 | Hero Honda Splender Plus | OR-04D-1525 | Brahmanipal |
| 49 | Hero Honda Passion Pro | OR-07T-0556 | Brahmanipal |
| 50 | Hero Honda Splender Plus | OR-04H-6263 | Brahmanipal |
| 51 | Hero Honda Splender Plus | OR-09N-7996 | Brahmanipal |
| 52 | Hero Honda Splender Plus | Ch. No. MBLHA10EJ8GB02462 | Brahmanipal |
| 53 | Hero Honda Splender Plus | OR-09B-9424 | Brahmanipal |
| 54 | Tata Tipper | OR-09P-2638 | Brahmanipal |
| 55 | Bajaj Discover | OR-04Q-0064 | Brahmanipal |
| 56 | Hero Honda Splender Plus | CH. No 06K16C01776 | Brahmanipal |
| 57 | Hero Honda Splender Plus | OR-05Z-9859 | Brahmanipal |
| 58 | Hero Honda Splender Plus | OR-05-9758 | Brahmanipal |
| 59 | Hero Honda Passion Plus | OR-04J-6521 | Brahmanipal |
| 60 | Hero Honda Passion Plus | OR-22C-1795 | Brahmanipal |
| 61 | Hero Honda Passion Plus | OR-05Y-1189 | Brahmanipal |
| 62 | Motor Cycle | Chassis No.BFBGJ46401 | Brahmanipal |
| 63 | Hero Honda Passion Plus | OR-07L-0556 | Brahmanipal |
| 64 | Hero Honda Passion Plus | OD-22A-9755 | Brahmanipal |
| 65 | Hero Honda Splender Plus | OR-08C-8704 | Brahmanipal |
| 66 | Hero Honda Splender Plus | Not Visible | Brahmanipal |
| 67 | Hero Honda Splender Plus | Not Visible | Brahmanipal |
| 68 | Hero Honda Splender Plus | OR-09N-1541 | Brahmanipal |
| 69 | TVS Max 100 Motor Cycle | Not Visible | Brahmanipal |
| 70 | Hero Honda Splender | OR-04E-3792 | Brahmanipal |
| 71 | Hero Honda Passion Plus Black & Blue | Not Visible | Brahmanipal |
| 72 | Hero Honda Splender Plus Red Colour | Not Visible | Brahmanipal |
| 73 | Hero Honda CD Deluxe | Not Visible | Brahmanipal |
| 74 | Hero Honda CD Deluxe Black & Red Colour | OR-02BJ-7550 | Brahmanipal |
| 75 | Hero Honda Splender Plus | Not Visible | Brahmanipal |
| 76 | Hero Honda CD Deluxe | Not Visible | Brahmanipal |
| 77 | Hero Honda Passion Plus | OR-05AE-2051 | Brahmanipal |

Sd/- Divisional Forest Officer,
Keonjhar Wildlife Division, Anandapur

OIPR-08147/11/0012/2526

# ମିଳିତ ପ୍ରୟାସରେ ବିକାଶ ସମ୍ଭବ

ସୁନ୍ଦରଗଡ,୭।୭ (ଜୟ ନାରାୟଣ ମେଶ୍ରୁଲି)

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସୋମବାର ସୁନ୍ଦରଗଡ ଗସ୍ତରେ ଆସି ବିଭିନ୍ନ ଜନ କଲ୍ୟାଣକାରୀ ପ୍ରକଳ୍ପର ଉଦଘାଟନ କରିବା ସହିତ ସ୍ୱଚ୍ଛ ସୁନ୍ଦରଗଡ ମୋବାଇଲ ଆପର ଶୁଭାରମ୍ଭ କରିଥିଲେ। ଏହାସହିତ ଜିଲାରେ ପିଏମ ଜନମନ ଓ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଅଗ୍ରଗତି ସମୀକ୍ଷା କରିଥିଲେ। ମନ୍ତ୍ରୀ ଓରାମଙ୍କ ସହିତ ଏହି ଗସ୍ତରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗ ଦେଇଥିଲେ। ସକାଳେ କେନ୍ଦ୍ର ମନ୍ତ୍ରୀ ଓରାମ ପ୍ରଥମେ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଅଭିଭାବକମାନଙ୍କ ପାଇଁ ଅପେକ୍ଷା ଗୃହର ଉଦଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କ ସହିତ ମିଶି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହା ପରେ ସେ ସୁନ୍ଦରଗଡ଼ ମ୍ୟୁନିସିପାଲିଟିର ୱାର୍ଡ ନମ୍ବର ୯ ସ୍ଥିତ ଆରଏଟସସ କୋଲୋନି ଠାରେ ନବ ନିର୍ମିତ ବହୁମୁଖୀ ଭବନର ଉଦଘାଟନ କରିଥିଲେ। ସେହିପରି ୱାର୍ଡ ନମ୍ବର ୧୬ ରେ ମଧ ବହୁମୁଖୀ ଭବନର ଉଦଘାଟନ କରିଥିଲେ। ଏହା ବ୍ୟତୀତ ଓରାମ ଜିଲା ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାରେ ପିଏମ ଜନମନ ଓ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲାପାଳ ମନୋଜ ମହାଜନ ଜିଲାରେ ହେଉଥିବା ଉନ୍ନୟନ କାର୍ଯ୍ୟ, ବିଭିନ୍ନ ପ୍ରକଳ୍ପ ବିଷୟରେ ଅବଗତ କରାଇଥିଲେ। ସୂଚନାଯୋଗ୍ୟ, ଜିଲାରେ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ୧୭ଟି ବ୍ଲକର ୧୧୨ଟି ଗ୍ରାମରେ କାର୍ଯ୍ୟକାରୀ ହେବା ବେଳେ ପିଏମ ଜନମନ ଲହୁଣୀପଡା ବ୍ଲକର ୯ ଟି ଗ୍ରାମ ପଞ୍ଚାୟତର ୫୨ ଗ୍ରାମରେ କାର୍ଯ୍ୟକାରୀ କରାଯାଉଛି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଓରାମ କହିଥିଲେ, ଗ୍ରାମ, ଜିଲା ଅଥବା ରାଜ୍ୟର ବିକାଶ ପାଇଁ ନାଗରିକଙ୍କର ସହାୟତା ଓ ସହଭାଗିତାର ଆବଶ୍ୟକ ରହିଛି। କୌଣସି ଅଞ୍ଚଳର ବିକାଶ କେବଳ ପ୍ରଶାସନର ଦାୟିତ୍ୱ ନୁହେଁ। ଏହା ପାଇଁ ସଚେତନ ନାଗରିକର ଭୂମିକା ମଧ୍ୟ ସମାନ ରହିଛି। ସମସ୍ତଙ୍କ ମିଳିତ ପ୍ରୟାସରେ ହିଁ ବିକାଶ ସମ୍ଭବ। ଏହି ଅବସରରେ ସେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ସ୍ୱଚ୍ଛ ସୁନ୍ଦରଗଡ ମୋବାଇଲ ଆପ୍‌ର ଉନ୍ମୋଚନ କରିଥିଲେ। ଜିଲାର ଗ୍ରାମୀଣ ଅଞ୍ଚଳରେ ମଇଳା ସଂଗ୍ରହ କରିବା ବା ପରିଚାଳନା ଦିଗରେ ଏହା ସହାୟକ ହେବ। ଆପରେ ସ୍ୱଚ୍ଛ ସାଥୀଙ୍କ ଯୋଗାଯୋଗ ନମ୍ବର ରହିବା ସହିତ ପରିମଳ ବ୍ୟବସ୍ଥାକୁ ମଜବୁତ କରିବାରେ ସହାୟକ ହେବ। ଏହା ବ୍ୟତୀତ ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଡିଏମଏଫ ପକ୍ଷରୁ ଜିଲାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୪ଟି ବସ୍‌ର ଶୁଭାରମ୍ଭ କରାଯାଇଛି। ସ୍ୱଚ୍ଛ ସାଥୀଙ୍କୁ ମଧ ମଇଳା ସଂଗ୍ରହ କରିବା ପାଇଁ ବାହନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୌରାଞ୍ଚଳ ଅଧ୍ୟକ୍ଷା ତନୟା ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, କେନ୍ଦ୍ର ମନ୍ତ୍ରୀଙ୍କ ସଚିବ ଅମିତ କୁମାର, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଡିଏଫଓ ଖୁସବନ୍ତ ସିଂହ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇଏଏସ ଶିକ୍ଷାନବିସ ଫାବୀ ରସିଦ ତଥା ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।


ବହୁମୁଖୀ ପ୍ରକଳ୍ପକୁ କେନ୍ଦ୍ରମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

- ସ୍ୱଚ୍ଛ ସୁନ୍ଦରଗଡ଼ ଆପର ଶୁଭାରମ୍ଭ
- ବିଭିନ୍ନ ଜନ କଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ
- ଜୁଏଲ ଓରାମଙ୍କ ସୁନ୍ଦରଗଡ଼ ଗସ୍ତ

# ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ ବୈଠକ

ନୂଆପଡ଼ା,୭।୭ (ମକାରୁ ବେମାଲ)

ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ଓ ଓଡ଼ିଶା ଡାକ ପରିମଣ୍ଡଳଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ନାଳନ୍ଦି ବିହାରଠାରେ ବିଜନୈଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ଶରତ କୁମାର ମାଝି, କୋଷାଧ୍ୟକ୍ଷ ବିଜୟ କିଶୋର ଦାସ, କଳାହାଣ୍ଡି ଡିଭିଜନ ଉପସଭାପତି ସତ୍ୟ ନାରାୟଣ ବିଶି, ଆସ୍କା ଡିଭିଜନ ସଭାପତି ରବୀନ୍ଦ୍ରନାଥ ପଣ୍ଡା, ସାଧାରଣ ସମ୍ପାଦକ ରଜନୀକାନ୍ତ ଗନ୍ତାୟତ, ଓଡ଼ିଶା ଡାକ ପରିମଣ୍ଡଳ ନୂଆପଡା ପୂର୍ବତନ ସଭାପତି ବ୍ରଜବନ୍ଧୁ ରଣା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ୪ ଘଣ୍ଟା ପରିବର୍ତ୍ତେ ୮ ଘଣ୍ଟା ଡ୍ୟୁଟି ଦିଆଯାଇ ନିୟମିତ କରିବା ପାଇଁ ସରକାରଠାରେ ଦାବି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। କଳାହାଣ୍ଡି ଡିଭିଜନ ସମ୍ପାଦକ ପବିତ୍ର ମୋହନ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଓଡ଼ିଶା ଡାକ ପରିମଣ୍ଡଳ ଭୁବନେଶ୍ୱର ସାଙ୍ଗଠନିକ ସମ୍ପାଦକ ଖଗେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ଯୋଗଗୁରୁ ସଂଘ ଗଠିତ

ଖଡ଼ିଆଳ,୭।୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ ସଂସ୍କୃତି ଭବନଠାରେ ଏକ ବୈଠକ କରାଯାଇ ଜିଲା ଯୋଗଗୁରୁ ସଂଘର କର୍ମକର୍ତ୍ତା ଚୟନ କରାଯାଇଛି। ଯୋଗଗୁରୁ ଅରବିନ୍ଦ ବେହେରା ସଭାପତି ଓ ପବିତ୍ର ଦଣ୍ଡସେନା ସମ୍ପାଦକ ରୂପେ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ନୀହାର ରଞ୍ଜନ ଯୋଷୀ, ଯୁଗ୍ମ ସମ୍ପାଦକ ଯାଜ୍ଞସିନୀ ନାଏକ, କୋଷାଧ୍ୟକ୍ଷ ଅନୁରାଗ ବାଗ ମନୋନୀତ ହୋଇଛନ୍ତି। ୧୧ ଜଣିଆ କାର୍ଯ୍ୟକାରୀ ସଦସ୍ୟ ଭାବେ ନୂଆପଡ଼ାର କୈଳାସ ବାରିକ, ବୋଡ଼େନର ହୃଦା ମାଝୀ, କୋମନାର ରଶ୍ମି ରଞ୍ଜନ ପଣ୍ଡା, ସିନାପାଲିରୁ ଦ୍ରୋଣ ଜଗତ, ଖଡଆଳରୁ ଡୋଲାକୃଷ୍ଣ ବେହେରା ଚୟନ ହୋଇଛନ୍ତି। ଉପଦେଷ୍ଟା ଭାବେ ସାଂସଦ କଳାହାଣ୍ଡି, ବିଧାୟକ ଖଡିଆଳ, ବିଧାୟକ ନୂଆପଡ଼ା, ଜଣେ ଲେଖାଏ ଆଇନଜୀବୀ ଓ ସାମ୍ବାଦିକ ମନୋନୀତ ହୋଇଛନ୍ତି।

# ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡ଼ା,୭।୭ (ମକାରୁ ବେମାଲ)

ନୂଆପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହଠାରେ ସୋମବାର ଜିଲାପାଳ ମଧୁସୂଦନ ଦାଶ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୫୬ ଅଭିଯୋଗର ଶୁଣାଣି କରାଯାଇଛି। ଏହିସବୁ ଅଭିଯୋଗ ଉପରେ ଅତିଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସିନାପାଲି ବ୍ଲକ ଗୋଡାଲ ଗାଁର ଅସହାୟ ବୃଦ୍ଧ ବନମାଳୀ ଚଣ୍ଡିଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲୟାଧର ଧରୁଆ, ଉପ ଜିଲାପାଳ ସୁମି ସୋରେନ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମନୋଜ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ଭରତ ଲାଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଶେଖ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ।


ହିତାଧିକାରୀଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

# ନାରୀ ନିର୍ଯାତନା, ଆଇନ ଶୃଙ୍ଖଳାକୁ ନେଇ କଂଗ୍ରେସର ଉଦ୍‌ବେଗ

ଭବାନୀପାଟଣା,୭।୭
(ଉତ୍ତମ କୁମାର ଦାଶ)

ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଥିବା ବେଳେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ରଥଯାତ୍ରା ପରିଚାଳନା ଓ ମଣ୍ଡି ବ୍ୟବସ୍ଥା ସବୁ ଫେଲ ମାରିଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି କଳାହାଣ୍ଡି ଜିଲା କଂଗ୍ରେସ। ଏପରିସ୍ଥଳେ ଆସନ୍ତା ୧୧ରେ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜଲନ୍ଧର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା କଂଗ୍ରେସ ପ୍ରଭାରୀ ବିଜୟାନନ୍ଦ ଚାଉଳିଆ, ରାଜ୍ୟ ମିଡ଼ିଆ ସେଲ ସଭାପତି ଅରବିନ୍ଦ ଦାସ, ପୂର୍ବତନ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ପୂର୍ବତନ ଜିଲା ସମ୍ପାଦକ ବ୍ରଜ ସାହୁ, ନାରୀ ନେତ୍ରୀ ମାଣିକ୍ୟ ସୁନା, ସୁକାନ୍ତି ସରାଫ ପ୍ରମୁଖ ଯୋଗଦେଇଥିଲେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 17-SBP-TRD-OT-2025-26, ତା. 01.07.2025 ରିଖ

**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ - ଥେରୁବାଲି ସେକ୍ସନରେ କି.ମି. 205/27-29 ଠାରେ ଟିଟିଲାଗଡ଼ - କେସିଙ୍ଗା ମଧ୍ୟରେ ମାନବଯୁକ୍ତ ଲେବୁଲ କ୍ରସିଂ ଫାଟକ RV-163 ର ଇଣ୍ଟରଲକିଂ ଏବଂ 20 ହଜାରରୁ ଅଧିକ TVU ଥିବା ଲେବୁଲ କ୍ରସିଂ ଫାଟକ (RV-164, ST-63)ର ଇଣ୍ଟରଲକିଂ" କାର୍ଯ୍ୟ ସହିତ ଜଡିତ TRD ସମ୍ବନ୍ଧୀୟ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (₹):** 42,72,739.11, EMD (₹) : 85,500.00, ଶେଷ ହେବା ଅବଧି : 09 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-328/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ବିଭାଗୀୟ ମୂଲ୍ୟ; ଅମାନତ ରାଶି ନିମ୍ନ ଅନୁଯାୟୀ ଅଟେ: ୧); ସିଓଏମ୍‌୫୪-ଏଏମ୍‌ଏନ୍-ଆର୍‌ଓୟୁ-ପିଏଚ୍-୨୫ ତାରିଖ:୦୧।୦୭।୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ରାଉରକେଲା ରେଳ ଷ୍ଟେଶନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ। ₹୮୧,୩୭,୯୨୩.୨୦; ₹୧,୬୨,୮୦୦.୦୦; ୨); ସିଓଏମ୍‌୫୪-ଏଏମ୍‌ଏନ୍-ଟିଏଟିଏ-ପିଏଚ୍-୨୫ ତାରିଖ:୦୧।୦୭।୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ଟାଟାନଗର ରେଳ ଷ୍ଟେଶନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ। ₹୧,୭୦,୭୨,୯୪୮.୦୦; ₹୨,୩୫,୪୦୦.୦୦; ୩); ସିଓଏମ୍‌୫୪-ଏଏମ୍‌ଏନ୍-ଜେଏସ୍‌ଜି-ପିଏଚ୍-୨୫ ତାରିଖ:୦୧।୦୭।୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ଝାରସୁଗୁଡ଼ା ରେଳ ଷ୍ଟେଶନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ। ₹୫୨,୨୦,୧୦୫.୯୦; ₹୧,୦୪,୪୦୦.୦୦; ୪); ସିଓଏମ୍‌୫୪-ଏଏମ୍‌ଏନ୍-ସିକେପି-ପିଏଚ୍-୨୫ ତାରିଖ:୦୧।୦୭।୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ଚକ୍ରଧରପୁର ରେଳ ଷ୍ଟେଶନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ। ₹୨୮,୨୮,୧୮୭.୯୦; ₹୫୬,୬୦୦.୦୦; ୫); ସିଓଏମ୍‌୮୧-ଟିଟିଆର୍‌ଆର୍-ଜେଏସ୍‌ଜି-ଆର୍‌ଓୟୁ-୨୫ ତାରିଖ: ୦୨।୦୭।୨୦୨୫; ପରିଣାମ ଭିତ୍ତିରେ ୧୦୯୬ ଦିନ ଅବଧି ପାଇଁ ରାଉରକେଲା ଓ ଝାରସୁଗୁଡ଼ା ରେଳ ଷ୍ଟେଶନଠାରେ ଟିଟିଇ ରେଷ୍ଟ ରୁମ୍‌ର ରକ୍ଷଣାବେକ୍ଷଣ ଓ ଦେଖାରେଖା; ₹୧,୧୧,୩୫,୨୨୮.୪୮; ₹୨,୦୫,୭୦୦; ୬); ସିଓଏମ୍‌୮୧-ଟିଟିଆର୍‌ଆର୍-ସିକେପି-ଟିଏଟିଏ-୨୫ ତାରିଖ: ୦୨।୦୭।୨୦୨୫; ପରିଣାମ ଭିତ୍ତିରେ ୧୦୯୬ ଦିନ ଅବଧି ପାଇଁ ଟାଟାନଗର ଓ ଚକ୍ରଧରପୁର ରେଳ ଷ୍ଟେଶନଠାରେ ଟିଟିଇ ରେଷ୍ଟ ରୁମ୍‌ର ରକ୍ଷଣାବେକ୍ଷଣ ଓ ଦେଖାରେଖା; ₹୯୬,୦୯,୭୭୧.୮୪; ₹୧,୯୨,୨୦୦.୦୦; ଟେଣ୍ଡର ଫର୍ମ ମୂଲ୍ୟ: ୫,୦୦୦ (କ୍ର.ସଂ. ୧–୩ ଓ ୫–୬ ପାଇଁ); ୩,୦୦୦ (କ୍ର.ସଂ. ୪ ପାଇଁ)। ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୨୩.୦୭.୨୦୨୫ ୧୫.୩୦ ଘଟିକା (କ୍ର.ସଂ. ୧ ରୁ ୪ ପାଇଁ) ଏବଂ ୨୪.୦୭.୨୦୨୫ ୧୫.୩୦ ଘଟିକା (କ୍ର.ସଂ. ୫ ଓ ୬ ପାଇଁ); ୱେବ୍‌ସାଇଟ୍ ବିବରଣୀ: www.ireps.gov.in (କ୍ର.ସଂ. ୧ ଓ ୬ ପାଇଁ)।
(PR-363)

## OFFICE OF THE PRINCIPAL
## HARIHAR HIGHER SECONDARY SCHOOL
**JOGISARDA, DIST. - BALANGIR, PIN-767020**
E-mail : hariharhsschooljogisarda@rediffmail.com, Ph : 9437759816

**WALK-IN-INTERVIEW**

ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଉଛି।

# ୩୨ ଘଣ୍ଟା ପରେ ବି ମିଳିନି ଯୁବକଙ୍କ ପତ୍ତା

**ବାଦଲଗିରି ଜଳପ୍ରପାତରେ ନିଖୋଜ ଘଟଣା**

ବଣାଇଁ,୭।୭(ପ୍ରଦୀପ ତ୍ରିପାଠୀ)



ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ବାଦଲଗିରି ଜଳପ୍ରପାତରେ ରବିବାର ରାଜଗାଙ୍ଗପୁର ଲିପିଲୋଇ ପାନପଡା ଅଞ୍ଚଳର ଗୌରବ ବିପ୍ର ନିଖୋଜ ହେବାର ୩୨ ଘଣ୍ଟା ପରେ ବି ତାଙ୍କର କୌଣସି ସନ୍ଧାନ ମଳିପାରି ନାହିଁ। ଗୁରୁଣ୍ଡିଆ ପୋଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ରାଜଗାଙ୍ଗପୁରରୁ ବାଦଲଗିରକୁ ୧୩ ଜଣ ଯୁବକ ବଣଭୋଜି କରିବାକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧ଟାରେ ୪ଜଣ ଯୁବକ ଜଳପ୍ରପାତକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ବିପ୍ର ନିଖୋଜ ହୋଇଯାଇଥିଲେ। ଏନେଇ ତାଙ୍କ ସାଥୀମାନେ ଗୁରୁଣ୍ଡିଆ ଥାନାରେ ଜଣାଇଥିଲେ। ମାତ୍ର ସନ୍ଧ୍ୟା ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ହୋଇ ପାରି ନ ଥିଲା। ସୋମବାର ସକାଳୁ ପୋଲିସ ଓ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ହେଁ ତାଙ୍କ ପତ୍ତା ପାଇ ନ ଥିଲେ। ମଙ୍ଗଳବାର ପୁଣି ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ଜଣାପଡିଛି। ଅପରପକ୍ଷରେ ଲଗାଣ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। କିନ୍ତୁ ଏହି ସମୟରେ ଯୁବକଙ୍କ ପିକନିକ କଥାକୁ ସହଜରେ ଗ୍ରହଣୀୟ ହେଉନଥିବାରୁ ସମସ୍ତ ସାଙ୍ଗକୁ ରଖି ତଦନ୍ତ କରୁଛି ଗୁରୁଣ୍ଡିଆ ପୋଲିସ ।

## ସଂକ୍ଷେପରେ

### ଯୁବକଙ୍କୁ ଛୁରାମାଡ଼, ୨କୋର୍ଟ ଚାଲାଣ

ଖପ୍ରାଖୋଲ, ୭।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ ଗମ୍ଭାରୀ ପଞ୍ଚାୟତ କର୍ଲାବାହାଲି ଗାଁର ଜଣେ ଯୁବକଙ୍କୁ ଛୁରାମାଡ ଅଭିଯୋଗରେ ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଦ୍ୱୟ ହେଲେ ବୈଜଲସାଗର ଗାଁର ସନ୍ତୋଷ ରଣା (୨୯) ଓ ସୁବାଷ ନାଏକ (୩୮)। ରବିବାର ସନ୍ଧ୍ୟାରେ କର୍ଲାବାହାଲି ଗାଁ ର ପ୍ୟାରିଲାଲ ବନଛୋର(୨୫) ଗାଁ ପାଖ ରାସ୍ତା କଡ଼ରେ ଯାଉଥିବା ବେଳେ ଅଭିଯୁକ୍ତ ଦୁଇ ଜଣଙ୍କ ସହିତ ବଚସା ହୋଇଥିଲା। ସନ୍ତୋଷ ଏହାକୁ ନେଇ ପ୍ୟାରିଲାଲଙ୍କ ବେକକୁ ଛୁରାରେ ଆକ୍ରମଣ କରିଥିଲେ। ଫଳରେ ପ୍ୟାରିଲାଲ ଆହତ ହୋଇଥିବାବେଳେ ପରିବାର ଲୋକ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ଏନେଇ ପରିବାର ତରଫରୁ ଖପ୍ରାଖୋଲ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୫୧/୨୦୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବିଭିନ୍ନ ଧାରା ଅନୁସାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

### ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର

ପାଟଣାଗଡ଼, ୭।୭(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ କେନ୍ଦୁମୁଣ୍ଡି ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବିଶେଷକରି ନୂତନ ବାର୍ଦ୍ଧକ୍ୟ ଭତ୍ତା, ରାଶନ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବା ପାଇଁ ହିତାଧିକାରୀମାନେ ଆବେଦନ କରିଥିବା ଜଣାପଡିଛି। ଏହି ଶିବିରରେ ଜିପିଓ ସନ୍ତୋଷ କୁମାର ନାଏକ, ତହସିଲଦାର ରୁଦ୍ରମୋହନ ନାଏକ, ସିଡିପି ପ୍ରଭାମୟୀ ନାଏକ, ବ୍ଲକ ଯୋଗାଣ ଅଧିକାରୀ ରାଜାରାମ ହୋତା, ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବାରିକ, ଏପିଓ, ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସନ୍ତସନ୍ତିଆ ପରିବେଶରେ ଶିକ୍ଷାଦାନ

### ଅବ୍ୟବସ୍ଥାରେ ଲୋଇସିଂହା ୮ନଂ. ଅଙ୍ଗନୱାଡି କେନ୍ଦ୍ର

ଲୋଇସିଂହା, ୭।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୋଇସିଂହା ମୁଖ୍ୟାଳୟ ଗ୍ରାମର ୮ନଂ. ଅଙ୍ଗନୱାଡି କେନ୍ଦ୍ର ନାନା ଅବ୍ୟବସ୍ଥା ଘେରରେ ରହିଛି। ଏଠାରେ ସନ୍ତସନ୍ତିଆ ପରିବେଶରେ ଶିଶୁମାନଙ୍କୁ ଶିକ୍ଷାଦାନ କରାଯାଉଛି। ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ କେନ୍ଦ୍ର କର୍ମୀ, ସହାୟିକା ଓ ଅଭିଭାବକମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାମତେ, ଲୋଇସିଂହା ବସ୍ତିର ସାପ୍ତାହିକ ବଜାରଠାରେ ରହିଛି ୮ମ ଅଙ୍ଗନୱାଡି କେନ୍ଦ୍ର। ଏଠାରେ ବସ୍ତିର ୧୪ ଜଣ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି। ୨୦୧୫ ମସିହାରୁ ପଲ୍ଲବୀ ମିଶ୍ର କର୍ମୀ ଭାବେ କାମ କରୁଛନ୍ତି। ୨୦୧୬ ମସିହାରେ ପ୍ରଶାସନ ପକ୍ଷରୁ ସାପ୍ତାହିକ ବଜାର ଠାରେ ସ୍ଥାୟୀ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରି ଶିଶୁଙ୍କୁ ଶିକ୍ଷାଦାନ



ସନ୍ତସନ୍ତିଆ ପରିବେଶରେ ଥିବା କେନ୍ଦ୍ର।

ଦିଆଯାଉଛି। ହେଲେ କେନ୍ଦ୍ର କୋଠା ନିର୍ମାଣ ନିମ୍ନମାନର ହୋଇଥିବା ଯୋଗୁ ଅଳ୍ପ ବର୍ଷ ମଧ୍ୟରେ ଛାତରୁ ବର୍ଷା ପାଣି ଝରୁଛି। ଲଘୁଚାପ ଜନିତ ଲଗାଣବର୍ଷା ଫଳରେ ଛାତରୁ ପାଣି ଝରି କେନ୍ଦ୍ରରେ ପାଣି ଜମି ରହୁଛି। ଏହାବାଦ୍ କୋଠାର ଚଟାଣ ଫାଟିଯାଇ ଶୋଚନୀୟ ହୋଇ ପଡିଛି। ଛାତରେ ବର୍ଷା ପାଣି ଝରୁଥିବାରୁ ଲାଗିଥିବା ପଙ୍ଖା ଶର୍ଟ ହୋଇ କାମରେ ଆସୁନାହିଁ। ଏତିକିରେ ଅବ୍ୟବସ୍ଥା ସରିନାହିଁ। ମଙ୍ଗଳବାର ସାପ୍ତାହିକ ବଜାର ବସୁଥିବାରୁ ପଚାସଢା ପରିବାକୁ ବ୍ୟବସାୟୀମାନେ କେନ୍ଦ୍ର ଚତୁପାର୍ଶ୍ୱରେ ଫିଙ୍ଗି ଚାଲିଯାଇଥାନ୍ତି। ଏହାଛଡା ସନ୍ଧ୍ୟା ସମୟରେ କେନ୍ଦ୍ର ବାରଣ୍ଡା ଅସାମାଜିକଙ୍କ ଆଡ୍ଡା ସ୍ଥଳି ପାଲଟିଥାଏ। ନିୟମିତ ଭାବେ ସନ୍ଧ୍ୟାରେ ଏଠାରେ ମଦ୍ୟପାନର ଆସର ଜମୁଥିବାରୁ କେନ୍ଦ୍ର କର୍ମୀ ମିଶ୍ର ଓ ସହାୟିକା ସାଇରା ବାନୁ ବାରଣ୍ଡାରେ ପଡିଥିବା ମଦପାଉଚ, ଚାଖନା ପ୍ଲେଟ ଓ ପଲିଥିନ ବ୍ୟାଗ ନିୟମିତ ଭାବେ ସଫେଇ କରିଥାନ୍ତି ବୋଲି କହିଛନ୍ତି। ମଦପାଉଚ, ଚାଖନା ପ୍ଲେଟ ଓ ପଚାଶଢା ପରିବାର ସନ୍ତସନ୍ତିଆ ପରିବେଶରେ ଶିଶୁମାନଙ୍କୁ ଶିକ୍ଷାଦାନ ଗ୍ରହଣ କରୁଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶରେ ଶିଶୁ ଭବିଷ୍ୟତ ଗଢାଯାଉଥିବାରୁ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। କୋଠା ନିର୍ମାଣର ଅଳ୍ପ ବର୍ଷ ମଧ୍ୟରେ ଶୋଚନୀୟତାକୁ ନେଇ କ୍ଷୋଭ ପ୍ରକାଶ ପାଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଉପରୋକ୍ତ ସମସ୍ୟା ଉପରେ ବିଭାଗୀୟ ଅଧିକାରୀ ଓ ବ୍ଲକ ପ୍ରଶାସନର ପ୍ରତିକାର ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ସୁନାବେଶ ଦର୍ଶନକରି ଭକ୍ତ ବିଭୋର



ଟିଟିଲାଗଡ଼ରେ ଠାକୁରଙ୍କ ସୁନାବେଶ।

ଟିଟିଲାଗଡ଼, ୭।୭(ଶରତ ମିଶ୍ର)

ସ୍ଥାନୀୟ ଶ୍ରୀଶ୍ରୀ ଦଧିବାମନ ଶ୍ରୀଶ୍ରୀ ଧବଳେଶ୍ୱର ଟ୍ରଷ୍ଟ ପକ୍ଷରୁ ତିନି ଠାକୁରଙ୍କ ଗୁଣ୍ଡିଚା ଯାତ୍ରା ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ତିନି ଠାକୁର ପହଣ୍ଡି ବିଜେ ପରେ ରଥାରୁଢ଼ ହୋଇ ମନ୍ଦିରକୁ ଭକ୍ତଙ୍କ ଦ୍ୱାରା ରଥ ଟଣା ହୋଇ ଆସିଥିଲେ। ରବିବାର ରଥାରୁଢ଼ ମହାପ୍ରଭୁଙ୍କୁ ସେବାୟତ ସୁନା ବେଶ କରାଇଥିଲେ। ଝିପଝିପି ବର୍ଷା ସତ୍ତ୍ୱେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରଥରୁଢ଼ ମହାପ୍ରଭୁଙ୍କ ସୁନାବେଶ ଦେଖିବାକୁ ପ୍ରବଳ ଭିଡ଼ ଲାଗି ରହିଥିଲା। ସୁନାବେଶ ଦର୍ଶନ କରି ଭକ୍ତ ବିଭୋର ହୋଇଥିଲେ। ମହାପ୍ରଭୁଙ୍କ ଅଧରପଣା ସହ ନୀଳାଦ୍ରି ବିଜେ ସମ୍ପନ୍ନ ହୋଇଛି। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ରେହାନ ଖତ୍ରୀଙ୍କ ତତ୍ତ୍ୱାବଧାନରେ ସେବାୟତ ରାଧାକାନ୍ତ ପାଢ଼ୀ, ଭବାନୀ ପ୍ରସାଦ ହୋତା, ପଞ୍ଚାନନ ପାଢ଼ୀ, ସୁମନ୍ତ ପାଢ଼ୀ କମ୍ବୁପାଣି ପାଢ଼ୀ, ଟ୍ରଷ୍ଟି ସଞ୍ଜୀବ ପାଢ଼ୀ, ସନତ ପାଢ଼ୀ, ଅଶୋକ ପାଢ଼ୀ, ପ୍ରଶାନ୍ତ ପାଢ଼ୀ, ସଞ୍ଜୟ ପାଢ଼ୀ, ଶୁଭ୍ରାଂଶୁ ପାଢ଼ୀ, ନିଶିକାନ୍ତ ପାଢ଼ୀ, ନିହାର ପାଢ଼ୀ ମହାପ୍ରଭୁଙ୍କ ବିଭିନ୍ନ ରୀତିନୀତି ସମ୍ପନ୍ନ କରିଛନ୍ତି। ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ପୌରାଧ୍ୟକ୍ଷା ମମତା ଜୈନ, ସୁବୋଧ ଦାଶ, ଅଲେଖ ଦଳବେହେରା, ତ୍ରିନାଥ ସରାଫ, ଧବଳେଶ୍ୱର ଦଳବେହେରା, ଭୂପତି ବାରିକ ପ୍ରମୁଖ ଅନୁଷ୍ଠାନରେ ସାମିଲ ହୋଇଛନ୍ତି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ




ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ବେଲପଡା, ୭।୭(ମନୋଜ କୁମାର ମିଶ୍ର)

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ସୋମବାର ବେଲପଡା ବ୍ଲକର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ସିଂଦେଓ ପୂର୍ବାହ୍ନରେ ବେଲପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ପରେ ଦଳର କର୍ମୀ ଓ ବ୍ଲକର ଅଧିକାରୀମାନେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏହା ପରେ ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ପରେ ସିଂଦେଓ କାର୍ଯ୍ୟାଳୟ ପରିସରରେ ଥିବା ମିଟିଂ ହଲକୁ ଯାଇ ଆୟୋଜିତ କାର୍ଯ୍ୟକ୍ରମରେ ରାଶନକାର୍ଡ, ଅନ୍ତୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ଓ ନୂତନ ଭତ୍ତା ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିଥିଲେ। ଶେଷରେ ମଣ୍ଡଲ ଗ୍ରାମର ଅଭୟ ପ୍ରସାଦ ଠାକୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ପ୍ରତିନିଧି ତନ୍ମୟ ଦାସ, ଏମ୍‌ପି ପ୍ରତିନିଧି କୁନୁ ମୁଣ୍ଡା, ବ୍ଲକ ଅଧ୍ୟକ୍ଷା ଟିନା କୁମ୍ଭାର, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ଜିଲା ପରିଷଦ ସଭ୍ୟା ଶବ୍ଦ ମିର୍ଦ୍ଧା ଓ ଅନିମା ଦାସଙ୍କ ସମେତ ବିଡ଼ିଓ ରାଜେଶ ମେହେର, ଏବିଡିଓ ସାରଥୀ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ବେଲପଡ଼ା କଲେଜରେ ବହୁମୁଖୀ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ

ବେଲପଡ଼ା, ୭।୭(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟଠାରେ ବହୁମୁଖି କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ବହୁମୁଖୀ କୋଠା ପାଇଁ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଅଧ୍ୟାପକ ସୁଦାମ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ସିଂଦେଓ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରିଚାଳନା କମିଟି ସଭାପତି ତଥା ପାଟଣାଗଡ଼ ଉପଜିଲାପାଳଙ୍କୁ ଉକ୍ତ କଲେଜର ଭିତ୍ତିଭୂମି ସହ କଲେଜ କର୍ତ୍ତୃପକ୍ଷ, ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ଜଣାଇବା ସହ ସମସ୍ୟା ସମାଧାନ ଦିଗରେ ଧ୍ୟାନ ଦେବା ପାଇଁ କହିଥିଲେ। ଛାତ୍ରୀଛାତ୍ର ଓ କଲେଜ କର୍ତ୍ତୃପକ୍ଷ ଉପମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ଦାବିପତ୍ର ଦେଇଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବିଧାୟକ ପ୍ରତିନିଧି ତନ୍ମୟ ଦାସ, ଏମ୍‌ପି ପ୍ରତିନିଧି କୁନୁ ମୁଣ୍ଡା,ଭାଜପା ନେତା ଗଣେଶ କୁମ୍ଭାର, ପ୍ରଶାନ୍ତ ଦାସ, ନୀଳପାଣିଗ୍ରାହୀ, ଆଲୋକ ବେହେରା, ଜିଲା ପରିଷଦ ସଭ୍ୟ ଶବ୍ଦ ମିର୍ଦ୍ଧା, ଅନିମା ଦାସ ଉପସ୍ଥିତ ଥିଲେ।

# ପିଏମ୍‌ଶ୍ରୀ ହାଇସ୍କୁଲରେ ବନ ମହୋତ୍ସବ




ଜଣେ ଛାତ୍ରୀ ପୁରସ୍କୃତ ହେଉଛନ୍ତି।

ଲୋଇସିଂହା, ୭।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ପିଏମ୍‌ଶ୍ରୀ ହାଇସ୍କୁଲରେ ସୋମବାର ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଲେଭାଟ ବନପାଳ ଚୌଧୁରୀ ଦଳପତି, ଲକ୍ଷ୍ମୀନାରାୟଣ ସ୍ୱାଇଁ, ଗାନ୍ଧୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରକୃତିବନ୍ଧୁ ଶିକ୍ଷକ ଆନନ୍ଦ କୁମାର ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ଓ ବୃକ୍ଷର ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଏଲିନା ପଧାନ, ଗାୟତ୍ରୀ ଡନସେନା ଓ ସୋନାଲି ଭୋଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି ଚିତ୍ରାଙ୍କନରେ ପୂଜା ବାରିକ, ଶିଶିର ଗଡତ୍ୟା ଓ ଶ୍ରୀମା ମେହେର ପ୍ରଥମ, ଦ୍ୱିତୀୟ, ତୃତୀୟ ବିବେଚିତ ହୋଇଥିଲେ। ଇକୋ କ୍ଲବର ସଂଯୋଜକ ବିଶେଶ୍ୱର ସାହୁ ସଂଯୋଜନା କରିଥିଲେ। ସଭା କାର୍ଯ୍ୟପରେ ଅତିଥି, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସାମୂହିକ ଭାବେ ବୃକ୍ଷରୋପଣ କରିଥିଲେ।

# ବଲାଙ୍ଗୀର ଜିଲାସ୍ତରୀୟ ଚାରା ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗୀର, ୭।୭(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ବିଭିନ୍ନ ରାସ୍ତାକଡରେ ନିମ୍ବ, ଜାମୁ, ତେନ୍ତୁଳି ଓ ଆମ୍ବ ଗଛ ଲଗାଯାଇଥିଲା। ଲୋକେ ଯେତେବେଳେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଉଥିଲେ ସେ ରାସ୍ତାକଡ ଗଛ ଛାଇରେ ଆରାମରେ ଯିବା ସହ ସେଠାକାର ଫଳ ବି ଖାଉଥିଲେ। ପରବର୍ତ୍ତୀ ସମୟରେ ରାସ୍ତା ପ୍ରଶସ୍ତିକରଣ ପାଇଁ ଗଛ କଟାଯାଇଛି। ଏଣୁ ରାସ୍ତାକଡରେ ହେଉ ବା ଅନ୍ୟ ସ୍ଥାନରେ ଗଛ ଲଗାଇବା ଜରୁରୀ ହୋଇପଡିଛି। ଆମ ପୂର୍ବସୂରୀମାନେ ଗଛ ଲଗାଇଥିଲେ ବୋଲି ଆମେ ଫଳ, ଫୁଲ, କାଠ, ଅମ୍ଳଜାନ ପାଉଛୁଁ। ଆମେ ମଧ୍ୟ ଆମ ଆଗାମୀ ପିଢ଼ି ପାଇଁ ଗଛ ଲଗାଇବା ଜରୁରୀ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୋମବାର ବଲାଙ୍ଗୀର ରେଞ୍ଜ ଅନ୍ତର୍ଗତ ମିର୍ଦ୍ଧାପାଲି ଠାରେ ଅନୁଷ୍ଠିତ ୭୬ ତମ ଜିଲାସ୍ତରୀୟ ବନ ମହୋତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କହିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଚାରାରୋପଣ କରିବା ସହ ଛାତ୍ରୀଛାତ୍ର, ବନ କର୍ମଚାରୀ, ଅଧିକାରୀ ଓ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ୍ ପେଡ୍ ମା'କେ ନାମ୍‌ର ମହତ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭବାନୀପାଟଣାର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସନ୍ତୋଷ ଯୋଷୀ, ବଲାଙ୍ଗୀର ଜିଲାପାଳ ଗୌରବ ଶିଓାଜୀ ଇସଲୱାର, ୧୮୯ ବାଟାଲିଆନ୍ ସିଆରପିଏଫ୍ କମାଣ୍ଡାଣ୍ଟ ମୃଣାଳକାନ୍ତ ବିଶ୍ୱାସ, ବଲାଙ୍ଗୀର ବନଖଣ୍ଡ ଅଧିକାରୀ ଅଜିତ ବିଶି, କେନ୍ଦୁଲିଫ୍ ଡିଏଫ୍‌ଓ ମିରାସେ ପ୍ରଦୀପ ଦେବୀଦାସ, ଟିଟିଲାଗଡ କେନ୍ଦୁଲିଫ୍ ଡିଏଫ୍‌ଓ ରଶ୍ମିଜି, ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାରେ ଜିଲାପାଳ ଇସଲୱାର ଜିଲାର ଜଙ୍ଗଲ ସମ୍ପଦ କିଭଳି ଲୋକଙ୍କ ଜୀବନ ଜୀବିକା ସହ ଜଡିତ ଏବଂ ଏହାର ସୁରକ୍ଷା କେତେ ଜରୁରୀ କହିଥିଲେ। ଏହି ବନ ମହୋତ୍ସବରେ ଚନ୍ଦନଭାଟି ଯୁକ୍ତଦୁଇ ଓ ଡିଗ୍ରୀ କଲେଜର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସିଆରପିଏଫ୍ ବାଟାଲିଅନ୍ ତରଫରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସଭାକୁ ଅର୍ଜୁନ ସାହୁ ସଂଯୋଜନା କରିଥିଲେ ଓ ଶେଷରେ ଏସିଏଫ୍ ମାନସ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବନବିଭାଗ ଅଧିକାରୀ ଓ କର୍ମଚାରୀ, ସିଆରପିଏଫ୍ ଯବାନ, କଅଗାଁ, ମିର୍ଦ୍ଧାପାଲି ଗାଁର ଲୋକ ଉପସ୍ଥିତ ଥିଲେ। ଏହି ଅବସରରେ ମିର୍ଦ୍ଧାପାଲି ମୌଜାରେ ପ୍ରାୟ ୩୦୦ ଚାରାରୋପଣ କରାଯାଇଥିଲା।



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଜିଲାସ୍ତରୀୟ ବନ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଚାରାରୋପଣ କରୁଛନ୍ତି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଦେଓଗାଁ, ୭।୭(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁତୁର୍ଲା ପଞ୍ଚାୟତର ମୁରସିଂ ପର୍ଶୁପାଲିର ଜନୈକ ଯୁବକଙ୍କୁ ଦୁର୍ବୃତ୍ତପେଟରେ ଛୁରୀଭୁସି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୋମବାର ସନ୍ଧ୍ୟାରେ ନିକଟସ୍ଥ ପର୍ଶୁପାଲିର ଦୁଲେଶ୍ୱର ନାଗଙ୍କୁ ଜଣେ ଅତର୍କିତ ଭାବେ ପେଟରେ ଧାରୁଆ ଛୁରୀଭୁସି ଦେଇଥିଲା। ଫଳରେ ଯୁବକଙ୍କ ପେଟରୁ ଅନ୍ତବୁଜୁଲି ବାହାରିପଡିଥିବାରୁ ସେ ଗୁରୁତରଭାବେ ଆହତ ହୋଇଥିବା ନଜରକୁ ଆସିଛି। ଏଥିରେ ତାଙ୍କ ସାଥିରେ ଥିବା ପ୍ରେମଲାଲ ବିଶି ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଖବରପାଇ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରି ପ୍ରଥମେ ଦେଓଗାଁ ଓ ପରେ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତରିତ କରିଥିବା ଜଣାପଡିଛି। ତେବେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ସୂଚନା ଦେଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାପାଇଁ ପୋଲିସ ଉଦ୍ୟମ ଚଲାଇଥିବା ସୂଚନା ଦେଇଛି।

### ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି

ସଇଁତଲା, ୭।୭ (ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲାପାଳ କିମ୍ବା ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ନ ରହିବାରୁ ଅଭିଯୋଗ କରିବାକୁ ଦୂରଦୂରାନ୍ତରୁ ଆସିଥିବା ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ମିର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ସଇଁତଲା ବ୍ଲକର ୨୨ଟି ପଞ୍ଚାୟତରୁ ଶତାଧିକ ଜନସାଧାରଣ ବିଭିନ୍ନ ଅଭିଯୋଗ ନେଇ ଆସିଥିଲେ। ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଉପଜିଲାପାଳ ରେହାନ କ୍ଷେତ୍ରୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର, ବ୍ଲକ ଅଞ୍ଚଳର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଜରୁରୀ

ଖପ୍ରାଖୋଲ, ୭।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପରିସରରେ ପରିବେଶ ସଚେତନତା ସଭା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ର ଅଧ୍ୟକ୍ଷା ସରିତା ନାଏକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ତଥା ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ଯୋଗଦେଇ ପରିବେଶ ସୁରକ୍ଷା ଓ ଜୈବ ବିବିଧତା ସୁରକ୍ଷା ପାଇଁ ବୃକ୍ଷ ରୋପଣ ଜରୁରୀ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ମହରାପଦର ଉଚ୍ଚ ବିଦ୍ୟାଳୟରେ ମଧ୍ୟ ବନ ମହୋତ୍ସବ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ନବ କିଶୋର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର ଯୋଗଦେଇଥିଲେ। ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ।




ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଛନ୍ତି।

# କୋଶଳି ପତ୍ରିକା ମୁହୁରି ଉନ୍ମୋଚିତ

### କବି ଅମୃତଲାଲଙ୍କୁ ପ୍ରଥମ ମହାତ୍ମା ପ୍ରୟାଗଦତ୍ତ ସମ୍ମାନ

ବଲାଙ୍ଗୀର, ୭।୭
(ବୀରେନ୍ଦ୍ର କୁମାର ଝାଙ୍କର)

କୋଶଲୀ ପତ୍ରିକା ମୁହୁରିର ଉନ୍ମୋଚନ ଉତ୍ସବ ରବିବାର ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ କୋଶଲୀ ସାହିତ୍ୟ ସଂସ୍କୃତି ବିକାଶ ପରିଷଦ ମୁଖ୍ୟ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ସଭାପତିତ୍ୱ କରିଥିଲେ। ଅତିଥି ବକ୍ତା ଭାବେ ସାହିତ୍ୟ ସଙ୍ଗଠକ ବଳଦେବ ଦୀକ୍ଷିତ, ଅମୃତଲାଲ ସାହୁ, ଲୋହିତାକ୍ଷ ଯୋଷୀ, ସୁଶାନ୍ତ କୁମାର ମିଶ୍ର, ଡ. ସୁବାସ ମେହେର, ଡ. ସନ୍ତୋଷ କୁମାର ରଥ, ଶରତ ଚନ୍ଦ୍ର ହୋତା ଓ ମଧୁସୂଦନ ଦାସ ମଞ୍ଚାସୀନ ଥିଲେ। କବି ସୁଶାନ୍ତ ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୀରେନ୍ଦ୍ର କୁମାର ବନଛୋର ମଞ୍ଚ ପରିଚାଳନା କରିଥିଲେ। ଟ୍ରଷ୍ଟ ମୁଖପତ୍ର ମୁହୁରିର କୁଲୁଆଁଫୁଟା ସଂଖ୍ୟା ଉନ୍ମୋଚନ ହେବା ସହ ମଧୁସୂଦନ ଦାଶଙ୍କ ଦ୍ୱାରା ଅନୁବାଦିତ ଦୁଇଟି ପୁସ୍ତକ 'ଛଏଁରା କାଜେ ସକାଲ୍ ଟେ' ଓ 'ଛାଁଟଲା କଥାନି' ଏବଂ ଲୋହିତାକ୍ଷ ଯୋଷୀଙ୍କ ରଚିତ ଇଂରାଜି ଅନୁବାଦିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜଣାଶୁଣା କବି ଅମୃତଲାଲ ସାହୁଙ୍କୁ ଜୀବନ ବ୍ୟାପୀ ସାରସ୍ୱତ ସାଧନା ପାଇଁ ମହାତ୍ମା ପ୍ରୟାଗଦତ୍ତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପଦ୍ମଶ୍ରୀ ଗୁରୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ଭିକାରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁନର୍ବାର ଭାଷା ଆଲୋଚନା ହେବା ପରେ ଏକ ବର୍ଣ୍ଣାଢ୍ୟ କବିତା ଆସର ଅନୁଷ୍ଠିତ ହୋଇଥିଲା। କବିତା ଆସରରେ ବିଶିଷ୍ଟ କବି ସୁଶାନ୍ତ ବାଗ, ଆନନ୍ଦ ଚନ୍ଦ୍ର ସାହୁ, ପୁସ୍ତମ ଜୁଆଡିଙ୍କ ସମେତ ବହୁ କବି କବିତା ପାଠ କରିଥିଲେ। ଉକ୍ତ ସଭାରେ ଗୋରେଖନାଥ ସାହୁ, ତହଁକ କୁଟୁମ୍ବର ମୁଖିଆ ରାଜେଶ ଦଣ୍ଡସେନା, ଆଶୁତୋଷ ମିଶ୍ର, କବି ନିର୍ମାଲ୍ୟ ସ୍ୱାଇଁ, ଶ୍ରୀପାଳ ପଣ୍ଡା, ବ୍ରଜ ମୋହନ ମେହେର, ମାନସ କୁମାର ଷଡଙ୍ଗୀ, ଲାଲଚନ ବର୍ଗର୍ତ୍ତି ମଞ୍ଚାସୀନ ଥିଲେ। କବି ଅର୍ଜୁନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କବି ଦିଲୀପ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଭିଜିତ ଆନନ୍ଦ ଫରିକାର ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।




କବି ଅମୃତଲାଲ ସାହୁଙ୍କୁ ପଦ୍ମଶ୍ରୀ ନରସିଂହ ଗୁରୁ ମହାତ୍ମ୍ୟ ପ୍ରୟାଗଦତ୍ତ ସମ୍ମାନ ପ୍ରଦାନ କରୁଛନ୍ତି।

# ଅଭିଯୋଗ ପାଇଁ ଲୋକେ ଆସୁନାହାନ୍ତି



ଜିଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର ନାୟକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

- ୧୫ ପଞ୍ଜୀକୃତ ଅଭିଯୋଗରୁ ୪ ସାମୂହିକ
- ସୁବର୍ଣ୍ଣପୁରରେ ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୭।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ତେବେ ଅଭିଯୋଗ ପାଇଁ କମ୍ ସଂଖ୍ୟକ ଲୋକେ ଆସିଥିଲେ। ଅଧିକାରୀଙ୍କୁ ଅପେକ୍ଷା କରିବାକୁ ପଡିଥିଲା। ଶୁଣାଣିରେ ଅଭିଯୋଗର ସମାଧାନ ହେଉନି, କିମ୍ବା ଜିଲାରେ ଲୋକଙ୍କର ସେମିତି ଅଭିଯୋଗ ନାହିଁ ତାହା ଅସ୍ପଷ୍ଟ ରହିଛି। ଜିଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର ନାୟକ ଶିବିରରେ ଯୋଗଦାନ କରି ୧୫ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୯ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ଥିଲା। ଦୁଇଟି ଦରଖାସ୍ତ ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରା ଯାଇଥିଲା। ଅନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ସଞ୍ଜିବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ଡ. ସୌମ୍ୟାରୂପା ରଥ, ସୋନପୁର ତହସିଲଦାର ଜି.ରଶ୍ମିରେଖାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

# ଅଧିକାରୀଙ୍କୁ ବରିଷ୍ଠ ନାଗରିକ ସଙ୍ଗଠନର ଦାବିପତ୍ର



ଦୈନିକ ବଜାର ପ୍ରାଙ୍ଗଣ ପ୍ରଦୂଷଣ ମୁକ୍ତ ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

**ବୀରମହାରାଜପୁର, ୭।୭ (ଯୁଗଳ କିଶୋର ମିଶ୍ର )**

**ଦୈନିକ ବଜାରରେ କୁଢ଼କୁଢ଼ ଆବର୍ଜନା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦର ମହକୁମାସ୍ଥିତ ଦୈନିକ ବଜାର ପ୍ରାଙ୍ଗଣରେ କୁଢ଼କୁଢ଼ ଆବର୍ଜନା ଜମି ସମଗ୍ର ପରିବେଶ ପ୍ରଦୂଷିତ ହେଉଛି। ଏହାର କୌଣସି ପ୍ରକାର ରକ୍ଷଣାବେକ୍ଷଣ କରାଯାଉନାହିଁ। ବର୍ଷା ପାଣି ଜମିରହିବା ପରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏ ସବୁ ସମସ୍ୟାକୁ ନେଇ ବୀରମହାରାଜପୁର ସଚେତନ ନାଗରିକ ତଥା ବରିଷ୍ଠ ନାଗରିକ ସଙ୍ଗଠନ ସଦସ୍ୟମାନେ ଅନୁଷ୍ଠାନ ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ନେତୃତ୍ୱରେ ସୋମବାର ମଧ୍ୟାହ୍ନ ୧୨ଟା୩୦ରେ ବିଡିଓ ବୀରମହାରାଜପୁରଙ୍କ କାର୍ଯ୍ୟାଳୟ ଯାଇଥିଲେ। ବିଡ଼ିଓଙ୍କ ଅନୁପସ୍ଥିତିରେ ଏକ ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା, ସନ୍ତୋଷ କୁମାର ଷଡଙ୍ଗୀ, ସୌମିତ୍ରୀ ମେହେର, ଚମରା ମହାକୁର, ପୂର୍ବତନ ସଭାପତି ଭଗବାନ ମିଶ୍ର, କୃଷ୍ଣଚନ୍ଦ୍ର ପାଢ଼ୀ, ବାସୁଦେବ ପଣ୍ଡା, ଅକ୍ଷୟ କୁମାର ମିଶ୍ର, ଅକ୍ରୂର ଦନ୍ତା, ଜିତେନ୍ଦ୍ର ପଧାନ,ସୁରୁ ସାହୁ , ବଳରାମ କାଣ୍ଡ, ଦୟାନିଧି ହୋତା ପ୍ରମୁଖ ସାମିଲ ହୋଇଥିଲେ।

# ନିବୃତ୍ତି ଯୋର ପୋଲ ବିପଦସଙ୍କୁଳ



ମରାମତି ଅଭାବରୁ ପୋଲରେ ଗର୍ତ୍ତ ସୃଷ୍ଟି ହୋଇଛି।

**ସୋନପୁର,୭।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଡୁଲୁଣ୍ଡା ପଞ୍ଚାୟତର ନର୍ଡା ଠାରୁ ନାଁଧରା ମଧ୍ୟରେ ଥିବା ନିବୃତ୍ତି ଯୋର ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୋଲ ଉପରେ ଯାତାୟାତ କରିବା ବିପଦପୂର୍ଣ୍ଣ ବୋଲି ସ୍ଥାନୀୟ ଅଧିବାସୀ ମତପ୍ରକାଶ କରିଛନ୍ତି। ଏହି ପୋଲଟି ପ୍ରାୟ ୧୦ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଦେଇ ପଡୋଶୀ ଜିଲା ବଲାଙ୍ଗୀର ସହରକୁ ଲୋକେ ଯାତାୟାତ କରନ୍ତି। ଅଞ୍ଚଳର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଚୁଡାଖାଇ ପାହାଡ଼ ସହିତ ମଧ ଯୋଗାଯୋଗ ସୁଗମ ହୋଇପାରୁଛି। କିନ୍ତୁ ଗତ ୨୦୧୯ ମସିହାରେ ଘଟିଥିବା ବନ୍ୟା ପରିସ୍ଥିତି ଯୋଗୁ ପୋଲର ସୁରକ୍ଷା ବାଡ଼ ଭାଙ୍ଗିଯାଇଛି। ପୋଲର ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସ୍ଥାନରେ କଂକ୍ରିଟ ଉଠି ଗର୍ତ୍ତ ସୃଷ୍ଟି ହୋଇଛି। ସେଥିପାଇଁ ଦୈନନ୍ଦିନ ଏହି ପୋଲ ଉପରେ ଛୋଟ ବଡ ଦୁର୍ଘଟଣା ଘଟୁଛି। ଏହି ପୋଲ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ହୋଇଥିବା ବେଳେ ଏହାର ମରାମତି କରାଯାଉନାହିଁ। ତୁରନ୍ତ ପୋଲର ସୁରକ୍ଷା ବାଡ଼ ନିର୍ମାଣ କରିବା ସହ କଂକ୍ରିଟ ପୋଲର ଗର୍ତ୍ତ ଗୁଡ଼ିକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କାଦୁଅ ପଚପଚ ଭାଲୁଡୁଙ୍ଗୁରି-ବିଶାଳପାଲି ରାସ୍ତା

**ବହଳପଦର ପଞ୍ଚାୟତ**

- ୫ ଗ୍ରାମରୁ ପଞ୍ଚାୟତ କାର୍ଯ୍ୟାଳୟକୁ ନାହିଁ ପକ୍କା ସଡ଼କ

**ଅମରପାଲି, ୭।୭(ପୀତାମ୍ବର ସାହୁ )**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରି-ବିଶାଳପାଲି ରାସ୍ତା କାଦୁଅ ପଚପଚ ହୋଇଛି। ଲଗାଣ ବର୍ଷା ପରେ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଉକ୍ତ ରାସ୍ତା ଉପରେ ବହଳପଦର ପଞ୍ଚାୟତର ବିଶାଳପାଲି, ପାତ୍ରପାଲି, ଟିଙ୍ଗିରାନାଲି, ହାତିଲିମୁଣ୍ଡା, କୁନ୍ଦପାଲ, ଭାଲୁଡୁଙ୍ଗୁରି, ବହଳପଦର ଆଦି ଗ୍ରାମର ଲୋକେ ନିର୍ଭର କରନ୍ତି। ପ୍ରାୟ ୨ କିଲୋମିଟର ବିଶଷ୍ଟ ଏହି ମାଟି ରାସ୍ତାର ଅନେକ ସ୍ଥାନରେ ଖାଲଖମା ହୋଇଛି। ଉକ୍ତ ଖାଲରେ ବର୍ଷା ପାଣି ଜମି ରହିବା ପରେ ଲୋକେ ଏହି ରାସ୍ତାରେ ଗଲା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଚାରିଚକିଆ ଯାନ କଥା ଛାଡନ୍ତୁ ବାଇକ, ସାଇକେଲ ଏପରିକି ଚାଲି କରି ଯିବା କଷ୍ଟକର ହୋଇପଡୁଛି। ଏହି ରାସ୍ତାକୁ ପକ୍କା ରାସ୍ତା କରିବା ପାଇଁ ପୂର୍ବରୁ ବହୁ ଦାବିସତ୍ତ୍ୱେ କେହି କର୍ଣ୍ଣପାତ କରି ନ ଥିଲେ। ରାଜ୍ୟରେ ନୂତନ ଭାଜପା ସରକାର ଆସିବା ପରେ ଲୋକଙ୍କ ଅନେକ ଭରସା ଥିଲା। ମାତ୍ର ଏ ଯାଏ ଉକ୍ତ ରାସ୍ତା ପ୍ରତି କେହି ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଉଛି। ଉକ୍ତ ରାସ୍ତାକୁ ପକ୍କା କଲେ ଏହି ଅଞ୍ଚଳ ସହିତ ସୁବଳୟା ଅଞ୍ଚଳକୁ ଯୋଗାଯୋଗ ସହଜ ହେବ। ଏହି ରାସ୍ତା ଦେଇ ପ୍ରାୟ ୫ଟି ଗ୍ରାମର ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ହିତାଧିକାରୀମାନେ ପିଡିଏସ ଚାଉଳ, ବିଭିନ୍ନ ଭତ୍ତା ନେବାକୁ ଆସିଥାନ୍ତି। ହେଲେ ରାସ୍ତା ଶୋଚନୀୟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜନ ପ୍ରତିନିଧି ଓ ପ୍ରଶାସନ ତୁରନ୍ତ ଏହି ରାସ୍ତା ସମସ୍ୟାକୁ ଗୁରୁତ୍ୱ ଦେଇ ଯୁଦ୍ଧକାଳୀନଭିତ୍ତିରେ ମରାମତି ଅଥବା ପକ୍କା କରିବାକୁ ସାଧାରଣରେ ଦାବି ହେଉଛି।



କାଦୁଅପୂର୍ଣ୍ଣ ଭାଲୁଡୁଙ୍ଗୁରି- ବିଶାଳପାଲି ରାସ୍ତା।

# ରଥ ତଳେ ଚାପିହୋଇଥିବା ବାଳକର ମୃତ୍ୟୁ

**ବିନ୍ଧିକା, ୭।୭(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନ୍ଧିକା ସହରରେ ବାହୁଡା ଯାତ୍ରାବେଳେ ରବିବାର ରଥତଳେ ଚାପିହୋଇ ଗୁରୁତର ହୋଇଥିବା ୪ବାଳକଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପିଙ୍କୁ ମେହେର(୧୨)। ସୋମବାର ଏହି ଖବର ପ୍ରଚାରିତ ହେବା ପରେ ବିନ୍ଧିକା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଅପରପକ୍ଷରେ ସୋମବାର ଷଷ୍ଠ ଶ୍ରେଣୀରେ ପିଙ୍କୁ ଅଧ୍ୟୟନ କରୁଥିବା ବିନ୍ଧିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାଥନା କରାଯାଇଥିଲା। ବରଗଡ଼ ଜିଲା ଭେଡେନ ବ୍ଲକ ସାର୍ନକିଡା ଗ୍ରାମପଞ୍ଚାୟତ ଝରାପାଲି ଗ୍ରାମର ମୂଳବାସିନ୍ଦା ଚୌଧୁରୀ ମେହେର ଓ ରୀନା ମେହେର ପୁଅ ପିଙ୍କୁ ଓ ୮ବର୍ଷର ଝିଅ ସହିତ ବିନ୍ଧିକାରେ ବ୍ୟବସାୟ କରି ରହୁଥିଲେ। ରଥଟଣା ବେଳେ ଏପରି ଅଘଟଣ କାହିଁକି ଘଟିଲା ତାହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବିହେଉଛି । ରବିବାର ଅପରାହ୍ନ ୪ ଟାରେ ରଥଟଣା ବେଳେ ଏହା ତଳେ ଚାପିହୋଇ ବିନ୍ଧିକା କଂସାରିପଡ଼ାର ପ୍ରତ୍ୟୁଷ ମାହାଣା (୧୧), ସରୋଜ ଦାସ(୯), ଆଦର୍ଶ ଦାସ (୯) ଏବଂ ନୂଆପଡ଼ାର ପିଙ୍କୁ ମେହେର (୧୨) ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ବିନ୍ଧିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପିଙ୍କୁଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ କଟକ ରେଫର କରିଥିଲେ। କଟକ ସ୍ଥାନାନ୍ତରବେଳେ ରେଢ଼ାଖୋଲଠାରେ ଚେତାଶୂନ୍ୟ ହୋଇଯିବାରୁ ରେଢ଼ାଖୋଲ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ମୃତ ପିଙ୍କୁ ମେହେର।

# ଦଳିତଙ୍କୁ ନିର୍ଯାତନା ଘଟଣାରେ ଦୋଷୀଙ୍କୁ ଦଣ୍ଡ ମିଳୁ

**ସୋନପୁର,୭।୭(ମୃତ୍ୟୁଞ୍ଜୟ ଶତପଥୀ)**

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ ଗୋ ଚାଲାଣ ସନ୍ଦେହରେ ୨ ଦଳିତଙ୍କୁ ନିର୍ଯାତନା ଦିଆଯାଇଥିଲା। ସିଙ୍ଗିପୁର ଗ୍ରାମର ବୁଲୁ ନାୟକ ଓ ବାବୁଲା ନାୟକଙ୍କୁ ଅଭିଯୁକ୍ତମାନେ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁବର୍ଣ୍ଣପୁର ଏସ୍‌ସି, ଏସ୍‌ଟି ମିଳିତ ମଞ୍ଚ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ସୋମବାର ମଞ୍ଚ ପକ୍ଷର ରାଜ୍ୟପାଳ ହରି ବାବୁ କମ୍ଭମପାଟିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ସ୍ମାରକପତ୍ର ଗ୍ରହଣ କରିଥିଲେ। ମଞ୍ଚର ସଭାପତି ଅଚ୍ୟୁତ ଛତ୍ର, ବୈକୁଣ୍ଠ ବାରିକ, ଶନ୍ତନୁ ବାଗ, ଯୁବ ନେତା ଅନିଲ କୁମାର ତାଣ୍ଡି, ପ୍ରଦୀପ ଜାଲ, କୁଶଳେଶ୍ୱର ସୁନା, ନାରାୟଣ ହରିପାଲ, ହାଡୁ ମିର୍ଗା, ରାଜୁ ଲୁହା, ସିଦ୍ଧେଶ୍ୱର ଲୁହା ଓ ରାଧାକାନ୍ତ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଗଣେଶ ପୂଜା ପ୍ରସ୍ତୁତି ବୈଠକ

**ଡୁଙ୍ଗୁରିପାଲି, ୭।୭(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ଛକ ନିକଟ କୁଦେଇପଡ଼ା ମା'ସମଲେଶ୍ୱରୀ କ୍ଲବ ୩୫ ବର୍ଷରେ ପଦାର୍ପଣ କରିଥିବା ଗଣେଶ ପୂଜା ନେଇ ଏକ ପ୍ରସ୍ତୁତି ବୈଠକ ପୂଜା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ହେମନ୍ତ କୁଦେଇଙ୍କ ସଭାପତିତ୍ୱରେ ଆସନ୍ତା ୨୭ ଅଗଷ୍ଟରେ ହେବାକୁ ଥିବା ଗଣେଶ ପୂଜା ନେଇ ଆଲୋଚନା ହୋଇଥିଲା। ଗତ ବର୍ଷର ଖର୍ଚ୍ଚ ହୋଇଥିବା ନେଇ ବାର୍ଷିକ ବିବରଣୀ ପଠନ କରାଯାଇଥିଲା। ଏହା ସହ ଏ ବର୍ଷ ଗଣେଶ ପୂଜା ପାଇଁ ନୂତନ କର୍ମକର୍ତ୍ତା ଗଠନ କରାଯାଇଛି। ପୂଜା କମିଟି ନୂତନ ସଭାପତିଭାବେ ଯଦୁମଣି କୁଦେଇ, ଉପସଭାପତି ସରୋଜ ପଧାନ, ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି, ସହ ସମ୍ପାଦକ ବିକାଶ ହାତୀ, କୋଷାଧ୍ୟକ୍ଷ ସ୍ୱାଗତ ସାହୁ ରହିଛନ୍ତି। ଦଶ ଦିନ ଧରି ହେବାକୁ ଥିବା ଗଣେଶ ପୂଜା ଓ ଭସାଣି ଉତ୍ସବ ପାଇଁ ବିଭିନ୍ନ ବିଭାଗ ଦାୟିତ୍ୱ ସଦସ୍ୟଙ୍କୁ ପ୍ରଦାନ କରାଯାଇଛି।

# ଅମରପାଲି ହାଇସ୍କୁଲରେ ବନମହୋତ୍ସବ

**ଅମରପାଲି,୭।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ସୋମବାର ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସଭାରେ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ଶିକ୍ଷକ ପଦ୍ମନାଭ ପ୍ରଧାନ, ସମ୍ବିତ ପ୍ରଧାନ ଓ ଶ୍ୟାମ ସୁନ୍ଦର ସେଠୀ ବନ ମହୋତ୍ସବ ପାଳନ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୃକ୍ଷ ଓ ଜଙ୍ଗଲ ଆମପାଇଁ କେତେ ଜରୁରୀ ତାହା କହିଥିଲେ। ଏହା ସହିତ ସମସ୍ତେ ବୃକ୍ଷ ରୋପଣ ପାଇଁ ଆଗ୍ରହ ପ୍ରକାଶ କରିବାକୁ ସେ ଆହ୍ୱାନ କରିଥିଲେ। ସଂସ୍କୃତ ଶିକ୍ଷକ ବ୍ରହ୍ମାନନ୍ଦ ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଖେଳ ଶିକ୍ଷକ କହ୍ନେଇ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ନଟବର ରଣାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଓ ଚାରା ଧରି ଗ୍ରାମ୍ୟ ପରିକ୍ରମା ପୂର୍ବକ ଲୋକଙ୍କୁ ବୃକ୍ଷରୋପଣ ସହିତ ଜଙ୍ଗଲ ନଷ୍ଟ ନ କରିବାକୁ ସଚେତନ କରିଥିଲେ। ପରେ ନଟିଆ ଚରଣ ସାହୁ, ଜଗନ୍ନାଥ ପ୍ରଧାନ ଓ ଗୋବର୍ଦ୍ଧନ ନାଏକଙ୍କ ତତ୍ତ୍ୱାବଧାନରେ ସ୍କୁଲର ପରିସରରେ ନିମ୍ବ, ଜାମୁ, କରଞ୍ଜ, କଦମ୍ବ ଆଦି ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ସ୍କୁଲର ଇକୋ କ୍ଲବ, ଜୁନିଅର ରେଡକ୍ରସ ସଦସ୍ୟ ଅଂଶ ଗ୍ରହଣ କରିଥିଲେ।




ଅମରପାଲି ହାଇସ୍କୁଲରେ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ ପାଇଁ ଚାରା ଧରିଛନ୍ତି।

# ରାଜସ୍ୱ ଅମଲା ସଂଘର କଳାବ୍ୟାଜ୍ ପରିଧାନ

**ପଦବୀ ପୂରଣ ହେଲାନି**

**ସୋନପୁର,୭।୭(ମୃତ୍ୟୁଞ୍ଜୟ ଶତପଥୀ)**

ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଅମଲା ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର ଜିଲା ଅଧ୍ୟକ୍ଷ ନୀଳାମ୍ବର ଶତପଥୀଙ୍କ ନେତୃତ୍ୱରେ ୧୦ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଜରିଆରେ ଜୁନ ୨୫ତାରିଖରେ ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାର ଦାବି ପୂରଣ ନ କରିବାରୁ ଜିଲାର ସମସ୍ତ ରାଜସ୍ୱ ଅମଲା କଳାବ୍ୟାଜ ପରିଧାନ କରି ସୋମବାର ପ୍ରତିବାଦ ଜଣାଇଛନ୍ତି। ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାୟୀ ଲେବେଲ-୯କୁ ବୃଦ୍ଧି କରିବା, ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮/୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲାପାଳମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରିବା, ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ କରିବା, ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ପ୍ରଦାନ ପାଇଁ ସଂଘ ଦାବି କରିଛି। ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲା ମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି ପାଇଁ ଦାବି ହୋଇଛି । ୧୩ ତାରିଖ ସୁଦ୍ଧା ଦାବିଗୁଡିକ ପୂରଣ ନ ହେଲେ ଜୁଲାଇ ୧୪ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘର ଜିଲା ଅଧ୍ୟକ୍ଷ ନୀଳାମ୍ବର ଶତପଥୀ, ଉପାଧ୍ୟକ୍ଷ ସହଦେବ ମେହେର, କାର୍ଯ୍ୟକାରୀ ସଭାପତି ସିତେଶ ପୂଜାହାରୀ, ସମ୍ପାଦକ ବନମାଳୀ ମେହେର ପ୍ରକାଶ କରିଥିଲେ। ଏହି ଅବସରରେ ଜିଲା ସଭାପତି ଜ୍ୟୋତିରଞ୍ଜନ ଦାନୀ, କୋଷାଧ୍ୟକ୍ଷ ଜିତେନ୍ଦ୍ରିୟ ଦୀପ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ କୁଅଁର, ମୁଖ୍ୟ ଉପଦେଷ୍ଟା ଅଶୋକ କୁମାର ମିଶ୍ର, ଜିଲା କାର୍ଯ୍ୟ ପରିଷଦ ସଭ୍ୟ ଶିବଦତ୍ତ ଦାସ, ଦୁଖୀଶ୍ୟାମ ସେଠୀ, ସଞ୍ଜୁକ୍ତା କାଣ୍ଡ, ମଛିନ୍ଦ୍ର ସୁନା, ଶିବାନନ୍ଦ ବାଘ, ବିରେନ୍ଦ୍ର ରଥ, ନିମାଇ ଚରଣ ବେହେରା, ଗୋବିନ୍ଦ ଚନ୍ଦ୍ର ବଢେଇ, ଜ୍ୟୋତ୍ସ୍ନାରାଣୀ ମେହେର, ନିଶିକାନ୍ତ ଦୋରା, ସ୍ୱପ୍ନା ଦୋରାଙ୍କ ସହ ଜିଲାର ସମସ୍ତ ଅମଲା ଏଂ ଉପବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ଅମଲାମାନେ।

## ସଂକ୍ଷେପରେ

### ଚାଷ ହେଉଥିବା ସରକାରୀ ଜମିରେ ଗଛ ନ ଲଗାଇବାକୁ କଂଗ୍ରେସର ଦାବି

ଦେବଗଡ଼, ୭।୭ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ବିଭିନ୍ନ ଗ୍ରାମରେ ଆଦିବାସୀ ଏବଂ ଚାଷୀମାନେ ଦୀର୍ଘବର୍ଷ ହେଲା ଚାଷ କରି ଆସୁଥିବା ସରକାରୀ ଜମିରେ ବନ ବିଭାଗ ପକ୍ଷରୁ ଗଛ ଲଗାଇବାକୁ ଉଦ୍ୟମ କରାଯାଉଛି। ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଚାଷ ହେଉଥିବା ସରକାରୀ ଜମିରେ ଚାରାରୋପଣ ନ କରି ଅନ୍ୟତ୍ର ଖାଲିଥିବା ଜଙ୍ଗଲ ଜମିରେ ଚାରାରୋପଣ କରିବାକୁ ଦାବି କରାଯାଇଛି। କଂଗ୍ରେସ ନେତା ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ରଞ୍ଜଣା ଭାଲିଆପାଳ ଏବଂ କନ୍ଦର୍ପ ଗ୍ରାମର ବହୁ ସଦସ୍ୟ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରିଆମାଳ ବ୍ଲକ ବାଘବର ପଞ୍ଚାୟତ ଅନ୍ତର୍ଗତ ରଞ୍ଜଣା ଭାଲିଆପାଳ ଏବଂ ତିଲେଇବଣି ବ୍ଲକ ଲଇମୁରା ପଞ୍ଚାୟତ କନ୍ଦର୍ପ ଗ୍ରାମରେ ଅନେକ ଆଦିବାସୀ ଲୋକ ବାସ କରୁଛନ୍ତି। ସେମାନଙ୍କର କୌଣସି ଚାଷଜମି ନ ଥିବାବେଳେ ବାପ, ଅଜା ଅମଳରୁ ସରକାରୀ ଜମିରେ ସେମାନେ ଚାଷ କରି ଗୁଜରାଣ ମେଣ୍ଟାଉଛନ୍ତି। କିନ୍ତୁ ବନ ବିଭାଗ ପକ୍ଷରୁ ଉକ୍ତ ଜମିରେ ଚାରାରୋପଣ ପାଇଁ ଉଦ୍ୟମ କରାଯାଉଛି। ଏଭଳି ହେଲେ ସେମାନେ ରୋଜଗାର ହରାଇବା ସହ ସମସ୍ୟାର ସମ୍ମୁଖୀନ ହେବେ। ଜଙ୍ଗଲ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ଜମି ରହିଥିଲେ ମଧ୍ୟ ବନ ବିଭାଗ କର୍ତ୍ତୃପକ୍ଷ ଉଦ୍ଦେଶ୍ୟମୂଳକ ଭାବେ ସେହି ଜମିରେ ଚାରାରୋପଣ କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଦାବିପତ୍ର ପ୍ରଦାନବେଳେ କଂଗ୍ରେସ ନେତା ରେବତୀ ମୋହନ ପଟ୍ଟନାୟକ, ରମେଶ ପାତ୍ର, ସଲ୍‌ମନ୍ ହେନେଜ ଓ ସାଗର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଜନଶୁଣାଣି ଶିବିରରେ ୫୦ ଅଭିଯୋଗ

ଝାରସୁଗୁଡ଼ା, ୭।୭ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟର ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆବୋଲୀ ସୁନୀଲ ନରୱାଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଆଇଏଏସ୍ ଅଫିସର (ପ୍ରୋବେସନର) ପ୍ରଜ୍ଞାନନ୍ଦ ଗିରି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୧୪ଟି ସାମୂହିକ ଓ ୩୬ଟି ବ୍ୟକ୍ତିଗତ ଅଭିଯୋଗ ଆଗତ ହୋଇଥିଲା। ଏହି ଅଭିଯୋଗର ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭିନ୍ନ ଅଧିକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଚିକିତ୍ସା ସହାୟତା ବାବଦକୁ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

# ରାସ୍ତା ମରାମତି, ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

## ବନ୍ୟା କ୍ଷୟକ୍ଷତି ସମ୍ପର୍କିତ ସମୀକ୍ଷା ବୈଠକ

ଝାରସୁଗୁଡ଼ା, ୭।୭ (ଆଶିଷ ରଞ୍ଜନ ଦାଶ)

ଲଗାଣ ବର୍ଷା ଯୋଗୁ ଝାରସୁଗୁଡ଼ା ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲୋକଙ୍କ ଘରେ ପାଣି ପଶିଥିବାବେଳେ ଚାଷଜମି ଜଳମଗ୍ନ ହୋଇଯାଇଛି। ଏପରି କି ଅନେକ ସ୍ଥାନରେ କଲ୍‌ଭର୍ଟ ଭାଙ୍ଗିଯାଇ ରାସ୍ତା ଧୋଇଯାଇଛି। ତେବେ ବନ୍ୟାରେ କ୍ଷୟକ୍ଷତିକୁ ନେଇ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ବନ୍ୟା କ୍ଷୟକ୍ଷତିର ଆକଳନ ସହ କ୍ଷତିପୂରଣ ପ୍ରଦାନ, ବର୍ଷାପାଣିରେ ଧୋଇଯାଇଥିବା ରାସ୍ତା ନିର୍ମାଣକୁ ନେଇ ସମୀକ୍ଷା କରିଥିଲେ। ଝାରସୁଗୁଡ଼ା ବିଧାନସଭା କ୍ଷେତ୍ରର ଲଇକେରା ବ୍ଲକ ଅଞ୍ଚଳରେ ୬ଟି ବନ୍ଧ ଓ ୪ଟି ରାସ୍ତା, କିର୍ମିରା ବ୍ଲକ ଅଞ୍ଚଳରେ ୧୯ଟି ବନ୍ଧ ଭାଙ୍ଗିବା ସହ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହିପରି ଝାରସୁଗୁଡ଼ା ପୌରାଞ୍ଚଳ ଅଧୀନ ପୁରୁଣା ବସ୍ତିର ବନ୍ଧ ଭାଙ୍ଗିଯାଇଥିବାବେଳେ ବହୁ ଚାଷଜମି ନଷ୍ଟ ହୋଇଛି। ବନ୍ଧ ଭାଙ୍ଗିଥିବା ସ୍ଥାନରେ ସୋମବାର ସନ୍ଧ୍ୟା ସୁଦ୍ଧା ବାଲିବସ୍ତା ଓ ମାଟି ପକାଯାଇଛି। ତୁରନ୍ତ ବନ୍ଧର ମରାମତି ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ନଷ୍ଟ ହୋଇଥିବା ରାସ୍ତା ମଙ୍ଗଳବାର ମରାମତି କରିବା ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୪୯ ନମ୍ବର ଜାତୀୟ ରାଜପଥ କାମ ଚାଲିଥିବାବେଳେ ୨ଟି ସ୍ଥାନରେ ବାଡ଼ ଭାଙ୍ଗି ଚାଷଜମିକୁ ପାଉଁଶ ମାଡ଼ିଯାଇଛି। ତେଣୁ ଏହି ଜମିର ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ। ସେହିପରି ବାଲି ମାଡ଼ିଯାଇଥିବା ଜମିର ଚାଷୀଙ୍କୁ ମଧ୍ୟ କ୍ଷତିପୂରଣ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଧାୟକ ତ୍ରିପାଠୀ କହିଛନ୍ତି, ଏନେଇ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ଏବଂ ଏସ୍‌ଆର୍‌ସିଙ୍କ ସହ କଥା ହୋଇଛି। ବନ୍ୟାଜନିତ କ୍ଷୟକ୍ଷତି, ରାସ୍ତା ମରାମତି ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ବୈଠକରେ ଜିଲାପାଳ ଆବୋଲୀ ସୁନୀଲ ନରୱାଣେ, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାରଙ୍କ ସମେତ ଜାତୀୟ ରାଜପଥ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ଶିବିରରେ ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

ଦେବଗଡ଼, ୭।୭ (ଶଶାଙ୍କ ଶେଖର ଝାଙ୍କର)

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୭ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ପୁନର୍ବାର ବିଦ୍ୟାଳୟ ଖୋଲିବା, ଜମିବାଡ଼ି ବିବାଦ, ପାନୀୟଜଳ ଆଦି ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରିକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରଶିକ୍ଷଣ ନେଲେ ୩୯ ବିଏଲ୍‌ଓ



କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଇଥିବା ବିଏଲ୍‌ଓ।

ଦେବଗଡ଼, ୭।୭ (ଶଶାଙ୍କ ଶେଖର ଝାଙ୍କର)

ନିର୍ବାଚନ ପ୍ରକ୍ରିୟାରେ ବୁଥ୍‌ସ୍ତରରେ ଶକ୍ତିଶାଳୀ ସଂଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଭାରତୀୟ ନିର୍ବାଚନ କମିଶନ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ବାରକୋଟ ବ୍ଲକ୍‌ରେ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କ ପାଇଁ ସୋମବାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ପରିକ୍ଷିତ ସାହୁ ଯୋଗଦେଇ ବିଏଲ୍‌ଓଙ୍କ ଭୂମିକା, ସତର୍କତା ଓ ତାଲିକା ଶୁଦ୍ଧୀକରଣ ପ୍ରକ୍ରିୟାରେ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ଡେପୁଟି କଲେକ୍ଟର ସୂର୍ଯ୍ୟକାନ୍ତ ବରିହା, ସୌମିତ୍ରୀ ପ୍ରସାଦ ଦେହୁରୀ, ଫାଗୁ ପାତ୍ର, ଅଜୟ କୁମାର ବେହେରା ଓ ଡମ୍ବରୁଧର ସାହୁ ପ୍ରମୁଖ ବିଏଲ୍‌ଓଙ୍କୁ ତାଙ୍କ ଦୈନିକ କାର୍ଯ୍ୟ, ଫର୍ମ ୬, ୬ଏ ୭, ୮ର ଠିକ୍ ବ୍ୟବହାର, ମାନ୍ୟତା ନିୟମ, ତ୍ରୁଟି ସଂଶୋଧନ ଓ ମାନବ ଅଧିକାର ସମ୍ବନ୍ଧିତ ମାମଲାରେ ସଚେତନ କରିଥିଲେ। ସେହିପରି ନିଜ କାର୍ଯ୍ୟକୁ ଆଧୁନିକ ଟେକ୍ନୋଲୋଜି ସହିତ ସମନ୍ୱୟ କରିବା ପାଇଁ ବିଏଲ୍‌ଓ ଆପ୍ ଏବଂ ଭିଏଚ୍‌ଏ ଆପ୍ ବ୍ୟବହାର ପ୍ରକ୍ରିୟା ବିଷୟରେ ଶିକ୍ଷା ଦିଆଯାଇଥିଲା। ମୋଟ ୩୯ ଜଣ ବିଏଲ୍‌ଓ ଏହି ପ୍ରଶିକ୍ଷଣରେ ଉପସ୍ଥିତ ଥିଲେ। ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଏଲ୍‌ଓମାନଙ୍କୁ କେବଳ ତଥ୍ୟ ନୁହେଁ, ବିଶ୍ୱାସ, ଦକ୍ଷତା ଓ ସେବା ମନୋଭାବ ଦେଇ ତାଲିକା ପ୍ରକ୍ରିୟାର ସଠିକତା ବଢ଼ାଇବାରେ ସାହାଯ୍ୟ କରିଥାଏ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି।

## ବର୍ଷାରେ ଧୋଇଗଲା ରାସ୍ତା

ବ୍ରଜରାଜନଗର, ୭।୭ (ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ପାୱାର ହାଉସ୍‌ରୁ ଏମ୍‌ଜାକୁ ସଂଯୋଗ କରୁଥିବା ରୋଡ୍ ଲଗାଣ ବର୍ଷାରେ ଧୋଇଯାଇଛି। ଫଳରେ ଲୋକମାନେ ଚଳାଚଳ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସମୟରେ କେବଳ ଚାଲି ଚାଲି ଯିବା ସମ୍ଭବ ହୋଇପାରୁଛି। ଏନେଇ ଗ୍ରାମବାସୀ ରୋଡ୍‌ର ଉପର ମୁଣ୍ଡରେ ପଡ଼ିଥିବା ବନ୍ଧକୁ ଦାୟୀ କରିଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଏହି ରୋଡ୍‌କୁ ଲାଗି ୯ ଏକର ଜମି ରହିଛି। ସେଥିମଧ୍ୟରୁ ୫ ଏକର ଜମିକୁ କେତେଜଣ ରାଜନୈତିକ ବ୍ୟକ୍ତି ଚକ୍ରାନ୍ତ କରି ବିକି ଦେଇଛନ୍ତି। ବଳକା ୪ ଏକର ଜାଗାରେ କଣ୍ଟା ରହିଛି। ୫ ଏକର ଜମିକୁ ଆବଦ୍ଧକରି ଏକ ଉଚ୍ଚ ଘେରିବନ୍ଧ କରାଯାଇଛି, ଯାହାଦ୍ୱାରା ସମସ୍ତ ବର୍ଷାପାଣି ଉପରମୁଣ୍ଡରେ ଅଟକି ରହୁଛି। ଏବେ ଲଗାଣ ବର୍ଷା ହେବାରୁ ଉପର ମୁଣ୍ଡରୁ ବେଶିମାତ୍ରାରେ ପାଣି ଆସି ରାସ୍ତା ଭାଙ୍ଗୁଛି। ଏହି ରୋଡ୍‌ଟି ୬ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ୩ ବର୍ଷ ତଳେ ତିଆରି କରାଯାଇଥିଲା। ପୌରାଧକ୍ଷ ଗୋପାଳ ସୀତାନି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ବନ୍ୟାବିପନ୍ନଙ୍କୁ ସହାୟତା ଦିଆଯିବ



୧୬ ନମ୍ବର ୱାର୍ଡରେ ପୌରାଧକ୍ଷା ରାନୀ ହାତୀ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ସ୍ଥିତି ଅନୁଧ୍ୟାନକଲେ ପୌରାଧକ୍ଷା

ଝାରସୁଗୁଡ଼ା, ୭।୭ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ୨ ଦିନ ଧରି ଲଗାଣ ବର୍ଷା ଫଳରେ ପାଣି ପଶିବାରୁ ୱାର୍ଡବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି। ପୌରାଧକ୍ଷା ରାନୀ ହାତୀ ଏବଂ ୧୬ ନମ୍ବର ୱାର୍ଡର କାଉନ୍‌ସିଲର ନବନୀତ କୌର ସୋମବାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସରବାହାଲ, ହଟଲିପଡ଼ା, ବଙ୍ଗାଳିପଡ଼ା, ଚୌକିପଡ଼ା, ଏକାତାଳି ଆଦି ଅଞ୍ଚଳ ସହ ବିଭିନ୍ନ ୱାର୍ଡ଼ ପରିଦର୍ଶନ କରିବାବେଳେ ସ୍ଥାନୀୟ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ। ପୌରାଧକ୍ଷାଙ୍କ ସହ ପୌରପରିଷଦର ଅଧିକାରୀମାନେ ବନ୍ୟା କ୍ଷୟକ୍ଷତିର ସମୀକ୍ଷା କରିବା ସହ ସରକାରୀସ୍ତରରେ ସମସ୍ତ ବନ୍ୟା ବିପନ୍ନଙ୍କୁ ଆବଶ୍ୟକ ରିଲିଫ୍ ଏବଂ ସହାୟତା ଯୋଗାଇଦେବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ।

# ଜଙ୍ଗଲ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ




କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତି ସଦସ୍ୟଙ୍କୁ ଚେକ୍ ପ୍ରଦାନ କରାଯାଉଛି।

## ୭୬ତମ ବନ ମହୋତ୍ସବ ପାଳିତ

ଦେବଗଡ଼, ୭।୭ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବନଖଣ୍ଡ ସମ୍ମିଳନୀ କକ୍ଷରେ ବନଖଣ୍ଡ ସ୍ତରୀୟ ୭୬ତମ ବନ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ବନଖଣ୍ଡ ଅଧିକାରିଣୀ ସ୍ୱାଧୀନତା ସାହାଣୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ 'ମା, ମାଟି ଏବଂ ମନୁଷ୍ୟ ପାଇଁ ଏକ ଗଛ ଲଗାଅ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁପତ୍ର ବିଭାଗର ସହକାରୀ ବନ ସଂରକ୍ଷକ ସଚିନ ପ୍ରଧାନ, ଦେବଗଡ଼ ବନ ସଂରକ୍ଷକ ଅରୁଣ କୁମାର ବେହେରା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ ଯୋଗଦେଇ ଜଙ୍ଗଲ ବୃଦ୍ଧି ଏବଂ ଏହାର ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଦେବଗଡ଼ ଜିଲାରେ ମାତ୍ର ୨୩ ପ୍ରତିଶତ ଜଙ୍ଗଲ ରହିଥିବାବେଳେ ଏହାକୁ ବୃଦ୍ଧି କରାଯାଇ ସବୁଜିମାରେ ପରିପୂର୍ଣ୍ଣ କରାଯିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଚଳିତବର୍ଷ ଦେବଗଡ଼ ଫରେଷ୍ଟ ଡିଭିଜନରେ ପ୍ରାୟ ୯ ଲକ୍ଷ ଚାରାରୋପଣ ପାଇଁ ବନବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ବିଭିନ୍ନ ଅନୁଷ୍ଠାନ, ସ୍କୁଲ ଛାତ୍ରୀଛାତ୍ର ଏବଂ ସମସ୍ତ ବିଭାଗର ମିଳିତ ଉଦ୍ୟମରେ ଏହାକୁ ସଫଳ କରାଯାଇପାରିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି। ଏହି ଅବସରରେ ସଫଳତାର ସହିତ କାର୍ଯ୍ୟ ତୁଲାଉଥିବା ବନ ସୁରକ୍ଷା ସମିତିକୁ ଅର୍ଥରାଶି ସହିତ ସମ୍ମାନିତ କରାଯାଇଥିଲା। ଏଥିସହ ମା' ପାଇଁ ଗଛଟିଏ ଅଭିଯାନ ଅଧୀନରେ ଚାରାରୋପଣ କରାଯାଇଥିଲା।

## ରେଙ୍ଗାଲି ଡ୍ୟାମ୍‌ରୁ ଅଚିହ୍ନା ମୃତଦେହ ଜବତ

ଦେବଗଡ଼, ୭।୭ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ଥାନା ଅନ୍ତର୍ଗତ ବାଲିରୋଇ ନିକଟସ୍ଥ ରେଙ୍ଗାଲି ଡ୍ୟାମ୍‌ରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ରବିବାର ଅପରାହ୍ନରେ ଉକ୍ତ ଡ୍ୟାମ୍‌ର ରଜାକଟା ଘାଟରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ଚିହ୍ନଟ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ସଂରକ୍ଷିତ ରଖାଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ମୃତଦେହଟି ବ୍ରାହ୍ମଣୀ ନଦୀର ଉପର ମୁଣ୍ଡରୁ ବନ୍ୟାଜଳରେ ଭାସି ଆସିଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ଆଖପାଖ ଥାନାକୁ ସୂଚନା ଦିଆଯାଇଛି।

# ନାବାଳିକା ଗର୍ଭବତୀ ହେବା ଘଟଣା: ଯୁବକ ଗିରଫ

## ବାଳସୁଧାର ଗୃହକୁ ଗଲେ ୩ ନାବାଳକ

ଦେବଗଡ଼, ୭।୭ (ଶଶାଙ୍କ ଶେଖର ଝାଙ୍କର)

ନାବାଳିକା ଗର୍ଭବତୀ ହେବା ଘଟଣାରେ ବାରକୋଟ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଗୁଞ୍ଜନ ଭୂୟାଁ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏହି ଘଟଣାରେ ୩ ଜଣ ନାବାଳକଙ୍କୁ ରାଉରକେଲାସ୍ଥିତ ବାଳସୁଧାର ଗୃହକୁ ପଠାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବାରକୋଟ ଥାନା ଅଞ୍ଚଳର ୧୫ ବର୍ଷୀୟା ନାବାଳିକା ପ୍ରାୟ ୫ ମାସର ଗର୍ଭବତୀ ହୋଇଥିବା ଶରୀରର ଗଠନ ଏବଂ ପରିବର୍ତ୍ତନରୁ ଜଣାପଡିବା ପରେ ପରିବାର ଲୋକେ ତାଙ୍କୁ ପଚରାଉଚରା କରିଥିଲେ। ପ୍ରାୟ ୫/୬ ମାସ ପୂର୍ବେ ଗୁଞ୍ଜନ ଓ ଅନ୍ୟ ୩ ଜଣ ନାବାଳକ ଭିନ୍ନ ଭିନ୍ନ ସମୟରେ ବଳାତ୍କାର କରିଥିବା ନାବାଳିକା ଜଣଙ୍କ କହିଥିଲେ। ଏନେଇ ନାବାଳିକାଙ୍କ ବାପା ରବିବାର ବାରକୋଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତବେଳେ ଗୁଞ୍ଜନ ଓ ଅନ୍ୟ ୩ ଜଣ ନାବାଳକ ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ଫଳରେ ପୋଲିସ ସୋମବାର ଗୁଞ୍ଜନଙ୍କୁ ଗିରଫ କରିଥିବାବେଳେ ୩ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରିଥିଲା। ପରେ ସେମାନଙ୍କୁ ରାଉରକେଲାସ୍ଥିତ ବାଳସୁଧାର ଗୃହକୁ ପଠାଯାଇଛି।

## ମୋବାଇଲ୍ ଲୁଟ୍ ଘଟଣା: ୪ କୋର୍ଟ ଚାଲାଣ

ଝାରସୁଗୁଡ଼ା, ୭।୭ (ଆଶିଷ ରଞ୍ଜନ ଦାଶ)

ମୋବାଇଲ୍ ଫୋନ୍ ଲୁଟ୍ ଘଟଣାରେ ବଡ଼ମାଲ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ାର ସତ୍ୟଜିତ ମିଶ୍ର, କୁତ୍ରା ସୁନ୍ଦରପଦା ଅଞ୍ଚଳର କୃଷ୍ଣଚନ୍ଦ୍ର ମିଶ୍ର, ଝାରସୁଗୁଡ଼ା ବିଟିଏମ୍ ଅଞ୍ଚଳର ଶୁଭମ୍ ମହାପାତ୍ର ଓ ସାରସମାଲ ଅଞ୍ଚଳର ପ୍ରଶାନ୍ତ କୁମାର ମୁଣ୍ଡା। ବୃନ୍ଦାମାଲ ଗ୍ରାମର ଛବିଳ ଡିଲ୍ଲା ସ୍ଥାନୀୟ କାରଖାନାରେ ଡ୍ୟୁଟି ସାରି ଗତ ୨୬ ତାରିଖ ସକାଳ ୯ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ୨ ଜଣ ଯୁବକ ଏକ ବାଇକ୍‌ରେ ଆସି ଗୌଡପଡ଼ା ଛକରେ ଛବିଳଙ୍କୁ ଅଟକାଇବା ସହ ବୋତଲରେ ଆକ୍ରମଣ କରି ଏକ ମୋବାଇଲ ସହ ୪୫୦୦ ଟଙ୍କା ଲୁଟି ନେଇଥିଲେ। ଏନେଇ ଛବିଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ଜିଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା

ଝାରସୁଗୁଡ଼ା, ୭।୭ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଂସ୍କୃତି ଭବନରେ ଜିଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ଓଡ଼ିଆ ଭାଷା ସମ୍ପର୍କିତ ସାଧାରଣ ଜ୍ଞାନ ଏବଂ ଇଂଲିଶ୍‌ରୁ ଓଡ଼ିଆ ଅନୁବାଦ ସମ୍ପର୍କିତ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। କନିଷ୍ଠ ବର୍ଗରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଏବଂ ବରିଷ୍ଠ ବର୍ଗରେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ଅନୁମୋଦନକ୍ରମେ ଜିଲାର ସମସ୍ତ ବ୍ଲକ ଓ ପୌରପାଳିକା ଅଞ୍ଚଳରୁ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତି ବିଭାଗରୁ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ଶିବପ୍ରିୟା ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଅଜୟ ଜେନା ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ଆଲିଶ ପଟେଲ, ନିହାଲ ଭୋଇ, ଧୀରଜ ପଧାନ, ସମୀର କିଷାନ ଓ କିଙ୍ଗ୍‌କଙ୍ଗ୍ ନାଏକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଲୋକଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ

## ଓପିଜିସିର ୫, ୬ ୟୁନିଟ୍ ସମ୍ପ୍ରସାରଣ ପାଇଁ ଜନଶୁଣାଣି

ଝାରସୁଗୁଡ଼ା, ୭।୭ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବନହରପାଲିସ୍ଥିତ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ(ଓପିଜିସି) ପ୍ରକଳ୍ପର ୫ ଏବଂ ୬ ନମ୍ବର ୟୁନିଟ୍ ସମ୍ପ୍ରସାରଣ ପାଇଁ ସୋମବାର ପୂର୍ବାହ୍ନରେ ପରିବେଶଗତ ମଞ୍ଜୁରୀ ଲାଗି ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ୬୬୦ ମେଗାୱାଟ୍ ତାପଜ ବିଦ୍ୟୁତ୍ ଉତ୍ପାଦନ କ୍ଷମତାବିଶିଷ୍ଟ ଓପିଜିସିର ଏହି ଦୁଇଟି ୟୁନିଟ୍ ସମ୍ପ୍ରସାରଣ ଲାଗି ତେଲେନ୍‌ପାଲି ବଜାର ପଡ଼ିଆରେ ଉକ୍ତ ଜନଶୁଣାଣି ହୋଇଥିଲା। ୨୦୦୬ରେ ପ୍ରକାଶିତ ପରିବେଶ ପ୍ରଭାବ ଆକଳନ ନିୟମ ଅନୁଯାୟୀ, ୫୦୦ ମେଗାୱାଟ୍‌ରୁ ଅଧିକ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରାଗଲେ ପରିବେଶ ମଞ୍ଜୁରୀ ଲାଗି ଜନଶୁଣାଣି ନିହାତି ଦରକାର। ଏଣୁ ଓପିଜିସି ଦ୍ୱାରା ଏକ ଜନଶୁଣାଣିର ଆୟୋଜନ କରାଯାଇଥିଲା। ଏହି ଦୁଇ ୟୁନିଟ୍ ସ୍ଥାପନ ହେଲେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଥିବା ଗରିବ, ବିଧବା, ଦିବ୍ୟାଙ୍ଗଙ୍କ କଲ୍ୟାଣ ଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଦକ୍ଷତା ବୃଦ୍ଧି, କ୍ରୀଡ଼ା ଓ ବିଦ୍ୟାଳୟଗୁଡ଼ିକୁ ସହାୟତା ବୃତ୍ତି ପ୍ରଦାନ ବ୍ୟବସ୍ଥା କରାଯିବ। ତାପଜ ବିଦ୍ୟୁତ୍ କେନ୍ଦ୍ରରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସହିତ ୩୫୦୦ ଲୋକଙ୍କ ପାଇଁ କର୍ମସଂସ୍ଥାନ ସୃଷ୍ଟି କରାଯିବ। ପ୍ରଦୂଷଣ ନିୟନ୍ତ୍ରଣ ଓ ପ୍ରଶମନ ବ୍ୟବସ୍ଥାକୁ କଡ଼ାକଡ଼ି କାର୍ଯ୍ୟକାରୀ କରାଯିବ ବୋଲି ଜନଶୁଣାଣିରେ ଆଲୋଚନା ହୋଇଥିଲା। ଝାରସୁଗୁଡ଼ା ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ହିରଣ୍ୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଓପିଜିସିର ଇଏଚ୍‌ଏସ୍ ମୁଖ୍ୟ ସୀତାରାମ ସାହୁ, ସ୍ଥାନୀୟ ଜନପ୍ରତିନିଧି, ଅଧିକାରୀଙ୍କ ସହିତ ଶତାଧିକ ଲୋକ ଯୋଗଦେଇଥିଲେ। ଲୋକମାନେ ଏହାକୁ ସମର୍ଥନ କରିଥିବାବେଳେ ଓପିଜିସି ପକ୍ଷରୁ ମଧ୍ୟ କମ୍ପାନୀ ସମ୍ପ୍ରସାରଣକୁ ନେଇ ଉତ୍ତର ରଖାଯାଇଥିଲା। ଲୋକଙ୍କ ଯେଉଁ ସମସ୍ୟା ଅଛି ତାହାକୁ ସମାଧାନ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପଣ୍ଡା କହିଛନ୍ତି।



ଜନଶୁଣାଣି କାର୍ଯ୍ୟକ୍ରମରେ ଅଧିକାରୀ ଓ ଜନସାଧାରଣ।

# ପ୍ରେମିକଙ୍କ ସହ ମିଶି ଶଯ୍ୟାଶାୟୀ ସ୍ୱାମୀଙ୍କୁ ହତ୍ୟା

**ନାଗପୁର(ମହାରାଷ୍ଟ୍ର),୭।୭**

ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବା ଜଣେ ପକ୍ଷାଘାତ ରୋଗରେ ପୀଡ଼ିତ ଶଯ୍ୟାଶାୟୀ ସ୍ୱାମୀଙ୍କୁ ଜୀବନ ଦେବାକୁ ପଡ଼ିଛି। ମୃତକ ହେଉଛନ୍ତି ନାଗପୁର ନିବାସୀ ଚନ୍ଦ୍ରସେନ୍ ରାମଟେକ। ଚନ୍ଦ୍ରସେନ୍‌ଙ୍କୁ ତଳେ ପକାଇ ପ୍ରେମିକଙ୍କ ଦ୍ୱାରା ମୁହଁକୁ ତକିଆରେ ଚାପି ହତ୍ୟା କରିଛନ୍ତି ସ୍ତ୍ରୀ ଦିଶା ରାମ୍‌ଟେକ୍। ପରେ ସ୍ୱାମୀଙ୍କ ମୃତ୍ୟୁକୁ ସ୍ୱାଭାବିକ ଦର୍ଶାଇବା ପାଇଁ ବିଭିନ୍ନ ନାଟକ କରିଥିଲେ। ହେଲେ ପୋଷ୍ଟମର୍ଟମ ରିପୋର୍ଟରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିବା ପରେ ପୋଲିସ ଦିଶା ଏବଂ ତାଙ୍କ ପ୍ରେମିକ ଆସିଫ୍ ଇସ୍‌ଲାମ ଅନ୍‌ସାରୀ ଓରଫ ରାଜାବାବୁ ଟାୟାର ବାଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନା ଅନୁସାରେ ୩୮ବର୍ଷୀୟ ଚନ୍ଦ୍ରସେନ୍ ୧୩ ବର୍ଷ ତଳେ ଦିଶାଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ଝିଅ ଏବଂ ୬ବର୍ଷର ଏକ ପୁଅ ଅଛି।



ଗତ ୨ବର୍ଷ ତଳେ ଚନ୍ଦ୍ରସେନ ପକ୍ଷାଘାତ ରୋଗର ଶିକାର ହୋଇଥିଲେ। ଫଳରେ ସେ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ଫଳରେ ଦିଶା ପାଣି ଜାର୍ ବିକ୍ରି କରି ଯାହା ଅର୍ଥ ଉପାର୍ଜନ କରୁଥିଲେ ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ସ୍ତ୍ରୀଙ୍କ ଚରିତ୍ର ଉପରେ ଚନ୍ଦ୍ରସେନ ବିଭିନ୍ନ ସମୟରେ ସନ୍ଦେହ କରି ଆସୁଥିଲେ। ଗତ ୨ମାସ ତଳେ ମେକାନିକ୍ ଆସିଫ୍‌ଙ୍କ ସମ୍ପର୍କରେ ଦିଶା ଆସିଥିଲେ। ଖୁବ୍ କମ୍ ଦିନରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଯାଇଥିଲା। ଦିଶା ଏବଂ ଆସିଫ୍‌ଙ୍କ ମଧ୍ୟରେ ଅବୈଧ ସମ୍ପର୍କରେ ଜାଣିବା ପରେ ଚନ୍ଦ୍ରସେନ ଏହାକୁ ବିରୋଧ କରିଥିଲେ। ଏପରି କି ଏହି ଘଟଣାକୁ ନେଇ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କିଛିଦିନ ତଳେ ପାଟିତୁଣ୍ଡ ସହ ଝଗଡ଼ା ମଧ୍ୟ ହୋଇଥିଲା। ସ୍ୱାମୀଙ୍କ ଏଭଳି ବିରୋଧକୁ ସହ୍ୟ କରି ନ ପାରି ତାଙ୍କୁ ଜୀବନରୁ ମାରିଦେବାକୁ ଦିଶା ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ପ୍ରେମିକ ଆସିଫ୍‌ଙ୍କ ସହ ମିଶି ସ୍ୱାମୀଙ୍କୁ ମାରିବାକୁ ଦିଶା ଯୋଜନା କରିଥିଲେ। ଗତ ଶୁକ୍ରବାର ଅପରାହ୍ନରେ ଚନ୍ଦ୍ରସେନ୍ ଶୋଇଥିବା ବେଳେ ଦିଶା ତାଙ୍କ ପ୍ରେମିକ ଆସିଫ୍‌ଙ୍କୁ ଫୋନ କରି ଡାକିଥିଲେ। ଆସିଫ୍ ସେଠାରେ ପହଞ୍ଚିବା ପରେ ଦିଶା ସ୍ୱାମୀ ଚନ୍ଦ୍ରସେନଙ୍କୁ ଖଟ ଉପରୁ ତଳକୁ ପକାଇ ଦେଇଥିଲେ। ଏହାପରେ ଆସିଫ୍ ଏକ ତକିଆରେ ଚନ୍ଦ୍ରସେନ୍‌ଙ୍କ ମୁହଁକୁ ଚାପି ଦେଇଥିଲେ। ନିଃଶ୍ୱାସ ବନ୍ଦ ହେବା ପର୍ଯ୍ୟନ୍ତ ତକିଆରେ ଚାପି ଧରିବାରୁ ଚନ୍ଦ୍ରସେନଙ୍କ ମୃତ୍ୟୁ ଘଟିଥିଲା। ପରେ ସ୍ୱାମୀ ଚନ୍ଦ୍ରସେନଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଥିବା ସମସ୍ତଙ୍କୁ କହିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରିପୋର୍ଟରୁ ଚନ୍ଦ୍ରସେନଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ଯୋଗୁ ହୋଇଥିବା ଜଣାପଡ଼ିବା ପରେ ଦିଶାଙ୍କୁ ପୋଲିସ ଡାକି ପଚରାଉଚରା କରିଥିଲା। ଦିଶା ସ୍ୱାମୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ପ୍ରେମିକ ଆସିଫ୍‌ଙ୍କୁ ପୋଲିସ ଗିରଫ କରିଥିଲା।

# ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା, ଅଭିଯୁକ୍ତ ଗିରଫ

**ଟେନ୍‌ସା, ୭।୭(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ମାଲଦା ପଞ୍ଚାୟତ କାକରପାଣି ଗ୍ରାମରେ ଶନିବାର ରାତିରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏହି ଘଟଣାରେ କୋଇଡ଼ା ପୋଲିସ ଅଭିଯୁକ୍ତ ଗାବ୍ରିଏଲ ସୁରିନଙ୍କୁ ଗିରଫ କରି ସୋମବାର ବଣାଇଁ କୋର୍ଟ ଚାଲାଣ କରିଛି। ତାଙ୍କ ଘର ଝାଡଖଣ୍ଡ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏନେଇ ଥାନାରେ କେସ୍ (ନଂ. ୧୨୩/୨୫)ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ଅଞ୍ଚଳର ଅମ୍ରିତ ଯୋଯୋ ଓ ତାଙ୍କ ସାଙ୍ଗ ଗାବ୍ରିଏଲ କୋଇଡା ଥାନା ଅନ୍ତର୍ଗତ କାକରପାଣି ଗ୍ରାମରେ ରହି ସ୍ଥାନୀୟ ମିତ୍ତଲ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ହେବ ଗାବ୍ରିଏଲ ଅସୁସ୍ଥ ହୋଇପଡ଼ିଥିଲେ। ବହୁ ଚିକିତ୍ସା ପରେ ମଧ୍ୟ ସେ ଆରୋଗ୍ୟ ନ ହେବାରୁ ତାଙ୍କର ଚିନ୍ତା ବଢ଼ିଥିଲା। ତେବେ ଅମ୍ରିତ ତନ୍ତ୍ରମନ୍ତ୍ର ତଥା ଗୁଣିଗାରେଡ଼ି କରୁଥିବାରୁ ଏପରି ହେଉଥିବା ଗାବ୍ରିଏଲ ସନ୍ଦେହ କରିଥିଲେ। ଶନିବାର ସକାଳେ ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଭୀଷଣ ପାଟିତୁଣ୍ଡ ହୋଇଥିଲା। ଏଥିରେ ଗାବ୍ରିଏଲ ରାଗିଯିବା ସହ ଅମ୍ରିତଙ୍କୁ ଜୀବନରୁ ମାରିଦେବାକୁ ସ୍ଥିର କରିଥିଲେ। ଶନିବାର ରାତି ପ୍ରାୟ ୧୦ଟାରେ କୋଇଡ଼ାରୁ ବାହୁଡ଼ା ଯାତ୍ରା ଦେଖି ଉଭୟ କାକରପାଣି ଗ୍ରାମକୁ ଫେରୁଥିଲେ। ଫେରିବା ବେଳେ ପୁଣି ପୂର୍ବ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଗାବ୍ରିଏଲ ରାଗିଯାଇ ଏକ ବଡ଼ ପଥରରେ ଅମ୍ରିତଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ପରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଦେଖି କୋଇଡା ପୋଲିସକୁ ଖବର ଦେଇଥିଲେ। କୋଇଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ଘର ଆଗରେ ଭାଜପାକର୍ମୀଙ୍କୁ ହାଣି ହତ୍ୟା

**ଗୋପାଳପୁର,୭।୭ (ନବୀନ ରାଜ ଆଚାରୀ)**

ଗଞ୍ଜାମ ଜିଲ୍ଲା ଗୋଲନ୍ଥରା ଥାନା ସିଙ୍ଗାବାଡି ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ତାଙ୍କ ଘର ଆଗରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଦିଲୀପ କୁମାର ପାତ୍ର(୪୭)। ସେ ଭାଜପାର ଜଣେ କର୍ମୀ ବୋଲି ଜଣାପଡ଼ିଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଘଟଣାରେ ସମ୍ପୃକ୍ତ ଜଣଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. କହିଛନ୍ତି।

ଦିଲୀପ ଗାଁରେ ହାର୍ଡୱେର ଦୋକାନ କରିବା ସହ ଗାଡ଼ି ଭଡ଼ା ଲଗାଇ ଚଳୁଥିଲେ। ରବିବାର ରାତି ପ୍ରାୟ ୧୦ଟାରେ ସେ ଘରେ ଥିବା ବେଳେ ଗ୍ରାମର କେତେଜଣ ପଶି ଆସି କୌଣସି କଥାକୁ ନେଇ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ଗଣ୍ଡଗୋଳ ବଢ଼ିବାରୁ ଦିଲୀପ ନିଜକୁ ବଞ୍ଚାଇବା ପାଇଁ ବାହାରକୁ ଚାଲି ଆସିଥିଲେ। ଘର ବାରଣ୍ଡାରେ ଅଭିଯୁକ୍ତମାନେ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ, ପିଠି ସହ ଶରୀରର ବିଭିନ୍ନ ସ୍ଥାନକୁ ହାଣି ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ସେଠାରେ



ସିଙ୍ଗାବାଡି ଗ୍ରାମରେ ପୋଲିସ ତଦନ୍ତ କରୁଛି।

ପହଞ୍ଚିଥିଲା। ପରିବାର ଲୋକେ ଓ ପୋଲିସ ମିଶି ଗୁରୁତର ଅବସ୍ଥାରେ ଦିଲୀପଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍., ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡା ଓ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ସାଇଣ୍ଟିଫିକ ଟିମ୍ ପହଞ୍ଚି ରକ୍ତ ଓ ଅନ୍ୟ ନମୁନା ସଂଗ୍ରହ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ୨/୩ ଦିନ ତଳେ ବାଇକ୍ ଦୁର୍ଘଟଣା ପରେ ଦିଲୀପ ଓ ଗ୍ରାମର ପୀତବାସ ଗୌଡ଼ଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦିଲୀପ କ୍ଷତିପୂରଣ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ଝଗଡ଼ା ହୋଇଥିବା ଜଣାପଡିଛି। ହତ୍ୟା ନେଇ ଦିଲୀପଙ୍କ ଭାଇ ହରିଶ୍ଚନ୍ଦ୍ର ପାତ୍ରଙ୍କ ଅଭିଯୋଗ ଅନୁସାରେ ନଂ.୨୮୬/୨୫ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସ୍ୱାଇଁ କହିଛନ୍ତି। ବ୍ରହ୍ମପୁରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପୋଲିସ ଗୁଳିରେ ଦୁର୍ଦ୍ଧାନ୍ତ ମାଓବାଦୀ ନେତା ସୋଡି ନିହତ

**ମାଲକାନଗିରି, ୭।୭ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ଜଣେ ୮ ଲକ୍ଷ ପୁରସ୍କାର ଘୋଷିତ ଦୁର୍ଦ୍ଧାନ୍ତ ମାଓବାଦୀ ନେତା ସୋଡି କାନ୍ନାଙ୍କ ନିହତ ହୋଇଛନ୍ତି। ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବଙ୍କ ସୂଚନା ଅନୁଯାୟୀ, ଜିଲାର ନ୍ୟାଶନାଲ ପାର୍କ ଅଞ୍ଚଳରେ ଟପ୍ କ୍ୟାଡର ମାଓବାଦୀମାନେ ଥିବା ସୂଚନା ପାଇ ଡିଆର୍‌ଜି, ଦାନ୍ତେୱାଡା ଏସ୍‌ଟିଏଫ୍, କୋବ୍ରା ଓ ସିଆର୍‌ପିଏଫ୍ ବାହିନୀ ସର୍ଚ୍ଚ କରିଥିଲେ। ନ୍ୟାଶନାଲ ପାର୍କ ଅଞ୍ଚଳରେ ତେଲଙ୍ଗାନା ରାଜ୍ୟ ସମିତି, ନ୍ୟାଶନାଲ ପାର୍କ ଏରିଆ କମିଟି, ପିଏଲଜିଏ ବାଟାଲିୟନ ନଂ. ୧ ତଥା ଅନ୍ୟ ସଶସ୍ତ୍ର ମାଓବାଦୀମାନେ ସକ୍ରିୟ ଥିବା ପୋଲିସକୁ ସୂଚନା ମିଳିଥିଲା। ଗତ ୪ ତାରିଖରୁ ସର୍ଚ୍ଚ ଚାଲିଥିବା ବେଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି



ଜବତ ବନ୍ଧୁକ ଓ ମାଓବାଦୀ ସାମଗ୍ରୀ।

ରହିଥିଲା। ତେବେ ଗତ ୩ ଦିନଧରି ଗୁଳି ବିନିମୟ ବେଳେ ସୋମବାର ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ଘଟଣାସ୍ଥଳରୁ ଜଣେ ମାଓବାଦୀଙ୍କ ମୃତଦେହ ସହ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା। ଏଥିସହ ଘଟଣାସ୍ଥଳରୁ ୩୦୩ ରାଇଫଲ୍, ୬୪ ଅଫୁଟା ଗୁଳି, ଏକେ ୪୭, ପୋଷାକ, କୋଡେକ୍ସ ତାର, ଡିଟୋନେଟର, ପୁସ୍ତିକା, ରେଡିଓ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

## ଇନ୍‌ଫର୍ମର ସନ୍ଦେହରେ ପୂର୍ବତନ ସରପଞ୍ଚଙ୍କ ଗଳାକାଟି ହତ୍ୟା

**ମାଲକାନଗିରି, ୭।୭(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ରେ ମାଓବାଦୀମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣେ ପୂର୍ବତନ ସରପଞ୍ଚଙ୍କ ଗଳାକଟି ହତ୍ୟା କରିବା ସହ ମୃତଦେହକୁ ଗାଁ ମୁଣ୍ଡରେ ପୋପାଡି ଚାଲି ଯାଇଛନ୍ତି। ମୃତକ ହେଲେ ବିଜୟ ଜବା।

ଏପରି ଘଟଣା ଦେଖିବାକୁ ମିଳିଛି ବିଜାପୁର ଜିଲାରେ। ମୋଦକାପାଲ ଥାନା ଚିନ୍ନାକୋଡେପାଲ ଗ୍ରାମର ପୂର୍ବତନ ସରପଞ୍ଚ ବିଜୟଙ୍କୁ ରବିବାର ରାତିରେ କେତେଜଣ ସଶସ୍ତ୍ର ମାଓବାଦୀ ତାଙ୍କ ଘରୁ ଉଠାଇନେଇ ଜଙ୍ଗଲରେ ଗଳାକାଟି ହତ୍ୟା କରିଥିଲେ। ପରେ ମୃତଦେହକୁ ଗାଁ ମୁଣ୍ଡରେ ଫୋପାଡି ଚାଲିଯାଇଥିଲେ। ଏହା ଜଣାପଡିବା ପରେ ଲୋକେ ପୋଲିସକୁ ଖବର ଦେଇଥିଲେ। ବିଜାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ରାଜ୍ୟ ଖବର

# ଲୋକେ ନିଜକୁ ଅସହାୟ ନ ଭାବନ୍ତୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୭(ସୁନିତ୍ ମିଶ୍ର)**

ସମାଜର ଶେଷ ଧାଡ଼ିରେ ଥିବା ଲୋକମାନେ ଯେପରି ନିଜକୁ କେବେ ଅସହାୟ ନ ଭାବନ୍ତି ଏବଂ ସାଧାରଣ ଲୋକଟିଏ ଯେପରି ଅନୁଭବ କରେ, ସରକାର ସୁଖଦୁଃଖରେ ତା' ସହିତ ସବୁବେଳେ ଅଛନ୍ତି, ଏହି ମହତ ଉଦ୍ଦେଶ୍ୟ ରଖି ସରକାର କ୍ରମାଗତ ଭାବେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୋମବାର ଭୁବନେଶ୍ୱର ସ୍ଥିତ ୟୁନିଟ-୨ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ପଞ୍ଜୀକୃତ କରିଥିବା ୧୦୦୦ ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ୭ ଜଣ ବରିଷ୍ଠ ମନ୍ତ୍ରୀ ଏହି ଅବସରରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପ୍ରଥମେ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଭିନ୍ନକ୍ଷମ ଲୋକଙ୍କ ପାଖକୁ ଯାଇଥିଲେ।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନ ଅଭିଯୋଗ ଶୁଣାଣି କରୁଛନ୍ତି।

